ବାପା

ରମାକାନ୍ତ ସାମନ୍ତରାୟ

Source: Author, Digitized by PPRACHIN, SOA

ବାପ

ରମାକାନ୍ତ ସାମନ୍ତରାୟ

INK ODISHA
ଇଂକ୍‌ଓଡ଼ିଶା

Source: Author, Digitized by PPRACHIN, SOA

ବାପ
ଉପନ୍ୟାସ

ରମାକାନ୍ତ ସାମନ୍ତରାୟ

ପ୍ରକାଶକ : ଇଂକ୍‌ଓଡ଼ିଶା ,୧୧୫ /୧୪୭୫ , ଆଚାର୍ଯ୍ୟ ବିହାର, ଭୁବନେଶ୍ୱର :୧୩,ଓଡ଼ିଶା

ମୁଦ୍ରଣ : ଶୋଭନ୍ , ଆଚାର୍ଯ୍ୟ ବିହାର , ଭୁବନେଶ୍ୱର -୧୩

ପ୍ରଥମ ପ୍ରକାଶ : ଅଗିରା ପୁନେଇଁ, ୨୦୦୦

ଅଳଙ୍କରଣ : ବିଭୂପ୍ରସାଦ ପଟ୍ଟନାୟକ

ମୂଲ୍ୟ : ୩୫ ଟଙ୍କା

[redacted]

an ink odisha publication

baapa

a debut novel of ramakant samantray
published by : sunanda pradhan , ink odisha,
115/1475 acharya vihar, bhubaneswar -13, orissa,
illustration : bibhu prasad patnaik

first edition : 19th february 2000 *rate : rs 35/-*

Source: Author, Digitized by PPRACHIN, SOA

ବାପାଙ୍କୁ ..

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ନମସ୍କାର.....ଆପଣବି ଏଇ ବସ୍‌ରେ.....କ'ଣ ଅଫିସ୍ ଯାଉଛନ୍ତି ତ ?

ଝିଅଟି ଏତିକି ପଚାରିଲା ଓ ସଙ୍ଗେ ସଙ୍ଗେ ଖାଲି ହେଇଥିବା ବିନୟର ପାଖ ସିଟ୍‌ରେ ବସିପଡ଼ିଲା । ବିନୟକୁ ଚିହ୍ନା ଚିହ୍ନା ମନେହେଉଥିଲେ ବି ସେ ଠିକ୍‌ରେ ମନେ ପକେଇ ପାରିଲାନି କୋଉଠି ଦେଖିଛି ଏ ଝିଅଟାକୁ ।

ଓଃ.. ସିଟ୍‌ଟେ ମିଳିଗଲା.... ।

ଲୁଗା କାନି ଓ ଭ୍ୟାନିଟ୍ ବ୍ୟାଗକୁ ସଜାଡୁ ସଜାଡୁ ପୁଣି କହିଲା ଝିଅଟି ।

ବିନୟର ମନେ ପଡ଼ିଗଲା..... ତାରି ଅଫିସ୍‌ରେ ଏ ଟୋକୀ ଟାଇପିଷ୍ଟ ଅଛି । ଏତିକିବି ତାର ମନେପଡ଼ିନଥାନ୍ତା । ଯଦି ଝିଅଟି 'ସାଙ୍ଗ ବାହାଘର ଥିଲାତ ସେଇଥିପାଇଁ ଗଲା ଦିନ ହେଲା ଆସିପାରୁନଥିଲି' କହିନଥାନ୍ତା ।

ବିନୟ ମୋଟ୍ରୁ ଚାରିଦିନ ତଳେ ସେ ଅଫିସ୍‌ରେ ଜଏନ୍ କରିଥିଲା । ଗୋଟେ ମାତ୍ର ଦିନ ଏ ଟୋକୀକୁ ଦେଖିଛି ଅଫିସ୍‌ରେ । ଗୋଟେ ଦିନ କ'ଣ ପନ୍ଦର କୋଡ଼ିଏ ମିନିଟ୍ ହବକି କ'ଣ । ବାହାରୁ ବାହାରୁ ତ ଆସିଥିଲା ମାଲିକକୁ ଦେଖାକରି । ତଥାପି ତା'ର ଠିକ୍‌ରେ ମନେପଡୁନଥିଲା ଅଫିସ୍‌ରେ ଟାଇପ୍‌ରାଇଟର୍ ଉପରେ ହାମୁଡ଼େଇ ଥିବା ଟୋକୀ ଏଇ ବୋଲି । ତାର କିଛି ମନେନାହିଁ । ତା'ପରେ

Source: Author, Digitized by PPRACHIN, SOA

ବାପ ୬

ଏମ୍ତିକା ଟୋକୀକୁ କିଏ ମନେରଖେ ?

ବିନୟ ଟିକେ କଣେଇକି ଚାହିଁଲା.....

ଟୋକୀଟା କାଳୀରେ ଯିବ । ବାଳ ଗୁରାକୁ ଝାମ୍ପୁରା କରିଛି । ବିନୟ ଆଡ଼କୁ ଥିବା ଗାଲରେ ଦି-ତିନିଟା ବ୍ରଣ । ଆଗରୁ ବ୍ରଣ ହଉଥିଲା ,ସେଇଥିପାଇଁ ମୁହଁସାରା କଳା କଳା ଦାଗ । ମେଞ୍ଚେ ହଳଦି ପୁଣି ମଖା ହେଇଛି ସେଇଥିରେ । ବିନୟ ଏମ୍ତିକା ଟୋକୀ ଦେଖିଲେ ଭାବେ ଏଗୁଡ଼ା ଭାରୀ ଅସନୀ ହୋଇଥିବେ । ଆଠକାଳି ବାରମାସୀ ଯାପ..... କେୟାର ଫ୍ରି ବାନ୍ଧୁଥିବେ..... ଛ୍ୟା.....ଛ୍ୟା..... । ପ୍ରକୃତରେ ଟୋକୀ ନାମାଇଁ ପଚରୀ ନା ନାହିଁ ?

ବିନୟ ଦିଥର ନାକ ସୁଁ ସୁଁ କଲା ଧିରେ । ଟୋକୀ କୋଉ ଭଲ କଂପାନୀ ପାଉଡ଼ର ପକେଇଛି । ମହକୁଛି । କାନରେ ବ୍ଲାକ୍ ମେଟାଲର ମୋଡ଼ି ମୋଡ଼ି ଫୁଲଟେ । ନାକ ଫୁଲଟା ବୋଧେ ସୁନାର । କେଯାଣି ଇମିଟେସନ୍ ହୋଇଥିବକି କଣ ? ବେକରେ ବି ହାରୁଟା ସୁନା ଭଳିଆ ମନେହେଉଛି । ତାପରେ ବିନୟର ଏ ସୁନା ରୂପା ବିଷୟରେ ଏତେ ଜ୍ଞାନ ନାହିଁ ।

ଟାଉନ୍ ବସ୍‌ଟା ପ୍ରକୃତରେ ଭିଡ଼ ଅଛି । ବିନୟ ଆଗ ପଛ ଆଖିପକେଇ ଜାଣିଲା । ଟୋକୀଟାକୁ ଝରକା ପାଖ ସିଟ୍‌ଟା ଛାଡ଼ିଦେଲେ ହୁଅନ୍ତା । ଲୋକଗୁଡ଼ାକ ଭିଡ ଭିତରେ ନଦି ହୋଇପଡ଼ିଲେଣି । ତାପରେ ବିନୟ ପୁଣି ଭାବିଲା.....ୟାକୁ ଲୋକଙ୍କ ନଦା ଭଲ ଲାଗୁଥିବ । ନହେଲେ କହନ୍ତାନି - ଆପଣ ୟାଡ଼ିକି ଟିକେ ବସନ୍ତୁ ।

ବିନୟ କେତେବର୍ଷ ହେଲାଣି ଟାଉନ୍‌ବସ୍‌ରେ ଯାଇ ଯାଇ ଜାଣିଛି ଯେତେଝିଅ ସବୁଦିନିଆ ଟାଉନ୍‌ବସ୍‌ରେ ଯା'ଆସ କରନ୍ତି ସେଥିରୁ ବାରଣାଙ୍କ ଖୋଇ ଅଛି । ଯୋଉଠି ଟୋକା ଠିଆ ହେଇଥିବେ ସେଇଠି ଖୁନ୍ଦେଇ ପଶିବେ । ଆଗପଛ ସୋଉଠୁ ଯେତେ ଘଷି ମାଛି ହେଉଥା କିଛି ନାହିଁ ।

.....ଶଃ.....ୟାପ ଭଲ ଲାଗୁଥିବ ବୋଲିନାଁ..... ନହେଲେ କ'ଣଟା ଘୋରି ହେଇଯାଉଛିକି ?

ଆଜିକାଲି ଆଉ ବଅସ ନାହିଁ । ନହେଲେ ସାଙ୍ଗ ସାଥିରେ ବିନୟ ଏମ୍ତି କେତେ କାମ କରିଛି ବସ୍‌ରେ । କେତୁଟା କିଛି କହନ୍ତିନି । ବେଧେଇ ହେଲେ କଥା ସରିଲା । ବେଧଙ୍କର ତ ମଜା ନିଗୁଡୁଥିବ । ଆଉ କେଇଟା ସତୀ ଦେଖେଇ ଫିଡ଼ିକି ଯାଆନ୍ତି..... ବିନୟ ଜାଣେ ବାରଘଇତେଇ ଯାକ ବେଶୀ ସତୀଗିରି ଦେଖାନ୍ତି ।

ଏ ଶାଳୀ ଟୋକୀ ସେଇଥିରୁ ଗୋଟାଏ । ୟାଳପ... ଯଦି ଆଉ ଟିକେ ସୁନ୍ଦରୀ ହେଇଥାନ୍ତା.....

Source: Author, Digitized by PPRACHIN, SOA

ବିନୟ କାଚ ଦେଇ ବାହାରକୁ ଚାହିଁଲା । ଭାରୀ ଗରମ । ତା'ଭିତରେ ପୁଣି ବସ୍ ଭିତରର ଗୁଳୁଗୁଳି । ଗଞ୍ଜି ଫଞ୍ଜି ସବୁ ଓଦା ହେଇ ସାରିଲାଣି । ଚଡିଟା ଦି ସପ୍ତାହ ହେଲା ସଫା ହେଇପାରୁନି କୋଳ ଖାଇଗଲାଣି । ପୋଡୁଛି । ହାତମାରି ଟିକେ ସାଇଜ୍ କଲେ ହୁଅନ୍ତା । ଏ ଶାଳୀ ପାଖରେ ବସିଛି । ନା ଥାଉ..... । ଏ ଗରମରେ ଏ ଟୋକୀଗୁଡ଼ା ଏତେ ପରସ୍ତ ନୁଗାପଟା କେମିତି ସଂଭାଳୁଛନ୍ତି କେଯାଣି ?

କଣ୍ଡକ୍ଟର ଟିକେଟ ମାଗିଲା ।

ବିନୟ ଟିକଟ କରିନଥିଲା । ଛାତି ପକେଟ୍‌ରୁ ପାଞ୍ଚ ଟଙ୍କିଆଟେ ବଢ଼େଇଲା । ସେ ଟୋକୀ ତା ପର୍ସ ଅଣ୍ଡାଳୁ ଅଣ୍ଡାଳୁ କଣ୍ଡକ୍ଟର ତାକୁ ଟଙ୍କାଟେ ଫେରାଇଲା । ବିନୟର ପ୍ରକୃତ ଭଡ଼ା ଦୁଇଟଙ୍କା । ସେ ସେଇକଥା ପଚାରୁ ପଚାରୁ କଣ୍ଡକ୍ଟର ଦିଇଟା ଟିକେଟ ଦେଲା ବିନୟକୁ । ବିନୟ ଘଟଣା ବୁଝିଗଲା । ପର୍ସରୁ ଦିଟଙ୍କିଆ କଏନ୍ ଗୋଟେ ବାହାର କରିସାରି ସେ ଟୋକୀ ବିନୟକୁ କହିଲା

- ଆରେ ଆପଣ କାହିଁକି.......

ବିନୟ ହସିବାକୁ ଚେଷ୍ଟାକଲା । ଶଳା ଦିଟଙ୍କା ମାଗଣାରେ ପଳେଇଲା ସକାଳୁ ସକାଳୁ । ବିନୟର ମୁଡ୍ ଅପ୍ ହେଇଗଲା । ସିଆଡୁ ଟୋକୀଙ୍କ ପିଛେ ଟଙ୍କା ଖର୍ଚ୍ଚ ହେଲେ ବିନୟକୁ ବାଧେ.......

ଛାଡ଼...........

ବସ୍‌ରୁ ବିନୟ ଓହ୍ଲେଇଲା । ବସ୍ ଷ୍ଟପରୁ ଅଳ୍ପକିଛି ଚାଲିବାକୁ ହୁଏ ଅଫିସ୍‌ରେ ପହଁଚିବାକୁ ।

ବିନୟ ସାଙ୍ଗରେ ସେ ଟୋକୀ ଗୋଟା ନେଳି ଫୁଲପକା ଛତା ମୁଣ୍ଡେଇ ଚାଲିଲା । ଗୁମ୍‌ମାରି କିଛି କଥା ନକହି ଏମିତି ମୁସ୍‌କାମୁହାଁ ହେଇ କାହା ସାଙ୍ଗରେ ବାଟ ଚାଲିବାକୁ ବିରକ୍ତିଆ ଲାଗେ । ତାପରେ କୋଉଠୁ କଥା ଆରମ୍ଭ କରାଯାଇପାରେ ସେ ଟୋକୀ ସାଙ୍ଗରେ ବିନୟ ଭାବୁଥିଲା ।

-ଆପଣ କୋଉଠି ରହୁଛନ୍ତି ? ଝିଅଟି ହଠାତ୍ ପଚାରିଲା ବିନୟକୁ ।

-ଗାନ୍ଧୀ କଲୋନୀରେ । ଏତିକି କହି ବିନୟ ଭାବିଲା ସେବି ପଚାରିବକି....ଆପଣ କୋଉଠି ରହୁଛନ୍ତି......? ହେଲେ କାଳେ ଟୋକୀଟା ୟାଡୁ ସ୍ୟାଡୁ କଣ ଭାବିବ ଭାବି ବିନୟ ଚୁପ୍ ରହିଲା ।

-ମୁଁ ହନୁମାନ ମନ୍ଦିର ପଛରେ ରହୁଛି । ବାଟ ଚାଲୁ ଚାଲୁ ଛାଏଁକୁ ଛାଏଁ କହିଲା ୯ଏ

Source: Author, Digitized by PPRACHIN, SOA

ବାପ ।
ଟୋକୀ ।

ଆଉ କିଛି କଥା ନଥିଲା । ବିନୟ ଟିକେ ପଛେଇଗଲା । ଖରାଟା କାଟୁଛି । ରାସ୍ତା ଉପରେ କଳା ରଂଗର ଫୁଲଟେ ଫୁଟିଲା ପରି ଛତାର ଛାଇ ପଡ଼ିଛି । ଛାଇକୁ କୁଦି କୁଦି ଚାଲିଛି ସେ ଟୋକୀ । ଦିହଳ ଚପଲ ରଚ୍ ରଚ୍ କରୁଛି ରାସ୍ତା ବାଲିକୁ । ବୁନ୍ଦାଏ ଝାଳ ନାକ ଉପର ଦେଇ ତଳକୁ ଗଡ଼ିଆସିଲା । ବିନୟ ରୁମାଲ୍ ବାହାର କଲା ।

ଅଫିସ୍ ଆସିଗଲା ।

ବିନୟ ତା ଟେବୁଲ୍‌ରେ ବସିଲା । ଛୋଟରାୟ ବାବୁ ଆସିନାହାନ୍ତି ବୋଧେ । ତାଙ୍କ ଚେୟାର ଖାଲି । ସେ ଶୀଘ୍ର ପଳେଇ ଆସିଲାକି ?

ବିନୟ ଘଣ୍ଟା ଦେଖିଲା.....

ହଁ ଟିକେ ଜଲ୍‌ଦି ହେଇଯାଇଛି ।

ପୁରୁଣା କାମ କିଛି ବାକି ନାହିଁ ଆଜିକି । ବିନୟ ତା ଚଷମା ଖୋଲି ଟେବୁଲ୍‌ରେ ରଖିଲା । ରୁମାଲ ବାହାର କରି ଟିକେ ପୋଛିହେଲା । ଏ ଶଳା ଫ୍ୟାନ୍‌ଗୁଡା ଆଜିକାଲି ଆଉ ଭଲ ଘୁରୁନାହାନ୍ତି । ଗରମ ଯୋର୍‌ରେ ହଉଛି । ସଞ୍ଜବୁଡୁକୁ ବର୍ଷା ହେବକି କଣ ।

ବିନୟକୁ ଏ ଅଫିସ୍ ମୋଟୁରୁ ଆଉନି । ସେ ଆଗରୁ ଯୋଉ କଂପାନୀରେ ଥିଲା ପଇସା ସିନା ଏତେ ମିଳୁନଥିଲା ହେଲେ ମଜା ଥିଲା । ସେ ପୁରୁଣା କଂପାନୀର କାମଥିଲା ମସଲା ମସଲି ତିଆରି କରିବା । ଯୋଉ ଗାଡ଼ି ବୁଲିବୁଲି ଦୋକାନମାନଙ୍କରେ ଜିନିଷ ଦେଉଥିଲା ସେ ସେଥିରେ ଯାଇ ଜିନିଷ ଦେବା, ପଇସା ଆଣିବା, ପୁରୁଣା ବାକି ତୁଟାଇବା କାମ କରୁଥିଲା ବିନୟ । ଏଠି ଶଳା ମୁହଁ ହାମୁଡ଼େଇ ଟେବୁଲ୍ ଉପରେ ବସିବାକୁ ହେଉଛି ।

ଏଇ ଚାରିପାଞ୍ଚ ଦିନରେ ବିନୟର ଏ ଅଫିସ୍ ଉପରେ ମୋଟାମୋଟି ଧାରଣା ହେଇଗଲାଣି । ସଂସାର ଗୋଟାକର ଠକ ଏଇଠି ଏକାଠି ହେଇଛନ୍ତି । ହ୍ୟାପ..... କେହି କାହାରିକି ଉଣା ନୁହଁନ୍ତି ।

ପ୍ରକୃତରେ ଏଠି କାମ ଏତେ ଭାରୀ ନାହିଁ । ଦିନଗୋଟାକ ଗୋଟା ଘୁଡୁଘୁଡିଆ ଅଟୋଟାରେ ଦିଇ ଚାରିପୁଳା ଫାଇଲ୍‌ଧରି ଦୋକାନ ଦୋକାନ ବୁଲିବାଠୁ ଏଠି ଟେବୁଲ୍ ଚେୟାରରେ ବସିବାରେ ଆରାମ୍ ଅଛି ।

ଏ କଂପାନୀର କାମ ଥିଲା ଟ୍ରାନସ୍‌ପୋର୍ଟିଂ । ଆଉ ବିନୟର କାମଥିଲା କେତେ ନମ୍ବର ଗାଡ଼ି କୁଆଡ଼ିକି ଗଲା ଫାଇଲ୍‌ରେ ଚଢ଼େଇବା । କେତେବେଳେ ଦେମ୍‌ତି ବିକାଶ ବାବୁ ନଥିଲେ ଗାଡ଼ିରେ ବସି କୁଆଡ଼ିକି ଯିବା ।

Source: Author, Digitized by PPRACHIN, SOA

ଅଲଗା କଂପାନୀମାନେ ବିଭିନ୍ନ ଜିନିଷ ନବା ଆଣିବା ନେଇ ତାଙ୍କ କଂପାନୀ ଉପରେ ନିର୍ଭର କରୁଥିଲେ । କଂପାନୀର ୩୦ ଟା ଖଣ୍ଡେ ଟ୍ରକ ଆଉ ୧୦-୧୫ଟା ମିନିଟ୍ରକ୍ । ଯଦିଓ କଂପାନୀ ଏତେ ବଡ଼ ନୁହଁ ତଥାପି ମାଲିକର ବହେ ରୋଜଗାର ହେଉଥିବ ବୋଲି ବିନୟ ଭାବି ନେଇଥିଲା ।

ଅଫିସ୍‌ରେ ଷ୍ଟାଫ୍ କହିଲେ ପାଞ୍ଚଜଣ । ଛୋଟରାୟଟା ମ୍ୟାନେଜର । ବିକାଶ ବାବୁ ଅଫିସ୍‌ରେ ପ୍ରାୟ ରହନ୍ତିନି । ଗାଡ଼ି ସାଙ୍ଗରେ ଯାଡ଼ିକି ସ୍ୟାଡ଼ିକି ଯାଆନ୍ତି । ତିନିରେ ସେ ଟାଇପିଷ୍ଟ କାଳୀ ଟୋକୀ । ମନୁଆ ପିଅନ ଆଉ ଶେଷରେ ସେ ନିଜେ ଏତିକି ।

ମ୍ୟାନେଜର, ବିକାଶ ମିଶ୍ର ଆଉ ସେ ଗୋଟେ ରୁମ୍‌ରେ ବସନ୍ତି । ସେଇ ରୁମ୍‌ରୁ ଆଉ ଗୋଟେ ରୁମ୍‌କୁ ବାଟ । ବାଟ ପାଖରେ ବସେ ସେ ଟୋକୀ । ରୁମ୍ ଭିତରେ ମାଲିକ ବସେ । ଦୁଆର ମୁହଁରେ ବସେ ମନୁଆ । କ୍ରୁଂ କ୍ରୁଂ କିନା ହେଲେ ଭିତରକୁ ଦୌଡ଼େ । ବିନୟକୁ ମନୁଆ ଠିକ୍ ଗୋଟା ବିଲୁଆ ଭଳିଆ ଦୃଶେ । ବିଲୁଆ ମୁହଁ ଆଗକୁ ଲମ୍ବିଗଲା ଭଳିଆ ତା ମୁହଁ ଟିକେ ଆଗକୁ ଲମ୍ବି ଯାଇଛି ସେଇଥି ପାଇଁକି କଣ ।

ମନୁଆ ପିଲାଟା ଭଲ । ହେଲେ ଟିକେ ଗାଲୁଆ ଗଉଁଆ ଖୋଇ ଅଛି । ଚାରି ଡ଼ାକରେ ଓ' କରିବ । ଛୋଟରାୟଟା ଛୋକାରଟେ । ନାକ ଉପରେ ଚଷମା ରଖିଥିବ । ନାକଟା ବଡ଼ । ଛୋଟରାୟ କ'ଣ ଲେଖିଲାବେଳକୁ ବିନୟ ତା ନାକୁକୁ ଅନାଏ । ନାକର ଦିପୁଡା ସବୁବେଳେ ଉଠାପକା ହଉଥାନ୍ତି । ଘଡ଼ିଏ ଛାଡି ଘଡ଼ିଏ ଖଳାବୁଢ଼ା ନାକ ଟେକେ । ଚଷମାକୁ ଠିକ୍ ଯାଗାରେ ରଖିବାକୁ । ବିକାଶ ମିଶ୍ରଟା ନାଲାୟକ୍ । ଅଫିସ୍‌ରେ ନଥାଏ କେତେବେଳେକେ ପହଁଚେ । ମନହେଲେ ଓଟଭଳିଆ ମୁହଁଟେକି ବେକଟାକୁ ଚେୟାର ଉପରେ ରଖି ଘୁଙ୍ଗୁଡ଼ି ପେଲେ ।

ବିନୟ ଜାଣେ ଛୋଟରାୟ ମାଖୁନାକୁ ମ୍ୟାନେଜର । ନହେଲେ ବିନୟ ମିଶ୍ର ସବୁ ।

କ୍ରୁଁ୍ୟ.......କ୍ରୁଁ୍ୟ......କ୍ରୁଁ୍ୟ.......

ବିନୟ ଫୋନ୍ ଉଠେଇଲା ।

ସେପଟରୁ କିଏ ଗୋଟା କୋଉ ବାସନ୍ତୀକୁ ଖୋଜୁଛି । ବାସନ୍ତୀ ନାନୀ କିଏ ?

ଏ କାଳୀ ଛୋପରୀର ନାଁ ବାସନ୍ତି ନା କଣ ?

ଫୋନ୍‌ରେ ସେପଟକୁ ଟିକେ ଅପେକ୍ଷା କରିବାକୁ କହି ସେ ମନୁଆକୁ ଚାହିଁଲା । ମନୁଆ ଟୁଲ୍ ଉପରେ ଦୁଆର ମୁହଁରେ ଖୁଣ୍ଟ ଭଳିଆ ବଇଛି । ଆଖି ଠାରି ତାକୁ ପାଖକୁ ଡ଼ାକିଲା ବିନୟ ।

Source: Author, Digitized by PPRACHIN, SOA

-ବାସନ୍ତୀ କିଏ ?

ମନୁଆ ବିନୟକୁ କିଛି ନକହି ଆଉ ରୁମ୍‌କୁ ଚାହିଁ ବଡ଼ ପାଟିରେ ଡ଼ାକିଲା ।

-ଦିଦି......ଦିଦି......ଫୋନ୍.......

ଟକ୍....ଟକ୍.....ଟକ୍..... ବିରକ୍ତିଆ ଶବ୍ଦ ବନ୍ଦ ହେଇଗଲା । ବିନୟ ଚାହିଁଲା ସ୍ୟାଡିକି । ଟୋକୀ ଶାଢ଼ୀ କାନିରେ ମୁହଁ ପୋଛି ପୋଛି ତା ଆଡ଼କୁ ଆସୁଛି ।

ବିନୟ ଫୋନ୍ ରିସିଭର ବଢ଼େଇଲା । ଇଚ୍ଛା ନଥିଲେବି ଜାଣି ଜାଣି ଟିକେ ହାତ ବଢେଇଦେଲା ବାସନ୍ତୀ ହାତରେ ।

କିଏ ଫୋନ୍ କରିଛି କେଜାଣି ?

କଥା ହଉ ହଉ ସମୁଦାୟ ଫୋନ୍‌ଟାକୁ ବି ଉଠେଇ ଆଉ ରୁମ୍ ଚାଲିଲା ବାସନ୍ତୀ ।

ବିନୟ ବାସନ୍ତୀର ପଛକୁ ଚାହିଁଲା ।

ଟୋକୀ ପିଚା ମୋଟେଇଛି । ଶଃ ଝୁଅ ପିଲାଙ୍କ ପିଚା ଏଡ଼େ ଏଡ଼େ କାହିଁକି ?

ଆଉ ଏ ବାସନ୍ତୀ ପିଚାକୁ ଦେଖୁନ.....ଛ୍ୟା.....ଛ୍ୟା......

କଣ ନା ବାସନ୍ତୀ......,

କାଳୀ......ଅସନୀ....ଛୋପରୀ.....ପଚରୀ.....ଥୁଃ.....

ଆଜି ଅଫିସ୍‌ରେ ଏତେ କାମ ନାହିଁ । ଯାହା କିଛି ପୁରୁଣା କାମ ଥିଲା । ଅଧଘଣ୍ଟାରେ ସରିଗଲା ।

ଆଜି ଶଳା ରାସ୍ତାରେ ଟାଉନ୍‌ବସ୍ ସାଙ୍ଗରେ ଝାମେଲା ହେଇଗଲା । ପ୍ରକୃତରେ ବିନୟ ଭାବିଥିଲା ଆଜିବି ହନୁମାନ ମନ୍ଦିର ପାଖରେ ବାସନ୍ତୀ ଉଠିବ , ସେଇଥିପାଇଁ ପାଖରେ ସିଟ୍‌ଟେ ରଖିଥିଲା । ସେଇଥିରୁ ଟିକେ ପାଟିହେଲା । ଛାଡ଼ । ଶଳା ନିଜକୁ ସରମ ନାହିଁ । ଧୁତ୍.......

ମାଲିକ ଦିଦିନ ହେଲାଣି ରାଉରକେଲା ଯାଇଛି । ଯାପ.... ଛୋଟରାୟ ଠାପଉଛି । କାଲି ୧୨ଟା ବେଳକୁ ଆସି ନାଞ୍ଜ ହଲେଇଲା । କଣ ନା..... ବୁଝିଲେ

Source: Author, Digitized by PPRACHIN, SOA

ବାପ ୧୧

ବିନୟବାବୁ.....ସକାଳୁ ସକାଳୁ ମୁଣ୍ଡଟା ଟିକେ ବୁଲେଇଦେଲା, ସେ ଓ.ଆର୍.ଏକ୍ସ ୪୧୧୫ ବିଜୟୱାଡ଼ାରୁ ଫେରିଲାକି ? ସାର୍ ଫୋନ୍ କରିଥିଲେକି ?

ଶଳାର ଆଜିବି ଏତବେଳଯାଏ ଦେଖାନାହିଁ । ଆସିଲେ ବାର କାମ ବଢେଇବ । ବିନୟ ମିଶ୍ର ଆସି କୁଆଡ଼େ ଗଲାଣି । ବାସନ୍ତୀ ଆଜି ତା ଆସିବା ଆଗରୁ ପଳେଇ ଆଇଛି ।

ଫ୍ୟାନ୍ କଟ କଟ କରି ବୁଲୁଛି ମୁଣ୍ଡ ଉପରେ । ବିନୟ ଫ୍ୟାନ୍‌କୁ ବେକ ଭାଙ୍ଗି ଟିକେ ଅନେଇଲା । ଅଳନ୍ଦୁ ଲାଗି କାଳିଆ ପଡ଼ିଗଲାଣି ।

ବିରକ୍ତିଆ ଲାଗିଲାଣି ।

ତାର ମନେପଡ଼ିଲା । ଅଫିସ୍ ଆସିଲା ବେଳକୁ ତା'ନାଁରେ ଚିଠିଟେ ଥିଲା । ମିନା ଦେଇଛି । ଏଯାଏଁ ପଢ଼ା ହେଇନି ।

ବିନୟ ଚିଠି କାଢ଼ିଲା ।

ଦିପାବଳୀକୁ ଯିବାକୁ ଲେଖିଛି ମିନା । ବୋଉକୁ ଥଣ୍ଡା ହେଇଛି ।

ବର୍ଷସାରା ସକାଳୁ ବୁଡ଼ପାରିବ ଥଣ୍ଡା ହବନି ?

କୁସିଆଦା ଝଗଡ଼ା କରି ବାରି ଅଗଣାରେ ବାଡ଼ ପୋତିଛି । ଦି' ଦିନ ତଳେ ପୋଖରି ହୁଡ଼ା ନଡ଼ିଆ ଗଛରୁ ଚାରିକାନ୍ଦି କିଏ ଚୋରି କରିଛି । ବୋଉ ସବୁବେଳେ ଦେଖେଇ ଶିଖେଇ କହୁଛି । ପିତେଇର କଣ ପିଲାପିଲି ହବ । ବୋଉ କହିଛି ମନସଜ ହାଣ୍ଡି ପଠେଇବାକୁ ପଇସା ଦରକାର । ବିଲରେ ସାର ବି ପଡ଼ିବ ।

ବିନୟ ଚିଠି ପୁଣି ପକେଟରେ ରଖିଲା ।

ହଠାତ୍ ଉଦାସିଆ ଉଦାସିଆ ଲାଗିଲା ।

ପଇସା ଦବାକୁ ଏଇନେ ପଡ଼ିବ ଆଉ ତା'ପାଖରେ ଫଟା ପାହୁଲାଟେ ନାହିଁ ବୋଲି ନୁହେଁ। କୁସିଆଦା ଅଗଣାରେ ବାଡ଼ ବୁଜିଛି ବୋଲି ବି ନୁହେଁ । ତାକୁ ଉଦାସ ଲାଗିଲା ମିନା ସାରା ଚିଠିରେ ତା'କଥା କିଛି ଲେଖିନି ।

ତାର କିଛି ଦରକାର ନାହିଁ ?

ଶାଢ଼ୀ, ଚୁଡ଼ି, ବ୍ରା କି ବ୍ଲାଉଜ୍ ?

କିଛି ନହେଲେ ଫେୟାର ଏଣ୍ଡ ଲଭ୍‌ଲି କି ପଣ୍ଡସ୍ ପାଉଡର ?..... କିଛି ଦରକାର ନାହିଁ ତାର ?

ସତରେ ଦରକାର ନାହିଁ ....

ନା ,ମିନା ଏସବୁ ତାକୁ ମାଗିପାରୁନି ଆଉ ।

Source: Author, Digitized by PPRACHIN, SOA

ଆଗରୁ କିନ୍ତୁ ମିନା ଚିଠି ଲେଖିଲେ କେବଳ ତାଆରି କଥାରେ କଥାରେ ଚିଠି ଭର୍ତ୍ତି କରିଦଉଥିଲା । ଅମୁକ ଦରକାର ନହେଲେ ସମୁକ ଦରକାର । ଏପରିକି ବୋଉ କହିଛି ବୋଲି ଯିବାକୁ ଏ ଚିଠିରେ ଲେଖିଛି ।

ତାର କଣ ଇଚ୍ଛାନାହିଁ ସେ ଘରକୁ ଫେରୁ ବୋଲି । ଦଶହରାକୁ ଯାଇହେଲାନି । ଏଇ ଚାକିରୀ ଖୋଜା କାମରେ ଯାଇହେଲାନି । ମିନା ଦଶହରା ପରେ ଗୋଟେ ପୋଷ୍ଟକାର୍ଡ଼ ଅବଶ୍ୟ ଦେଇଥିଲା ସେଇ ଘରକଥା ବୋଉ କଥା ନେଇ । ତା କଥା ଧାଡ଼ିଟେ ଥିଲା ଯେ

''ମୁଁ ଅନେଇଥିଲି ତମେ ଆସିବ ବୋଲି'' ।

ବିନୟ ସେଦିନ ସେ ଧାଡ଼ିକି ଚବିଶ ଥର ପଢ଼ିଥିବ । ଗୋଟେ ଧାଡ଼ିରେ ଏତେକଥା କୁହାଯାଇପାରେ ଅନୁଭବ କରିଛି । ହେଲେ ଏ ଚିଠିରେ ସେମିତି ଧାଡ଼ିଟିଏ ଲେଖିଦେଇଥିଲେ କଣ ହେଇନଥାନ୍ତା ।

ବିନୟ ହିସାବ କଲା ଆଜି ୨୫ ତାରିଖ । ଦିପାବଳୀ ୩୧ ତାରିଖରେ । ଗୋଟେ ଦିନ ଛୁଟି । ପରଦିନ ନଆସିଲେ ଚଳିବ । ଚଳିଯିବ । ୩୦ ତାରିଖ ସଞ୍ଜ ବସ୍‌ରେ ବସିଲେ ଘରେ ୩୦ ରାତି ୩୧ ଆଉ ୧ ତିନିଦିନ ରହିହବ ।

କଣ ଭାବୁଛନ୍ତି ?

ଆଏଁ......ବିନୟ ଫେରିଲା......

ବାସନ୍ତୀ ଗୋଟେ ଟାଇପ୍‌କରା କାଗଜ ତା ଆଗରେ ହଲଉଛି ।

ବିନୟ ବାସନ୍ତୀଠୁ କାଗଜ ନେଇ ଫାଇଲ୍‌ରେ ଗୁଞ୍ଜିଦେଲା ।

ଓଃ.....ଗରମ ହେଉଛି ନୁହେଁ ?.....ବାସନ୍ତୀ ଝରକା ଦେଇ ବାହାରକୁ ଚାହିଁ ପଚାରିଲା । ଝରକା ବାହାରେ ଟାଉଁସିଆ ଖରା । ରାସ୍ତାରେ ଗାଡ଼ିଘୋଡ଼ା କିଛି ନାହିଁ । ବିନୟ ସ୍ୟାଡ଼ିକି ଅନେଇଲା ।

ଅଫିସ୍ ପୁରା ଫାଙ୍କା ଫାଙ୍କା ଲାଗୁଛି ।

ଦୁଆର ମୁହଁ ଟୁଲ୍ ଉପରେ ମନୁଆ ଢୋଳଉଛି । ତା ପାଦ ପାଖରେ କୋଉଠୁ ଗୋଟେ ବୁଲା କୁକୁର ଆସି ଧକଉଛି । ଚମତ୍କାର ଦେଖାଯାଉଛି ଯୋଡ଼ି ।

କ୍ରିଁ୍ୟ.....କ୍ରିଁ୍ୟ.....କ୍ରିଁ୍ୟ...... ଫୋନ୍ ବାଜିଲା ।

ବିନୟ ମନାକଲା ସାର୍ ନାହାଁନ୍ତି । ଦି ଦିନପରେ ରାଉରକେଲାରୁ ଫେରିବେ । ଏବେ ଅଫିସ୍‌ରେ ଗାଡ଼ି କିଛି ନାହିଁ । ଚାରିଟା ବେଳକୁ ଫେରିପାରେ । ଫେରିଲେ ଜଣାଇବି ।

ବିନୟ ଫୋନ୍ ରଖିଲା ।

Source: Author, Digitized by PPRACHIN, SOA

ବାପ ୧୩

ବିନୟକୁ ହଠାତ୍ ଭୋକ ଲାଗିଲା । ଭୋକ ଲାଗିଲା କାରଣ ହଠାତ୍ କୋଉଠୁ ଆଳୁ ପରଟା ବାସ୍ନା ଆସିଲା । ବିନୟର ଭାରୀ ଦୁର୍ବଳତା ଆଳୁଦମ୍ ଆଉ ପରଟା ପ୍ରତି ।

ବାସନ୍ତୀ ଆସି ପାଖ ଟେବୁଲ୍‌ରେ ତା ଟିଫିନ୍ ବାକ୍ସ ଖୋଲିସାରିଥିଲା । ସେଉଠୁ ବାସ୍ନା ଆସିଥିଲା ।

ବାସନ୍ତୀ ଡ଼ାକିଲା ।

-ବିନୟ ବାବୁ ଆସନ୍ତୁ ଖାଇବା ।

ବିନୟକୁ ଭୋକ ଲାଗୁଥିଲା । ଇଚ୍ଛା ହେଉଥିଲା । ସବୁଗୁଡା ଖାଇଯାଆନ୍ତା ଏକୁଟିଆ । ହେଲେ ଭଦ୍ରାମିରେ ନଖାଇବା ଉଚିତ୍ ।

ବିନୟ ମନା କଲା । ମିଛରେ କହିଲା ମୋତେ ଭୋକ ଲାଗୁନି । ପେଟ ମାନ୍ଦା ମାନ୍ଦା ଲାଗୁଛି । ଖାଇବିନି ।

-ଦେଖନ୍ତୁ ମୋତେ କୌଣସି ଫରମାଲିଟି ଭଲ ଲାଗେନି । ମୁଁ ଜାଣେ ଆପଣଙ୍କୁ ଭୋକ ଲାଗୁଛି । ଲାଗୁନି ?

ଯୋର୍ ଦେଇ ପଚାରିଲା ବାସନ୍ତୀ ।

ବିନୟର ଯାପରେ ଆଉକିଛି କହିବାର ନଥିଲା ।

ଟିଫିନ୍ ବାକ୍ସ ଘୋଡ଼ଣୀରେ ଦିପଟ ପରଟା ଆଉ ଆଳୁଦମ କାଢ଼ିନେଲେ ତା ଆଡ଼କୁ ସମୁଦାୟ ଟିଫିନ୍ ପେଲିଦେଲା ବାସନ୍ତୀ ।

ବିନୟ ମନାକଲା ସେ ଏତେଗୁଡ଼ା ଖାଇବନି ।

ବାସନ୍ତୀ ଶୁଣିଲାନି ।

କିଛି ସମୟ ଚୁପ୍‌ଚାପ୍ । ବିନୟ ଜଗି ଜଗି ପରଟା ଚୋବେଇଲା । କାହିଁକିନା ସେ ଖାଇଲାବେଳେ ଗୋଟେ ପାଚୁ ପାଚୁ ଶବ୍ଦ କରେ ବୋଲି ମିନା ବିରକ୍ତ ହୁଏ । ବିନୟ କିନ୍ତୁ ଜାଣିପାରେନି । ତାପରେ ଏତେ ମାପିଚୁପି ଗୋଟେ କଣ ଖାଇବ ? ତଥାପି ଆଉ କେଉଁ ଅଚିହ୍ନା ଲୋକ ସାମ୍ନାରେ କି ଭୋଜି ଫୋଜିରେ ଖାଇଲାବେଳକୁ ବିନୟ କନସସ୍ ହୋଇପଡ଼େ ।

କେହି କାହାକୁ କିଛି କହୁନଥାନ୍ତି । ବିନୟ ଭାବିଲା କିଛି କହିବା ଉଚିତ୍ । ସୋଉଠୁ କହିଲା

-ଆଳୁଦମ୍ ଭଲ ହେଇଛି.......

-ହାଃ.....ହାଃ......ମୋତେ ପ୍ରଶଂସା କରୁଛନ୍ତି କି ? ମୁଁ କିନ୍ତୁ ଯାକୁ ରାନ୍ଧିବିନି ।

Source: Author, Digitized by PPRACHIN, SOA

ମୋତେ ରାନ୍ଧି ଆଁସେନି ଠିକ୍‌ରେ । ବୋଉ ତିଆରି କରିଛି । ବାସନ୍ତୀ ଦିଇ କଳରେ ଦି ଗାଉଁ ପରଟା ଭର୍ତ୍ତିକରି ଗାଁ ଗାଁ ହେଇ କହିଲା ।

ଦିଟାଯାକ ଗାଲ ପୁଚ୍‌କା କରି ବାସନ୍ତୀ ବଡ଼ ଭେରକାଣ୍ଡିଆ ଦେଖାଗଲା । ବିନୟ ଆଖି ଫେରେଇ ନେଲା ।

ଛ୍ୟା......

ତଥାପି ଆଖି ଫେରେଇ ସାରିଲା ପରେବି ତାକୁ ଦିଶୁଥିଲା ଦିଇଟା ପୁଚୁକା ଗାଲ, ଗୋଟେ ଚେପ୍‌ଟା ନାକ, ବିଚିକିଚିଆ କଳାରେ ମେଞ୍ଚେ ହଳଦୀ ଫେଣ୍ଡା ରଙ୍ଗ । ଛ୍ୟା..... ।

ଚାରିଟା ବାଜିବ ।

ଟିକେ ଘୁମ ଲାଗିଯାଇଥିଲା ବିନୟକୁ ।

ଛୋଟରାୟଟା ଠାପେଇ ରହିଗଲା । ୟାପ ଆସିଲାନି । ବିନୟ ମିଶ୍ର ଆଉ ଫେରିବନି । ଦିହଟା ଟିକେ ଅସ୍‌କାତିଆ ଲାଗୁଛି । ଶୋଷ ଲାଗୁଛି ।

ମନୁଆ କାହିଁ ?

ମନୁଆଟା ନାହିଁ । ତା ଟୁଲ୍ ଫାଙ୍କା । ସେ ବୁଲା କୁତୀ ଏଯାଏଁ ସେଠୁ ଉଠିନି । ଚାରିକାତ ମେଲି ପାଁ ହେଇ ଶୋଇଛି ।

ବାସନ୍ତୀଟା କୁତୀ ଭଳିଆ ନୁହେଁ ? ଅପରିଛନିଆ ଅପରିଷ୍କାରିଆ । ଦିତିନିଟା ଛୁଆ ଜନମ କଲାପରେ ଠିକ୍ ଏମ୍ତି ଦିଶିବ ସେଇଟା । ଆଜି ସକାଳେ ଏମ୍ତିକା ଗୋଟେ ଧେଡ଼ି କୁତୀ ପଛରେ ଚାରିଟା କୁକୁର ଗୋଡଉଥିଲେ । ଦୃଶ୍ୟଟା ସକାଳୁ ସକାଳୁ ପୁରା ଆଣ୍ଟି ରୋମାଣ୍ଟିକ୍ ଥିଲା । ଶଳା କୁକୁରଗୁଡ଼ାଙ୍କର ରଚିଜ୍ଞାନ ବୋଲି କିଛି ନାହିଁ । କେଜାଣି କୁକୁରଙ୍କ ଆଖିରେ ଏମ୍ତିକା କୁତୀ ଦିବ୍ୟସୁନ୍ଦରୀ ବି ହୋଇଥାଇପାରନ୍ତି ।

ଯଦି କୁକୁରୀମାନେ ଟୋକୀଙ୍କ ଭଳିଆ ପ୍ୟାଣ୍ଟି, ବ୍ରା, ସାୟା, ବ୍ଲାଉଜ୍, ଶାଢ଼ୀ ଆଦି ପିନ୍ଧି ରାସ୍ତାରେ ବୁଲାବୁଲି କରିଥାନ୍ତେ ଆଉ କୁକୁରଗୁଡ଼ା ଜିନିସ୍ ବ୍ୟାନିୟନ ରେବାନ୍ ପିନ୍ଧି ବୁଲିଥାନ୍ତେ ଆଉ ତା'ପରେ ମଣିଷଗୁଡ଼ା କୁକୁର ଭଳିଆ ହେଇଥାନ୍ତେ । କେମ୍ତି ହେଇଥାନ୍ତା ?

Source: Author, Digitized by PPRACHIN, SOA

ଯିଏ ଯାହାକୁ ପାଇଲା ଯୋଉଠି ପାଇଲା ରମଣ କରିପାରିଥାନ୍ତା । ତେବେ କଥାଟା ଜମିଥାଆନ୍ତା । ସେ ଏଇନେ ଏଇଠି ବାସନ୍ତୀ ପଛରେ କୁଁ.....କୁଁ..... ହେଉଥାନ୍ତା ।

ଭୁଟ୍‌ସ୍..... ବାସନ୍ତୀକୁ ରମଣ କରାଯାଇପାରେନା......

ବିନୟ ନିଜ ଉପରେ ଟିକେ ଚିଡ଼ିଗଲା.......

ବାସନ୍ତୀ ଏଇନେ କଣ କରୁଛି ? ବାସନ୍ତୀ କଣ କରୁଛି ଦେଖିବାକୁ ବିନୟ ମିଛରେ ଫ୍ୟାନ୍ ସୁଇଚ୍ ପାଖକୁ ଆସିଲା । ବାସନ୍ତୀ ତା ଟେବୁଲ୍ ଉପରେ ହାମୁଡ଼େଇ କଣ ପଢୁଛି ।

କଣ ପଢୁଛି ?

ଡ଼େବୋନାୟାର ନା ଫାଣ୍ଟାସି ? ନହେଲେ ହଳଦିଆ ଛରିମଲାଟ ଦିଆ ୬ ପୃଷ୍ଠିଆ ବହି ପଢୁଥିବ । ଦେଖୁନ ଆଖିରେ ପଲକ ପଡୁନି । ଛାତି କେମିତି ଧକ୍ ଧକ୍ କରୁଛି.....

ବାସନ୍ତୀ ଆଖି ଉଠେଇ ବିନୟକୁ ଟିକେ ଚାହିଁଲା ।

ବିନୟ ସାଙ୍ଗରେ ଆଖି ମିଶିଗଲା । ସାମାନ୍ୟ ଅପଦସ୍ତ ଲାଗିଲା ବିନୟକୁ । ବାସନ୍ତୀ ଭାବୁଥିବକି ଏ ଟୋକା ତାକୁ ଗଳିକି ଦେଖୁଛି ବେଲି ?

କଣ ଗୋଟେ କହି ଖସିବ ଭାବି ବିନୟ ହଠାତ୍ ପାଣି ଅଛିକି ପଚାରିଲା । ପଚାରିକି ପୁଣି ଅପ୍ରସ୍ତୁତ ହେଲା । ଟିକିଏ ଛାତି ଫିଲ୍‌ଟରଟା ଥୁଆ ହେଉଛି ।

ତଥାପି କଥାଟା ଚଳିଗଲା ।

ବାସନ୍ତୀ ତା କଡ଼ରୁ ୱାଟର ବଟଲ୍‌ଟେ ବାହାର କରି ଟେବୁଲ୍‌ରେ ରଖିଲା । ଅଧା ପାଣି ଅଛି ।

ବିନୟ ସେ ରୁମ୍‌କୁ ପଶିଲା । ସେ ଜଏନ୍ କଲା ଦିନରୁ ଏ ରୁମ୍ ଭିତରକୁ ଆଦୌ ଆସିନି । ଦୁଆର ମୁହଁରେ ପଶୁ ପଶୁ ବାସନ୍ତୀର ଟେବୁଲ୍ । ବାଁ ହାତି ଟେବୁଲ ପାଖରେ ମାଲିକ ବସେ । ଟେବୁଲ୍ ଚାରିକତି ଛଅଟା ଚେୟାର । ଦୁଇ କଡ଼ରେ ର୍‍ୟାକ୍ । ଫାଇଲ୍ । ଷ୍ଟାଣ୍ଡିଂ ଫ୍ୟାନ୍‌ଟେ । ଝରକା । କାନ୍ଥରେ ଗୋଟେ ଛୋଟ ଛୁଆ ମୁତୁଥିବାର ଛବି । କଣ ଲେଖାହେଇଛି ପଢ଼ିହେଉନି । ସେ ଚଷମା ତା ଟେବୁଲ୍ ଉପରେ ରଖିଦେଇ ଆସିଛି ।

କାନ୍ଥରେ ଆହୁରି ଦୁଇଚାରିଟା ଠାକୁରଙ୍କର ଆଉ ସିନେରୀ ଛବି ମରାହେଇଛି । ଟେବୁଲ୍ ଉପରେ ବଡ଼ କାଚଟେ । ପେନ୍ ଷ୍ଟାଣ୍ଡ । ଲାଇଫ୍ ଇନ୍‌ସ୍ୟୁରାନ୍ସ୍ କଂପାନୀ ଦେଇଥିବା ଟେବୁଲ୍ କ୍ୟାଲେଣ୍ଡର । ଚେପା ଆସ୍‌ଟ୍ରେ । ବିନୟ ବୋତଲ ଟେକି ପାଣି ପିଇଲା । ବାସନ୍ତୀ ତଥାପି ମୁହଁମାଡି ପଢୁଛି । କଣେଇକି ଦେଖିଲା ବିନୟ । କୋଉ ଗୋଟେ ହିନ୍ଦୀ ଉପନ୍ୟାସଟେ ।

Source: Author, Digitized by PPRACHIN, SOA

ଆରେ ବାଃ......ଏ ହିନ୍ଦୀ ଉପନ୍ୟାସ କଣ କୋଉ ଗୁଣରେ ଡ଼େବୋନାୟାର ଫ୍ୟାଣ୍ଟାସିଙ୍କଠୁଁ କମ୍‌କି ?

ଟୋକା ଭଲ ସଉକି ରଖିଛିତ......

ପାଞ୍ଚଟା ବାଜିବାକୁ ଡ଼େରୀ ଅଛି । ମନୁଆ କୁଆଡ଼େ ଗଲା ? ଏବେ ପଳେଇଲେ ହୁଅନ୍ତାଯେ । କେତେବେଳେ ଶଳା ବୁଢ଼ା ଫୋନ୍‌କରିବ ରାଉରକେଲାରୁ । ଚାକିରୀ ଗୋଲ୍ ହେଇଯିବ ।

ବିନୟ ବୁଲିଲା ବୁଲିଲା ହେଇ ବାହାରକୁ ଆସିଲା । ଗେଟ୍ ପାଖରୁ ଅଫିସ୍ ଘରଯାଏ ଫୁଲକୁଣ୍ଡ ସବୁ ଥୁଆ ହେଇଛି । ଏତେ ଫୁଲଗଛ ଏତେ ନାଁ । କେମିତି ମନେରହୁଛି ?

ବିନୟ ଗୋଟେ ପତ୍ର ଛିଡ଼େଇ ଶୁଂଘିଲା । କଡ଼ା ବାସ୍ନା । ତୁଳସୀ ପତ୍ର ଭଳି ବାସୁଛି । ଟିକି ଟିକି ହଳଦିଆ ଫୁଲ ଫୁଟିଛି । ବାଟ ଛାଡ଼ି ଟିକେ କଡ଼କୁ ଚାରିଟା ଗୁଆଗଛ ।

ତା ମାମୁଁ ଘର ଦାଣ୍ଡରେ ଏମିତି ଦଶଟା ବାରଟା ଗୁଆ ଗଛଥିଲା । ସେ ପିଲାଦିନେ ଖରାଛୁଟିରେ ମାମୁଁଘର ଗଲେ ପିରିଖ କଣ୍ଟାଗୋଟେ ନେଇ ଗୁଆଗଛର ସବୁଜିଆ ଗଣ୍ଡିରେ ତା ନାଁ ଲେଖୁଥିଲା, ଛବି କରୁଥିଲା । ପୁଣି ତା ପରବର୍ଷ ଯାଇଁ ପାକଳ ଗଣ୍ଡିରେ ତା ନାଁ ଆଉ ଛବି ବି ଦେଖୁଥିଲା ।

ସେ ଗୋଡ଼ ପାଖରେ ପଡ଼ିଥିବା ଚିପ୍‌ସି ଗୋଟେ ଗୋଟାଇଲା । ଚାରିଆଡ଼କୁ ଚାହିଁଲା । କେହି ନାହାନ୍ତି । ଗେଟ୍ ବାହାର ରାସ୍ତାରେ ନାଲି କାର୍‌ଟେ ଗଲା । କଳା କାଚ । କିଏ ଭିତରେ ଦେଖିହେଲାନି ।

ବିନୟ ହାତ ବଢ଼େଇଲା ଗୁଆ ଗଛକୁ । ଚିପ୍‌ସ୍ ମୁନରେ ଗୋଟେ ନାଲିପାନ ଆଙ୍କିଲା ଗୁଆଗଛରେ । ତା ଭିତରେ ତୀରଟେ ପୁରେଇ ତଳକୁ ବୁଲେଇ ଇଂରାଜୀ 'ଏଲ୍' କଲା । ଭାବିଲା ଲେଖିବ ମୀନା......

ନା ଲେଖିବ ବାସନ୍ତୀ........

ଏଇ..... କଣ ହେଉଛି ସେଠି......? ବାସନ୍ତୀ ଡ଼ାକିଲା ପଛରୁ ।

କଣ ଲେଖା ହେଉଛି ? ପଚାରି ବାସନ୍ତୀ ଚାଲିଆସୁଛି ତା ଆଡ଼କୁ । ବିନୟ ଅପ୍ରସ୍ତୁତ ହେଇପଡ଼ିଲା । ସେମିତି ମିଛରେ ଗାରଉ ଗାରଉ ଏଣୁ ତେଣୁ ଗାର ପକେଇ ଗାରିଆ ମାରିଆ କରିଦେଲା ନାଲିପାନକୁ । କହିଲା......ନାଁ.....କିଛିନାହିଁ ।

ତଥାପି ବାସନ୍ତି ସେ ଗାରିଆକୁ ନିରିଖେଇ କିଛି ପଢ଼ିବାକୁ ଚେଷ୍ଟାକଲା, ସୋଉଠୁ ମୁରୁକି ହସା ଗୋଟେ ହସି ବିନୟକୁ ଚାହିଁ ପଚାରିଲା

Source: Author, Digitized by PPRACHIN, SOA

-ପ୍ରେମିକା ନାଁ ଲେଖୁଥିଲେ ନୁହେଁ ?

ବିନୟ ହଁ କି ନାଁ କିଛି କହିଲାନି । କିଛି କହିପାରିଲାନି । କହିପାରିଲାନି ମୋ ଏକଦା ପ୍ରେମିକା ଏବେ ମୋ ସ୍ତ୍ରୀ ହୋଇସାରିଛି, ତା ଚିଠି ଗାଁରୁ ଆଜି ସକାଳୁ ମୁଁ ପାଇଛି ।

କହିପାରିଲାନି ତୋ ଭଳିଆ ଗୋଟେ କାଳୀ ଅପରଛନିଆ ମୋଟୀ ଅସୁନ୍ଦରୀ ମାଙ୍କଡ଼ିକୁ କେହି ପ୍ରେମିକା କରିନପାରେ । କହିପାରିଲାନି ମୁଁ ଯାହା ଲେଖୁଲି ତୋର ଚିନ୍ତା କରିବା ଦରକାର ନାହିଁ ।

ବିନୟ କେବଳ ଗେଟ୍ ଆଡ଼କୁ ଚାହିଁଲା ।

କହିଲା- ହେଇ ମନୁଆ ଆସିଲାଣି ।

ରୋଷେଇ ଘର ଲାଇଟ୍ ଲଗେଇଲା ବିନୟ । ପ୍ରାୟ ପରିବା ଅଛି । ମାର୍କେଟ ନଗଲେ ଚଳିବ ।

ମନଟା ଟିକେ ଅଲଗା ଅଲଗା ଲାଗୁଛି ।

ଛକଯାଏ ଯାଇ ସିଗାରେଟ୍ ଦିଇଟା ଧରି ଫେରିଲେ ହୁଅନ୍ତା ।

ନାଁ ଥାଉ । ବିନୟ ଚା' ବସେଇଲା ।

ଗୁଣୁଗୁଣେଇ ରୋମାଣ୍ଟିକ୍ ଗୀତ ଗୋଟେ ମନେପକେଇଲା ।

ପରିବା କାଟିବା ଆରମ୍ଭ କଲା ।

ଆଜି ଅଫିସ୍‌ରୁ ଫେରିଲାବେଳେ ବାସନ୍ତୀ ହନୁମାନ ମନ୍ଦିର ଛକରେ ତାକୁ ତା ଘରକୁ ଡ଼ାକୁଥିଲା । ସେ ଗଲାନି । କିଏ ଯାଉଛି ।

ଯାଇଥିଲେ ଅବଶ୍ୟ ହେଇଥାନ୍ତା ।

ବାସନ୍ତୀର ବୋଉ ବୁଢ଼ୀ ଲୋକ କିନା । ତାଙ୍କ ଆଖିକୁ ଏତେ ଭଲ ଦିଶୁ ନଥିବା କଥା । କାନକୁ ଏତେ ଭଲ ନଶୁଣାଯିବା କଥା । ବାସନ୍ତୀର ସାନଭାଇ ପାଞ୍ଚଟା ବେଳୁ ଟ୍ୟୁସନ୍‌କୁ ବାହାରିଯାଇଥିବା କଥା ।

ବାସନ୍ତୀ ତାକୁ ତା ବେଡ୍‌ରୁମ୍‌ରେ ବସେଇ ତା ଆଗରେ ଲୁଗା ପାଲଟିବା କଥା ।

Source: Author, Digitized by PPRACHIN, SOA

ସେ ତାକୁ ଚାହିଁଲା ବେଳକୁ ବାସନ୍ତୀ ମିଛି ମିଛି ରାଗିବା କଥା ।

ସେ ହଠାତ୍ ବାସନ୍ତୀକୁ କୁଣ୍ଢେଇ କିସ୍ ଦେବା କଥା ।

ଅଃ....ଅ......ଅ.....ଅଃ......ଅ.....ଅ

ସେଇଠୁ ତାକୁ ବାନ୍ଧି ଲାଗିବା କଥା ।

ବାସନ୍ତୀପରି ଅପରିଚ୍ଛନ୍ନିକୁ କିସ୍ ଦିଆଯାଇପାରେନା ।

ତା ଘରକୁ ଯିବାକଥା ନୁହେଁ

ତାର ତା ବେଡ୍‌ରୁମ୍‌ରେ ଲୁଗା ପାଲ୍‌ଟା ଦେଖିବା କଥା ନୁହେଁ

ଛି.......ଛି......ଛି......ଅଃ......ଅ......ଅ

ଆହା...... ବାସନ୍ତୀ ଟିକେ ଗୋରୀ ଟିକେ ସୁନ୍ଦରୀ ହେଇନଥାନ୍ତା.....ଟିକେ ପତଳୀ ହେଇନଥାନ୍ତା......

ବିନୟ କଡ଼ାରେ ପରିବା ଯୋଗାଡ଼ିଲା ।

ଚା'କପ୍‌ଧରି ଦାଣ୍ଡ ପଟକୁ ଆସିଲା ।

ଶଳା ଷ୍ଟ୍ରିଟ୍ ଆଲୁଅଟାକୁ କିଏ ବେଧୁଆ ଭାଙ୍ଗିଦେଇଛନ୍ତି । ଅବଶ୍ୟ ଅନ୍ଧାର ହେଇଛି ଭଲ ହେଇଛି । କେଇ ଘଡ଼ି ଏମ୍ତି ଠିଆ ହେଇହବ । ଆଲୁଅ ଥିଲେ ଠିଆ ହେଇନଥାନ୍ତା ।

ମାହାଳି ବାବୁଙ୍କ ଝରକାର ପରଦା ହଲୁଛି । ତାଙ୍କ ନବମ ଶ୍ରେଣୀ ଝିଅକୁ ଟ୍ୟୁସନ ମାଷ୍ଟର ପଢ଼ଉଥିବ ।ଟୋକୀଟା ଭଲ ମାଲ୍ ଖଣ୍ଡେ ହେଇଗଲାଣି । ଆଗେ ତା ପାଖକୁ ଆସୁଥିଲା । ଅବଶ୍ୟ ଯେତେବେଳେ ଛୋଟଥିଲା । ଅଙ୍କଲ୍ ଅଙ୍କଲ୍ ଡ଼ାକୁଥିଲା । ଏବେ ଆଉ ଆସୁନି । କଥାବି ହଉନି । ଟୋକୀ ନାଜ କରି ଶିଖିଲାଣି । ବିନୟର ତାକୁ ନେଇ ଦିଚାରିଥର ସ୍ୱପ୍ନଦୋଷ ବି ହେଇଗଲାଣି ।

ଟୋକୀ ଗୁଡ଼ାକ ବିଚ୍ଛାର ବିଚ୍ଛାର ଜିନିଷ ନା ନାହିଁ ?

ଗାଁକୁ ଦେଢ଼ମାସ ହେଲା ଯିବା ହେଇନି । ଗଲାଥର ସେ ଯିବାବି ଯିବା ନୁହଁ । ଦି'ଦିନ ପାଇଁ ମୋଟୁରୁ । ସେଇଥିରେ ପୁଣି ମିନା ପାଖରେ ଶୋଇ ହେଲାନି । ଶଳା ମଣିଷ ମାସରେ ଦି'ମାସରେ ଥରେ ଯିବଯେ, ଗଲାବେଳକୁ ଯା'ପ ବ୍ରତ ପାଳନ ଚାଲିଥିବ । ସେଇଥିରେ ଥରେ ଅଧେ ହେଇଗଲେ କଣ ହଅନ୍ତାନି ? ମିନା ଛୁଏଇ ଦବନି......

ହ୍ୟାପ ମଫ.......କୋଉଠିକାର......

ଶଳା ବଜ୍ଜାତ ମାଇକିନା.....ହୁଁ.......

Source: Author, Digitized by PPRACHIN, SOA

ଭଲ ବେଳେ ବି ମିନା ଆଜିକାଲି ନିର୍ବିକାର ରହୁଛି । ଏଇ କିଛିମାସ ହେବ ବିନୟ ଅନୁଭବ କରୁଛି ସେ ଗୋଟାପଣ ମିନାକୁ ଆବୁରି ବସିଲା ବେଳକୁ ମିନା ଦିନକୁ ଦିନ ବରଫ ଖଣ୍ଡଟେ ହେଇଯାଉଛି ।

ଆଉ ଆଜିକାଲି ତା ପଟରୁ କେବେବି ଆଗୁତୁରା ତ ଡ଼ାକୁନି......

ଯେମ୍ତି କାଠଗଣ୍ଡି ସେମ୍ତି.......

ବିନୟକୁ ଚିଡ଼ିଲାଗୁଛି । ଶଃ..... ଚକିଆଧରି ମଣିଷ ପେଟେଇଲେ ଲାଭ ଅଛି.......

ବିନୟ ଜାଣେ ମିନାର ଆଜିକାଲି ଯେ କାମରେ ସରାଗ ନାହିଁ । ହେଲେ କଣ କରାଯାଇପାରେ ? ନହେଲା ନାଇଁ । ତା ବୋଲି ଜୀବନକୁ ବରବାଦ କରିବା କଣ ଦରକାର ।

ବେଳେ ବେଳେ ତାକୁ ବି ଅବଶୋଷ ଲାଗେ । ଫାଙ୍କା ଆକାଶ ଭଳିଆ ଉଦାସିଆ ଲାଗେ ମନ । ଅକାରଣ ଲାଗେ ଜୀବନ । ତା'ବୋଲି ସବୁବେଳେ ସେଇ କଥା ମଣିଷ ଭାବିବ ? କ'ଣ ଭାସିଗଲା ସୋଉଠୁ ।

ବୋଉ ଗର ଗର ହବ । ହଉଥାଉ । କୋଉ ପୁଅର ମା' ଏକଥା ଚାହେଁ ?

ବିନୟ କାହାକୁ ଛାଡ଼ିପାରିବନି ।

ବୋଉ ନା ମିନାକୁ.......

ବୋଉ ସହରକୁ ଆସିବନି ଗାଁ ଛାଡ଼ି......

ବିନୟ ବୋଉକୁ ଏକୁଟିଆ ଗାଁରେ ଛାଡ଼ି ମିନାକୁ ସହରକୁ ଆଣିପାରିବନି । ତାପରେ ପ୍ରାଇଭେଟ କଂପାନୀ ଚାକିରୀରେ ଗାଁକୁ ସବୁବେଳେ କୋଉ ଯାଇହବ । ଥରେ ଗଲେ ଯିବା ଆସିବା ୫୦ ଟଙ୍କା ଖର୍ଚ୍ଚ ।

ସଚୁଲା ବସିଛି । ପୋଡ଼ିଯିବଣି । ବିନୟ ରୋଷେଇ ଘରକୁ ଦୌଡ଼ିଲା ।

ନାଁ ପୋଡ଼ିନି । ପାଣି ଅଛି ।

ବିନୟ କପ୍ ଧୋଇ ର୍ୟାକ୍‌ରେ ରଖିଲା । ଏବେ ଅଟା ଦଳିବାକୁ ହେବ । ରୁଟି କରିବାକୁ ହବ । ବିରକ୍ତିଆ କାମ । ସକାଳୁ ଝାଡ଼ା ସଫାହଉନି ବୋଲି ରୁଟି ଖାଇବା କଥା ।

ବିନୟ ର୍ୟାକ୍‌ରୁ ରୁଟି ଟିଣ ବୋଲି କୁହାଯାଉଥିବା ପୁରୁଣା କଳଙ୍କିଖିଆ ବିସ୍କୁଟ୍ ଟିଣାଟା ଟାଣିଲା । ଟିଣ ସନ୍ଧିରୁ ଦିଇଟା ଅସରପା ଦୌଡ଼ିଗଲେ ତଳକୁ ।

ଅସରପା ଦେଖିଲେ ବିନୟକୁ ଚିଡ଼ାଲାଗେ । ଯାଙ୍କୁ ତଡ଼ିବାକୁ ହଜାର ଫନ୍ଦି କଲାପରେ ବି ଏଗୁରାଙ୍କ ଯାପ...ମରଣ ନାହିଁ । ତାର ମନେପଡ଼ିଲା ସେ କୋଉଠି ଗୋଟେ ପଢ଼ିଥିଲା ପରମାଣୁ ଯୁଦ୍ଧ ହେଲେବି ଏଗୁଡ଼ା ବଂଚିବେ । ଅଛମର ଅମର ବର ଶଳା ପାଇଛନ୍ତି ।

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ସେବି ତୃତୀୟ ବିଶ୍ୱଯୁଦ୍ଧ ଆଗଦିନ ଅସରପାଟେ ହେଇଗଲେ ହୁଅନ୍ତା । ଯୁଦ୍ଧ ସରିଲେ ପୁଣି ମଣିଷ ହେଇଯାଆନ୍ତା । ସମସ୍ତେ ମରିଯାଇଥିବେ । ଏକା ସେ ବଂଚିଥାନ୍ତା । ଆହା.....ହାଃ....ହାଃ.....ମଜାହୁଅନ୍ତା । ମଜା କଣ ହୁଅନ୍ତା ? ମଣିଷ ହେଇ ଲାଭ କଣ ଯେ ? ଆଉ ଗୋଟିଏବି ମଣିଷତ ନଥାନ୍ତେ ସେ ଏକୁଟିଆ କଣ କରନ୍ତା ?..

ନାଇଁ ନାଇଁ ସେ ସେଇ ଅସରପା ହେଇ ରହନ୍ତା । ଅସରପାଣୀ ଗୋଟେ ଦେଖି ବାହା ହୁଅନ୍ତା । ଅସରପାମାନେ କେଉଁଥିରେ ମରିବେ ସେକଥା ଆବିଷ୍କାର କରନ୍ତା ଓ ଦିନେ ସମସ୍ତ ଅସରପା ବଂଶକୁ ଧ୍ୱଂସ କରି ଦିଅନ୍ତା ।

ତାପରେ ସେ ନିଜକୁ ଇଶ୍ୱର ଭାବନ୍ତା । ସୋଉଠୁ ସେ ନିଜ ହାତରେ ପୁଣିଥରେ ସୃଷ୍ଟି ସର୍ଜନା କରନ୍ତା । ପୃଥିବୀର ସବୁ ଜିନିଷକୁ ନୂଆ ନୂଆ ନାଆଁ ଦିଅନ୍ତା - ଯଥା ଗୋଡ଼ିକୁ ଗଛ, ଗଛକୁ ଆକାଶ , ଆକାଶକୁ ପାଟି, ପାଟିକୁ ମାଛ, ମାଛକୁ କିଛି ଗୋଟେ ଏବର ଅଭଦ୍ର ତିନି ଅକ୍ଷରୀ ଆଉ ଏ ସମସ୍ତ ଖାଦ୍ୟକୁ ବିଭିନ୍ନ ଦୋ ଅକ୍ଷରୀ ନାଁରେ ଡ଼ାକନ୍ତା.....ଯଥା....ରସଗୋଲାକୁ......

ସେ ଆଜିକାଲି ଗାଁକୁ ଯାଉନି ଖାସ୍ ସେଇ ଡ଼ରରେ । ସେ ସୃଷ୍ଟି କର୍ତ୍ତା ହୋଇପାରିଲାନି, ସେଇ ଡ଼ରରେ । ବିନୟ ଆଜିକାଲି ସମସ୍ତଙ୍କୁ ଡ଼ରୁଛି । ତାର ଡ଼ର ତା ଗାଁକୁ , ତା ଘରକୁ ତା ସ୍ତ୍ରୀ ତା ବୋଉ ସମସ୍ତଙ୍କୁ ।

ସେଇ ଗୋଟିଏ କଥା ବୋଉ ମିନାକୁ ସୁତେଇ ନହେଲେ ଶୁଣେଇ କହିବ । ମିନା ରାତି ଅଧରେ ନାକ ସୁଁ ସୁଁ କରି ସେଇ ଗୋଟିଏ କଥା ବିନୟକୁ କହିବ । ଭଗି ଖୁଡ଼ି ସେଇ କଥା କହିବେ ତାଙ୍କ ଘରଆଡ଼େ ଗଲେ । ଗୋବିନ୍ଦା ଅଜା ଦାଣ୍ଡ ପୋଖରୀ ତୁଠରେ ପାଖରେ ବସେଇ ସେଇକଥା କହିବେ । କମିଟି ଘରେ ତାସ୍ ଖେଳିଲାବେଳେ, ନେଉଳ, ସୁକୁଟା, ଗନିଆ ସେଇକଥା ହିଁ କହିବେ ।

କିଛି ନହେଲେ କେଲୁ ଅଜା ହଡ଼ିପୁର ହୁକୁମ କଥା କହିବ, ବଟୁ ମା'ମାଉସୀ ଦେଉଳିଗାଁ ପିର ଗୋସେଇଁ କଥା କହିବ, ଚନ୍ଦରା କେଇ କୁସୁନ୍ନୁପୁର ବାବା ହଳିଆଙ୍କ କଥା ଶୁଣେଇବ ।

ବିନୟ କେବଳ ଶୁଣିବ । କୋଉଠି ହଁ ମାରିବ କୋଉଠି ଚୁପ୍ ରହିବ । କୋଉଠି ନାଁ କହିବନି । କହିପାରିବନି ।

ବୋଉ ତଥାପି ବୀରଭଦ୍ରପୁର କବିରାଜ କଥା ତାକୁ କହିବ, ରାତି ଅଧରେ ମିନା ତାଙ୍କ ଗାଁ ପାଖ ବଟମହାଦେବଙ୍କ ପାଖରେ ପରେହି ପଡ଼ିବା କଥା କହିବ । ସେ ହଁ ମାରିବ ।

Source: Author, Digitized by PPRACHIN, SOA

ନହେଲେ ଚୁପ୍ ରହିବ । ସକାଳୁ ବିନୟ ଗାଁ ଛାଡ଼ି ପଳେଇ ଆସିବ ଦୁଇ କି ତିନି ମାସ୍ ପାଇଁ । ବୋଉ ମିନା ହାତରେ ଚିଠି ଲେଖେଇ ପଠେଇବ । ବୋଉ ଡ଼ାକୁଥିବ ମିନା ଲେଖୁଥିବ ।

ବିନୟକୁ ହସ ଲାଗେ । ସେ ଚିଠି ପଢିଲେ ।

ମିନାର ଅକ୍ଷର, ବୋଉର ଭାଷା । ମିନା ହାତ ଅକ୍ଷରରେ ତୁ ସଂବୋଧନ ବିନୟକୁ ଅଖାଡୁଆ ଲାଗେ । ଚିଠି ସାରା ହଁ....ହଁ.... ଲେଖାହେଇଥିବ । ବାକ୍ୟ ଆରମ୍ଭରେ ହଁ ବାକ୍ୟ ଶେଷରେ ପୁଣି ହଁ । ବାହୁନା ଭଳିଆ ବୋଉର ଚିଠି । ଆଗେ ଏମ୍‌ତିକା ଚିଠିରେ ବୋଉର କଥା କଡ଼କୁ ମିନା ତା'କଥା ବ୍ରାକେଟ୍ ଦେଇ ଲେଖୁଥିଲା । ଆଜି କାଲି ଆଉ ଲେଖୁନି । ବୋଉଟା ହୁଣ୍ଡୀ । ମିନାକୁ ଚିଠି ଡ଼ାକୁଥିବ, ମିନା ଲେଖୁଥିବ ସେଥିରେ ପୁଣି ମିନା ବିରୁଦ୍ଧରେ ଚିଠି ଡ଼କା ହେଇଥିବ ।

ବିନୟ ରୁଟି ବେଲା ଆରମ୍ଭ କଲା । ଏତେଦିନ ରୁଟି କଲାପରେବି ରୁଟି ଗୋଲ୍ କରି ତା଼କୁ ବେଲି ଆସୁନି । ମିନା କିନ୍ତୁ ରୁଟି ବେଲିଲେ ଅଟା ଗୁଳାକୁ ବିନୟ ଭଳିଆ ହଜାର ଥର ଏକର ସେକର କରେନି । ଏକାଥରେ ବେଲେ ।

ରୁଟି ତା ମନକୁ ମନ କାଠି ଆଉ ପେଡ଼ି ମଝିରେ ଘୁରେ । ବିନୟକୁ ଆଶ୍ଚର୍ଯ୍ୟ ଲାଗେ । ଯେତେ ଚେଷ୍ଟା କଲେବି ସେତକ ସେ ଶିଖିପାରୁନି । ଯାଦୁ ପରି ଲାଗେ ମିନାର କାରିଗରୀ ।

କିନ୍ତୁ ସେମ୍‌ତି କିଛି ଯାଦୁ ତା ଜୀବନରେ ଘଟେନି । ଘଟିବନି ବୋଲି ବି ସେ ଜାଣେ । ତଥାପି ସେ ଇଚ୍ଛାହେଲେ ବାଦାମ୍‌ବାଡ଼ିରୁ ଓହ୍ଲେଇ କାଠଯୋଡ଼ି କୂଳେ କୂଳେ ଭୁତନାଥ ମନ୍ଦିର ପାଖ ସମସ୍ତ ଛୁଟିଦିନ ସମେତ ରବିବାର ମଧ୍ୟ ଖୋଲାରହୁଥିବା ନାଲିକୋଠାକୁ ଯାଏ । ପୁରାଣିଶି ଔଷଧ କିଣେ । ଘରକୁ ଗଲାବେଳେ ସାଙ୍ଗରେ ନିଏ ।

କିଛି ହୁଏନି ।

ଜାତକ ଦେଖେଇ ନାଲି ନେଳି କରି ହରେକ୍ ରଂଗର ଗଣ୍ଡା ଛଅଟା ମୁଦି ଆଙ୍ଗୁଠିରେ ଗଳାଏ । କିଛି ହୁଏନି ।

ବିନୟ ନିଜକୁ ବୁଝେଇ କୁହେ ଆଉ କିଛି ହବାର ନାହିଁ ।

ରୁଟି ସେକା ସରିଯାଏ । ବିନୟ ଖାଇ ବସେ । କାଲି ସକାଳକୁ ପୁଣି ଅଫିସ୍ ଦୌଡ଼ ! କେଇଟା ପଇସା ପାଇଁ ଶଳା ଜୀବନ ବରବାଦ୍ ହେଇଗଲା ।

କାଲି ପୁଣି ଟାଉନ୍‌ବସ୍‌ରେ ବାସନ୍ତୀ ଦେଖା ହେଇପାରେ । ତା ପକେଟରୁ ପୁଣି ଦିଇଟଙ୍କା ଖର୍ଚ୍ଚ ହେଇପାରେ ।

Source: Author, Digitized by PPRACHIN, SOA

ବିନୟ ଅଇଁଠା ବାସନ ଟ୍ୟାବ୍ ତଳକୁ ରଖେ । ପାଣି ଆସୁନି । ସବୁବେଳେ ଏଠି ପାଣି ଅସୁବିଧା ଟିକେ ପ୍ରେସର କମ୍‌ଥିଲେ ଏଠିକୁ ପାଣି ଉଠିବନି । ହଜାର ଅସୁବିଧା । ଭୋଲ୍‌ଟେଜ୍ ବି ଲୋ । କେବଳ ଶସ୍ତାରେ ଇ.ବି.କ୍ୱାଟରଟା ମିଳିଛି ବୋଲି ରହିବା କଥା ।

ସେଉଠୁ ବିନୟ କବାଟ ବନ୍ଦ କରି ମଶାରୀ ଟାଣି ଲାଇଟ୍ ବନ୍ଦ କରି ଶୋଇବାକୁ ଗଲାବେଳେ ଚିନ୍ତାକରିବ ସହରରେ ଜନ ସଂଖ୍ୟା ୪ ଲକ୍ଷରୁ ଅଧିକ । ଏବେ ଘଣ୍ଟାରେ ୧୧.୩୫ ବାଜିଛି । ଅନ୍ତତଃ ସାରା ସହର ଭିତରେ କେହିନା କେହି ଏବେ ରମଣ କାର୍ଯ୍ୟରେ ବ୍ୟସ୍ତ ଥିବ । ସେମିତି ହିସାବ କରି ଦେଖିଲେ ସାରାରାତି କେହିନା କେହି ଏ କାମରେ ବ୍ୟସ୍ତ ଥିବ । ସେଉଠୁ ବିନୟ ହିସାବ ଆରମ୍ଭ କଲା । ପ୍ରତି ମିନିଟ୍‌ରେ ଏ ସହରରେ କେତେ ମୈଥୁନ କାର୍ଯ୍ୟ ସଂପାଦନ କରାଯାଉଛି ।

ଯଦି ସହରରେ ଜନସଂଖ୍ୟା ଏତିକି.....ସେଥିରେ ବିବାହିତ ଦଂପତିଙ୍କ ସଂଖ୍ୟା ଏତିକି ଓ ପ୍ରତିଟି ପାଇଟି ପାଇଁ ଏତିକି ସମୟ ଲାଗେ ତେବେ......

ଡେ଼ରି ହେଇଗଲାଣି ।

ତରତରରେ ଅଫିସ୍‌କୁ ପଶିଲା ବିନୟ ।

ସମସ୍ତେ ଆସିସାରିଲେଣି । ମନୁଆ ନମସ୍କାର କଲା । ମନୁଆ ସବୁବେଳେ ଯନ୍ତ୍ର ଭଳିଆ ହାତ ଉଠାଏ । ଯେମିତି ହାତ ଉଠେଇବାବି ତାର ଦାୟିତ୍ୱ ଭିତରେ ଅଛି ।

ବାସନ୍ତୀ ଆଡ଼କୁ ଟିକେ ଚୁଙ୍ଗିଲା ବିନୟ । ବାସନ୍ତୀ ମୁରୁକି ହସିଲା ଟିକେ । ବିନୟ ଯାହାର ଅର୍ଥ କଲା ଯେମିତି ବାସନ୍ତୀ କହୁଛି ଆପଣ ଏତେ ଡେ଼ରୀ କଲେ....ମୁଁ କିନ୍ତୁ ଆପଣଙ୍କୁ ଟାଉନ୍‌ବସ୍‌ରେ ଖୋଜୁଥିଲି ।

ଛୋଟରାୟ ମୁହଁ ଓହଳେଇ ବସିଛି । ଚାହୁଁନି । ବିକାଶ ମିଶ୍ର ଫୋନ୍ କରୁଛି । ଡାହାଣ ହାତରେ ପେପରୱେଟଟାକୁ ଘିରି ଘିରି ବୁଲଉଛି ଟେବୁଲ୍ ଉପରେ ।

ବିନୟ ହାତ ଉଠେଇଲା । ବିକାଶ ମିଶ୍ର ମୁଣ୍ଡ ଟୁଙ୍ଗାରିଲା । ତଥାପି ଛୋଟରାୟ ଚାହୁଁନି । ବିନୟ ବାଧ ହୋଇ ଛୋଟରାୟକୁ

Source: Author, Digitized by PPRACHIN, SOA

-ଆଜ୍ଞା ନମସ୍କାର କହିଲା ଓ ତା ଚେୟାରରେ ବସିଲା ।

କାଲି କିଏ ଗାଡ଼ିପାଇଁ ଫୋନ୍ କରୁଛି ? ଛୋଟରାୟ ଗମ୍ଭିରିଆ କରି ପଚାରିଲା ବିନୟକୁ । ବିନୟକୁ ଲାଗିଲା କିଛି ଗଡ଼ବଡ଼ କୋଉଠି ହେଇଛି । ନହେଲେ ବୁଢ଼ା ଏମିତି ରଗଡ଼େଇ ପଚାରୁଛି କିଆଁ ? ବିନୟ ମନେପକେଇଲା ଭଳିଆ ହେଇ କହିଲା

-ହଁ କିଏ ଜଣେ କରିଥିଲେ । ହେଲେ ଗାଡ଼ିତ ନଥିଲା । ଚାରିଟା ବେଳକୁ ଓ.ଆର୍.ଓ.ଟୁ ୪୭୭୪ ଫେରିବାର ଥିଲା । ଫେରିଲାନି । ମୁଁ ମନା କରିଦେଲି । ବିନୟ ସହଜ କରି କହିଲା-

ଟିକିଏ ନୀରବରହି ଛୋଟରାୟ ବିନୟକୁ କହିଲା

-ବୁଝିଲେ ବିନୟବାବୁ ଟ୍ରାନସ୍‌ପୋର୍ଟିଂ କଂପାନୀରେ କାମ କଲେ କେତୋଟି ନିୟମ ଜଗିବାକୁ ହେବ । ହଠାତ୍ କାହାକୁ ମନା କରିବେନି । ହଁ ଘଣ୍ଟାକରେ ଗାଡ଼ି ପଠଉଛି । ନହେଲେ....ଏଇତ ଗାଡ଼ିଗଲା । କିଛି ନହେଲେ କଥା କହି ଗୋଟେ ଦିନ ଗଡ଼େଇ ଦିଆଯାଇପାରେ । ନହେଲେ ଶେଷକୁ ଅନ୍ୟ ଏଜେନ୍‌ସିରୁ ମଗେଇ ପଠେଇ ଦିଆଯାଇପାରେ । ଘଟଣା କ'ଣକି ସିଧାସଳଖ ମନା କରିଦେବାଟା କଂପାନୀର ଗୁଡ୍‌ଉଇଲ୍‌କୁ ନଷ୍ଟ କରିବ ।

ବୁଝିଲେ......

ବିନୟ ମୁଣ୍ଡ ଟୁଙ୍ଗାରିଲା । ବିକାଶ ମିଶ୍ର କଥା ହଉଛି । ବାସନ୍ତୀ ଟକ୍ ଟକ୍ କରୁଛି ଟାଇପ୍‌ରେ ।

ଗଲା ମୁଡ୍‌ଅପ୍ ହୋଇଗଲା । ସକାଳୁ ସକାଳୁ । ବିନୟ ସକାଳୁ ଖବର କାଗଜ ରାଶିଫଳରେ ଅପଦସ୍ଥ ଅର୍ଥହାନୀ ପଢ଼ିଥିଲା । ଅପଦସ୍ଥ ତ ହେଲା ଦେଖାଯାଉ ଅର୍ଥହାନୀ ହେଉଛି କେତେବେଳେ ।

କାମ ଆଜି ଟିକେ ଅଧିକା ଅଛି । ଦଶଟା ଟ୍ରକ୍ ଠିଆ ହେଇଛନ୍ତି ବାହାରେ । ବିହାର ଯାଇଥିଲେ ମେସିନ୍ ନେଇ । କାଲି ରାତିରେ ଫେରିଛନ୍ତି । ଭାରତୀ କଲୋନୀର ଦଇତାରୀ ବାବୁ କିଏ କାଲି ବାଲି ବୋହିବାକୁ ଚାରିଟା ଗାଡ଼ି ମାଗିଛି ।

ମ୍ୟାନେଜର ଛୋଟରାୟ ଯା ଭିତରେ ବାହାରକୁ ଉଠିଗଲାଣି । ବାହାରେ ଡ୍ରାଇଭରଙ୍କୁ କଣ କହୁଛି ବୋଧେ । ବିକାଶ ମିଶ୍ର ଫୋନ୍ ରଖି ନିଶ ଆଉଁଷୁଛି । ପକେଟ୍ ଖାତାରେ କଣ ଟିପୁଛି ।

ବିନୟ କୋଉ ଗାଡ଼ି କୁଆଡ଼େ ଗଲା ଆଉ କୋଉ ଗାଡ଼ି କୋଉଠୁ ଫେରିଲେ

Source: Author, Digitized by PPRACHIN, SOA

ଫାଇଲ୍‌କୁ ଉଠେଇଲା । ଏକାଥରେ ଏତେଗୁଡ଼ା ଗାଡ଼ିଙ୍କ ହିସାବ ରଖିବା କାମ ତାକୁ ଅଡୁଆ ଲାଗୁଛି ।

ବିନୟ ମନୁଆକୁ ପାଣିଗ୍ଲାସଟେ ଆଣିବାକୁ କହିଲା । ଦ୍ୱିଦିନ ତଳେ ମ୍ୟାନେଜର ଛୋଟରାୟ ତାକୁ ଗଲାମାସ ହିସାବ ମିଳେଇ ଖାତରେ ଟିପିବାକୁ କହିଥିଲା । କାଲି ଦିନମାନ ବସିଛି । ମନେପଡୁ ନଥିଲା । ଆଜି ଶଳାର ମନେନାହିଁ ବୋଧେ । କାଇଁ ପଚାରିଲାନିତ । ଆଚ୍ଛା ହଉ ।

ବିନୟ ପାଣି ପିଇଲା । ହିସାବ ମିଳେଇଲା । ଏ ବର୍ଷ ପ୍ରକୃତରେ ଭାରୀ ଗରମ ପଡ଼ିଛି । ସଞ୍ଜବେଳକୁ ସବୁଦିନ ଗୋଟେ ଧୂମାଳ ଉଠୁଛି, ହେଲେ ବର୍ଷାର ନାଁ ଗନ୍ଧ ନାହିଁ । ମିନା ଚିଠିରେ ଗାଁରେ ମରୁଡ଼ି ପଡ଼ିବା କଥା ଲେଖିଥିଲା ।

ଧାନ ଗଣ୍ଡାକ ବର୍ଷକୁ ଖାଇବା ଯୋଗାଏ । ସେଥିରୁ ଉଣା ହେଲେ ବିନୟ ଉପରେ ଚାପ ପଡ଼ିବ । କେଇ ବର୍ଷ ତଳେ ଯୋଉ ମରୁଡ଼ି ପଡ଼ିଥିଲା...କମି ହୀନସ୍ତା ହେଇନି ସେ । ଅବଶ୍ୟ ମିନା ଘରକୁ ଆସିନଥିଲା ହେଲେ ପିତେଇ ଥିଲା । ସେତେବେଳକୁ ପିତେଇର ବାହାଘର ହେଇନଥିଲା ।

ବିନୟର ଆଖି ମାଡ଼ି ମାଡ଼ି ପଡୁଛି । ଟିକିଏ ଶୋଇପଡ଼ିଲେ ହୁଅନ୍ତା । ବିନୟ ମିଶ୍ର କୁଆଡ଼େ ପଳେଇଲାଣି । ଛୋଟରାୟ ବାହାରୁ ଦିଘେରା ବୁଲିପଡ଼ି ଆସି ବସି ପାନ ଚୋବଉଛି । ଚପଲଟାକୁ ଖର ଖର କରି ତଳେ ଘୋଷାରୁଛି । ବିନୟର ଦିହ ଶିତେଇଲା । ଏମିତିଆ ଚପଲ ଘୋଷାରି ଖର ଖର କଲେ ତାକୁ କେମିତିଆ କେମିତିଆ ଲାଗେ ।

ଛୋଟରାୟ ନାକ ଦିଥର ଟେକି ଚଷମା ଟେକିଲା ।

...... ହାରାମି.......ମନେ ମନେ ବିନୟ ଛୋଟରାୟକୁ ଗାଳି କଲା ।

ଟାଇପ୍‌ରେ ଟକ୍ ଟକ୍ ଶୁଭୁନି । ବାସନ୍ତୀ ହିନ୍ଦୀ ଉପନ୍ୟାସ ପଢୁଛିକି କଣ ।

କ୍ରୁଁ......କ୍ରୁଁ.......କ୍ରୁଁ.......

-ନାଁ.....ନାଁ......ସାର୍ ନାହାନ୍ତି । ମ୍ୟାନେଜର ବାବୁ ଅଛନ୍ତି କଥା ହୁଅନ୍ତୁ । ହଁ.....ଗାଡ଼ି ଅଛି । ହଁ ଅଫିସ୍‌ରେ ଅଛି.......

.....ଆଜ୍ଞା ଫୋନ୍......

ବିନୟ ଛୋଟରାୟକୁ ରିସିଭର ଦେଲା ।

ଘଡ଼ିକି ଘଡ଼ି ଫୋନ୍ ହିଁ ବିକାର କରିଦେଉଛି ମଣିଷକୁ । ୟାପ ହଜାର କଥା ପଚାରିବେ । ଏକାଥରେ କହିଲେ ହେବନି । ଦଶ ଟଙ୍କା ପାଇଁ ଦଶ ମିନିଟ୍ ଦର କଷିବେ ।

Source: Author, Digitized by PPRACHIN, SOA

ଯାପ ୨୬
ଛୋଟ୍‌ଲୋକ୍ କୋଉଠିକାର........

ଛୋଟରାୟ ହସୁଛି ଫୋନ୍ କରୁକରୁ.....

କୃତ୍ୟ କୃତ୍ୟ ହଉଛି । ପାଟିରୁ ପାନଛେପ ଗଳିପଡୁଛି । ରୁମାଲରେ ପୋଛି ପକଉଛି । ଆଖି ବଡ଼ ହଉଛି । ଛୋଟ ହଉଛି । ନାକପୁଡ଼ା ଫୁଲୁଛି/କମୁଛି ।

ଏସା ହାରାମୀ ବେପାରୀ ଯାପ......

ଛୋଟରାୟ ଫୋନ୍ ରଖିଦେଲା । ଚେୟାରକୁ ଆଉଜି ବସିଲା । ହାତଟେକି ଭିଡ଼ିମୋଡ଼ି ହେଲା । ହାଇ ମାରିଲା । ଦି'ଆଙ୍ଗୁଠି ଗେଞ୍ଜି ଆଖି ତାଡ଼ିଲା । ବାଳ ସାଉଁଳେଇଲା । କାଲର ଟେକି ଛାତି ଭିତରକୁ ଫୁଙ୍କିଲା ।

ବିନୟକୁ ଚାହିଁ କହିଲା-ବୁଝିଲେ ବିନୟବାବୁ ଭାରୀ ଗରମ ଆଜି ।

ବିନୟ ମୁଣ୍ଡ ଟୁଙ୍ଗାରିଲା ।

ଆପଣଙ୍କ ଘର ଆଠଗଡ଼ ଆଡ଼େ ନା କଣ ପରା । ସେପଟରୁ ଧନୁଆ ଲଙ୍କା ବେପାରୀ ଆସନ୍ତି । ବଢ଼ିଆ ଲଙ୍କା । ଗୋଟେ ତର୍କାରୀରେ ପକେଇ ଖାଇପାରିବନି । ଲଙ୍କା ଦେଖିବାକୁ ସିନା ଯେତୁଟେ......ହେଲେ......

ଛୋଟରାୟ ଆହୁରି କଣ ଗପିଥାଆନ୍ତାକି କଣ....ବିନୟ ମନା କରି କହିଲା-

-ନାଇଁ ଆଜ୍ଞା ମୋ ଘର କେନ୍ଦ୍ରାପଡ଼ା ଆଡ଼େ, ଆଠଗଡ଼ ଆଡ଼େ ନୁହେଁ ।

ଛୋଟରାୟ ପୁଣିଥରେ ନାକଟେକି ଚଷମା ଟେକିଲା । ଛୋଟରାୟ ନାକ ଟେକିଲେ ତା ଓପର ଓଠ ଟେକି ହେଇଯାଏ । ଯାପ ମୁହଁଟା ଏକ୍‌ଦମ୍ ଘୁଷୁରି ପରିକା ଦିଶେ । ପାନ ଚିକିଟା ଦିଧାଡ଼ି ଦାନ୍ତ ଦେଖାଯାଏ ।

ଆଛା......ଆଛା.....ସେପଟକୁବି ମୁଁ ଯାଉଛି । ଆମ ସମୁଦିମାନେ....ମୋ ପୁଅର ଶଶୁର, ତାଙ୍କ ସାନଝିଅ ସେଇ ଧୋଇଆରେ ବାହା ହେଇଛି । କେନ୍ଦ୍ରାପଡ଼ରୁ ମାର୍ଶାଘାଇ ଆଡ଼କୁ ଗଲାବେଳେ ମଝିରେ ପଡ଼ିବ । କ'ଣ ତ ଗାଁ ନାଁ.... ମଲା....ବସ୍ ଚାଲୁନି ଆଜିକାଲି ବାଦାମ୍‌ବାଡ଼ିରୁ । ଯୋଉ ଅପନ୍ତରା ଅପାଣବା ଗାଁ । ଓହୋ ଦିଇ ଦିଇଟା ନଈ, ଏବେ ପୋଲ ହେଇଗଲାଣି । ତମେ ଯାହା କୁହ..... ବୁଝିଲେ ବିନୟ ବାବୁ ଧୋଇଆରେ ବିରି ଭାରି ଭଲ ହୁଏ । ତମ ଆଡ଼େ ବିରି ଭାଉ ଏଇଲାଗେ କଣ ଅଛି ?

ପ୍ରକୃତରେ ବିନୟ ସେସବୁ କିଛି ଜାଣେନି । ଆଗରୁ ଏ ହିସାବ ଦର ମୂଲ ବୋଉ ରଖୁଥିଲା । ଏଇନେ ମିନା ରଖୁଛି । ସେ କେବଳ ବେଳ ଅବେଳରେ ପଇସା ଦେଇଛି । ମଜୁରୀଆଙ୍କ ପାଇଁ, ସାର ପାଇଁ ନହେଲେ ବିହନ ପାଇଁ ।

Source: Author, Digitized by PPRACHIN, SOA

ବିନୟ କିଛି କହୁନଥିଲା ।

ଛୋଟରାୟ ବି ବିନୟକୁ କିଛି କୁହେଇ ନଦେଇ ଗପ ଲମ୍ବଉଥିଲା । ଯଥା-ତାଙ୍କ ଘର ନିମାପଡ଼ା । ଏ କଂପାନୀରେ ସେ ୮ ବର୍ଷ ହେଲା ରହିଲାଣି । ଝିଅ ବାହାଦେଲାଣି । ପୁଅ ବାହାଦେଲାଣି । ନାତି ନାତୁଣୀ ଖେଳେଇଲାଣି । ଗାଡ଼ି ଖଣ୍ଡେ କରି ଏଇ କଂପାନୀରେ ଲଗେଇଛି । ସହରରେ ଜେଗା ଘର ସବୁ କରିଛି । ତା ସ୍ତ୍ରୀର ଡ଼ାଇବେଟିସ୍ ଆଉ ତାର ହାଇବ୍ଲଡ଼ପ୍ରେସର । ମାଲିକର ପିଲାଛୁଆ ନାହାନ୍ତି । ବୁଢ଼ା ଦିଇଟା ମାଇକିନା ରଖିଛି । ବୁଢା ଅନ୍ତେ ତା ସଂପତ୍ତି ହାଡି ଖାଇବେ ।

ଟିକେ ରହି ବିକାଶ ମିଶ୍ର ଟେବୁଲ୍‌କୁ ହାତ ଦେଖେଇ - ଏଇଟା ମହା ଟାଉଟର । ମାଲିକଟା ନିର୍ମାୟା ଲୋକୁଟା । ଭଲ ଲୋକଟା ଯେ ହେଲେ ଯାପ କଞ୍ଜୁସ୍‌ଟା ।

ଏତକ କହି ଛୋଟରାୟ ଚାରିଆଡ଼କୁ ଅନେଇ ବିନୟ ପାଖକୁ ଲାଗିଆସି କହିବ

-ବୁଝିଲେ ଆପଣ ପିଲାଲୋକ କିଛି ଠଉରେଇ ପାରୁନଥିବେ ଜାଣିପାରୁନଥିବେ ହେଲେ ଏ ଯୋଉ ଟୋକୀ ଖଣ୍ଡକ କିଛି କମ୍ ନୁହଁ.......ବର୍ଷେ ହେଲାଣି ଦାରୀ ନାଟ ନଗେଇଛି ଏଠି ।

ସେତେବେଳକୁ ଛୋଟରାୟ ହାତ ବାସନ୍ତୀ ରୁମ୍ ଆଡ଼କୁ ଠାରି ହେଇଥିବ ।

ବିନୟ ପଛକୁ ଟିକେ ଘୁଞ୍ଚିଯିବ । ଛୋଟରାୟ କଥା କହିଲେ ତା ପାଟିରୁ ସ୍ପ୍ରେ ହେଲାଭଳିଆ ପାନଛେପ ଛିଟିକେ । ପାନୁଆ ପାନୁଆ ଆମ୍ବିଳିଆ ଗନ୍ଧ ନାକରେ ବାଜେ ।

ସୋଉଠୁ ଛୋଟରାୟ ଠୋ ଠୋ ହେ ହେ ହେଇ ହସିବ । ଦିହାତ ପାପୁଲି ମଳିବ । ଆଖି ଚାହାଁଣି କଅଁଳିଆ କରି ଥିଇରି କରି ପୁଣି କହିବ

-ହେଲେ ବୁଝିଲେ ବିନୟବାବୁ ଯାହା ହେଉନା କାହିଁକି ପିଲାଟା ଭଲ । ଏଇ ଯାହା ଚାରିତ୍ରିକ ଦୋଷ ଟିକେ ଅଛି । କ'ଣ କରିବ ବିଚାରୀ ଅଭାବେ ସ୍ୱଭାବ ନଷ୍ଟ ।

ଆପଣ ନୂଆଲୋକ ବଳେ ଜାଣିଯିବେନି ।

ତାପରେ ଛୋଟରାୟ ଠିଆହେଲା । ତା ପେଟ ଥନ୍ତଲିଆ । ଠିଆ ହେଲେ ଟେବୁଲ୍‌ରେ ବାଜେ । ଛୋଟରାୟ ଚଷମା ପକେଟ୍‌ରେ ରଖିଲା । ମଚକଟିଆ କଳାହ୍ୟାଣ୍ଡ ବ୍ୟାଗରୁ ଗୋଟେ ସିଂଗ ପାନିଆ ବାହାରକରି ଚନ୍ଦାମୁଣ୍ଡରେ ବୁଲେଇଲା ।

ବିନୟକୁ କହିଲା -

-ମୁଁ ଟିକେ ଖାଇଦେଇ ଆସେ । ଆପଣ ତ ଅଛନ୍ତି । ଫୋନ୍ ଧରିବେ । ଡ଼ାକବାଲା ଆସିନି । ମାଡ୍ରାସରୁ ଚିଠି ଆସିଲାନି । ବୁଢ଼ା ଫୋନ୍ କରିପାରେ । ନୟାଗଡ଼ରୁ ଗାଡ଼ି ଙ୍କି

Source: Author, Digitized by PPRACHIN, SOA

ଆସିଲେ ଅଟକାଇବେ । ମହାକୁଡ଼ ଫୋନ୍ କଲେ ତାକୁ ମନାକରିଦେବେ ଗାଡ଼ି କିଛି ଫ୍ରି ନାହିଁ । ମୁଁ ଚାଲିଲି । ଟିକେ ଛାଡ଼ି ଆସିବି ।

ଛୋଟରାୟ ଚପଲ ଘୋଷାଡ଼ି ଘୋଷାଡ଼ି ଚାଲିଲା । ବିନୟ କାନେଇଲା ଟିକେ ଛାଡ଼ି ଛୋଟରାୟର ଲୁନାଗାଡ଼ି ଘଡ଼ ଘଡ଼ କରି ଦୂରେଇଗଲା । ବିନୟ ଜାଣିଛି ଶଳା ନାଲାୟକ ଛୋଟରାୟ ଆଜି ଆଉ ଅଫିସ୍ ଦୁଆରମୁହଁ ମାଡ଼ିବନି । ମିଛଟାରେ ହେଇ ଆସୁଛି କହି ହଜାର କାମରେ ମୁହଁ ମାରିବ । ହାରାମି କୋଉଠିକାର । ବୁଢ଼ା ନଥିଲେ ଯାପ ତାର ପୁଷମାସ ବାହାରିବ । କାହାଁକା ମାଙ୍କଡ଼ ଶଳା ।

ବିନୟର ଇଚ୍ଛା ହେଲା ବଡ଼ପାଟି କରି ଅଭଦ୍ର ଭାଷାରେ ଛୋଟରାୟକୁ ଗାଳିକରିବ । ଗାଳିକରିବାକୁ ସେମିତି କିଛି କାରଣ ନଥିଲେବି ଖାଲି କାହାକୁ ଏମିତି ଗାଳିକରିବାକୁ ବିନୟର ବେଳେ ବେଳେ ଇଚ୍ଛା ହୁଏ । ନହେଲେ ପରିବେଶ ନିରବ ହେଇଗଲେ ଖୁବ୍ ବଡ଼ପାଟି କରି କିଛି ଗୋଟେ ଅଶ୍ଳୀଳ ଶବ୍ଦକୁ ଦୋହରାଇବାକୁ ଇଚ୍ଛାହୁଏ । ଏବେ ପୁରା ଅଫିସ୍ ଶୁନ୍‌ଶାନ୍ ଲାଗୁଛି । ମନୁଆ ଶଳାଟି ଟୁଲ୍ ଉପରେ ନାହିଁ । ଛକକୁ ବୋଧେ ପଳେଇଛି ପାନ ଚୋବେଇବାକୁ । ବାହାରେ ଗଡ଼ର ଗଡ଼ର ହଉଥିବା ଡ୍ରାଇଭର ହେଲ୍‌ପର ଗୁଡ଼ା କୁଆଡ଼େ ପଳେଇଲେକି ? କିଛି ସୋର ଶବ୍ଦ ଶୁଭୁନି । ଟାଇପ୍ ବି କଟ୍ କଟ୍ କରୁନି ।

ବାସନ୍ତୀ କୁଆଡ଼େ ପଳେଇଲାକି ?

ଶାଳୀ ଶୋଇପଡ଼ିଲା ନା ଉପନ୍ୟାସ ପଢୁଛି । ସତକଥାତ ତା ସୋର ଶବ୍ଦ ତ କେତେବେଳୁ ନାଇଁ । ଏପଟକୁ ମୁହଁ ବୁଲେଇଥିବାବେଳେ ବାହାରକୁ ପଳେଇ ଯାଇଛିକି କଣ ।

ବିନୟ ମିଛେରେ ମିଛେରେ ଫୋନ ପାଖକୁ ଗଲା । ସେଉଠୁ ବାସନ୍ତୀ ଟେବୁଲ୍ ଠିକ୍‌ରେ ଦୃଶ୍ୟ ହୁଏ ।

ବାସନ୍ତୀ ତା ସିଟ୍‌ରେ ନାହିଁ । ବିନୟ ସେ ରୁମ୍‌ର ଦୁଆର ମୁହଁ ଯାଏଁ ଗଲା । ନା କେହି ନାହାନ୍ତି । ଟାଇପ୍ ରାଇଟରକୁ ଆଉଜା ହେଇ ବାସନ୍ତୀର ମାଟିଆ ଭ୍ୟାନିଟ୍ ଥୁଆ ହେଇଛି । ବାସନ୍ତୀ ନାହିଁ ।

କୁଆଡ଼େ ଗଲା ?

ଉପର ଘରେ ଅଛି ? ବିନୟ ଘରିଆ ଯୋଉ ଘରେ ବସୁଛନ୍ତି ତା ଉପରକୁ ବଖରାଏ ଘର ଅଛି । ବାଲ୍‌କୋନି ପଛକୁ । ବୁଢ଼ା ବେଳେବେଳେ ସେଇଠି ରହେ ନହେଲେ ବାହାରୁ କେହି ବୁଢ଼ା ପାଖକୁ ଆସିଲେ ସେଇଠି ରହନ୍ତି । ବୁଢ଼ା ଶଳା ସେ ଘରେ କୁଆଡ଼େ ଦାରୀ

Source: Author, Digitized by PPRACHIN, SOA

ଧନ୍ଦା ବି କରେ । ବାସନ୍ତୀ କି ଧରି କୁଆଡ଼େ ବୁଢ଼ା ବେଳେବେଳେ ଖରାବେଳେ ଶୋଇପଡ଼େ ବୋଲି ଥରେ ଗୋଟା ଡ୍ରାଇଭର ଏଇଠି ତାକୁ କହୁଥିଲା ।

ବୁଢ଼ା ଅବଶ୍ୟ ତା ରହିବା ଭିତରେ ଏଇ କେଇଦିନ ହେଉ ପଛେ ସେ ଘରଆଡ଼େ ଯାଇନି । ବୁଢ଼ା ନଥିବାବେଳେ ରୁମ୍ ବୋଧେ ଲକ୍ ରହୁଥିବ । ବାସନ୍ତୀ ପାଖରେ ସେ ରୁମ୍ ଚାବି ବୋଧେ ରୁହେ ।

ବାସନ୍ତୀ ସେଇଠି କାହା ସାଙ୍ଗରେ ଶୋଇନିତ ?

ଶୋଇନଥିବ ବୋଲି କିଏ କହିବ । ହୁଁମ ଟୋକୀଟା ସେମିତିକା ଲାଗୁନଥିଲାକି ?

ବାସନ୍ତୀର ବ୍ୟାଗ୍ ଡ଼େରାହେଇଛି ସେଇଠି । ବିନୟ ଠିକ୍ କଲା ବାସନ୍ତୀ ଭ୍ୟାନିଟ୍ ଖୋଲିକି ଦେଖିବ ।

କଣ ଥିବ ?

କଣ୍ଡମସ୍ ପ୍ୟାକେଟ୍ ଥିବ ? ନହେଲେ ପର୍ଲ ଗର୍ଭନିରୋଧକ ଥିବ । କେୟାରଫ୍ରି କି ହୁଇସ୍ପର ବି ଥାଇପାରେ ।

ନାଇଁମ ଏ ପଟରୀ କେୟାରଫ୍ରି ପଇସା ଦେଇ କିଣୁନଥିବ ? ସେମିତି କାମ ଚଳେଇ ଦଉଥିବ ।

ବ୍ୟାଗରେ ଆଉ କଣ ଥିବ । ଚିଠି ଫିଠି ବି ଥାଇପାରେ । ନହେଲେ କିଛି ସେକ୍ସ ମ୍ୟାଗାଜିନ୍ କିମ୍ବା ବହି କିଛିନହେଲେ ନଙ୍ଗଳା ମୁକୁଳା ଫଟୋ ଚାରି ଛଅଟା ବି ଥିବ ।

ଥରେ ଦେଖିଦେଲେ କ୍ଷତି କଣ ?

ବିନୟ ପୁଣି ନିଜକୁ ବୁଝେଇଲା ନା ବାସନ୍ତୀ ଏଥିରେ କିଛି ରଖିନଥିବ । ରଖିଥିଲେ ଏମିତି ଖୋଲାରେ ଫୋପାଡ଼ି ଦେଇ ପଳେଇ ନଥାନ୍ତା । ବିନୟ ପୁଣି ନିଜ ସାଙ୍ଗରେ ଯୁକ୍ତି କଲା-ହଁ ତରତରରେ ପଳେଇ ଥାଇପାରେ କୋଉ ହାଡ଼ି ଘଇତା ସାଂଗରେ ବେଧେଇର ମନେନାହିଁ ।

ବିନୟର ଖୁବ୍ କୌତୁହଳ ହେଉଥିଲା । କଣ ଅଛି ବାସନ୍ତୀ ପରି ଝିଅଟିର ଭ୍ୟାନିଟ୍‌ରେ ଦେଖିବାକୁ । ବିନୟ ନିଜକୁ ଉତ୍ସାହିତ କରେଇଲା ।

ବିନୟ ଝରକା ଦେଇ ବାହାରକୁ ଚାହିଁ ଦେଖିଲା ଗେଟ୍ ବାହାରେ ଗାଡିଗୁଡା ଥୁଆ ହେଇଛି । ଦିଆଲ ସେପଟରେ କେବଳ ଗାଡ଼ି ଉପର କ୍ୟାବିନ୍‌ଯାକ ଦିଶୁଛି । ଦିଆଲ ଏପଟ ଗଛ ଛାଇରେ ଡ୍ରାଇଭର ହେଲ୍‌ପର କେଇଟା ପୁଣି କୋଉଠୁ ଆସି ବସିଲେଣି । ଯାପଙ୍କର ଚିନ୍ତାଦକ କିଛି ନାଇଁ । ମନୁଆବି କୋଉଠୁ କୋଉଠୁ ବୁଲିବୁଲି ଆସି ବସିଛି ସେଇଠି । ପଷ୍ଟା

Source: Author, Digitized by PPRACHIN, SOA

ଛୋକରଟା । ବୁଢ଼ା ନାଇଁ ବୋଲି ଦେଖାସାକ୍ଷାତ ନାଇଁ ଶଳାର ।

ବିନୟକୁ ଡ଼ର ଲାଗିଲା ମନୁଆଟା ହଠାତ୍ ପଳେଇ ଆସିବନିତ ?

ନା ଆସିଲେ ଏଇ ଝରକା ପଟରୁ ଦିଶିବ । ସେ ପୁଣି ଯଥାସ୍ଥାନରେ ଭ୍ୟାନିଟ୍ ରଖିଦେବନିକି ?

ବିନୟ ଝରକା ଦେଇ ପୁଣି ଚାହିଁଲା - ନା କେହି ଏପଟକୁ ଚାହିଁନାହାନ୍ତି ।

ସେ ଭ୍ୟାନିଟ୍ ଉଠେଇଲା ।

ଭ୍ୟାନିଟ୍ ଉପରଟା ଋମିଋମିଆ ହେଇଛି । ହାତ ଘଷିଲେ ଭଲ ଲାଗୁଛି । ଭ୍ୟାନିଟ୍‌ଟାକୁ ଟିକେ ନାକ ପାଖରେ ଲଗାଇଲା ବିନୟ । ଆମ୍ବିଳିଆ ଗନ୍ଧଉଛି ।

ବିନୟ ଭ୍ୟାନିଟ୍ ଚେନ୍ ଖୋଲିଲା ।

ଭ୍ୟାନିଟ୍‌ର ସବୁ କୋଠରୀ ଖୋଜିଲା । କିଛି ନାହିଁ । ଦିଇଟା ଦଶଟଙ୍କିଆ/କିଛି ଖୁଚୁରା ପଇସା । ଲିଟାକୋଲୁ ବଟିକା ଦିଇଟା । ଗୋଟା ଲିପ୍‌ଷ୍ଟିକ୍ । ଟିପା ପାକିଟିଏ । ଗୋଟେ ଚାରିଚଉତା କାଗଜ । ଚିଠି ଭାବି ବିନୟ ଉତ୍କଣ୍ଠାରେ ଖୋଲିଲା । ପ୍ରେସ୍କ୍ରିପସନ୍‌ଟେ । ମନ୍ଦରୀ ଦେବୀ କିଏ ତାର । ବାସନ୍ତୀର ବୋଉ ହେଇଥିବେକି କଣ ।

ଏ ଡ଼ାକ୍ତରଙ୍କ ଅକ୍ଷର ସବୁବେଳେ ବଙ୍କଟେଢ଼ା । ଔଷଧ ଦୋକାନୀ ଏ ଅକ୍ଷର ପଢନ୍ତି କେମିତି କେଜାଣି ।

ଧୁତ୍ ଶାଳୀ କିଛି ରଖିନି ।

ବିନୟ ମୁଡ୍ ଅପ୍ ହେଇଗଲା । କେତେ ଆଶାରେ କେତେ ଉତ୍ତେଜନାରେ ସେ ଭ୍ୟାନିଟ୍ ଖୋଲିଥିଲା ? ଛାଡ଼ ।

ହେଲେ ବାସନ୍ତୀ ଗଲା କୁଆଡ଼େ ? କୋଉ ଡ୍ରାଇଭର ସାଙ୍ଗରେ କୁଆଡ଼େ ଗଲାକି ? ହଁ..ମ ପଇସା ମିଳିଲେ କିଏ ଦେଖେଇବନି କି ? ଶ୍ରୀଦେବୀ, ମାଧୁରୀ ତ ପାଖରେ ଶୋଇବେ ।

ହେତ...ଶାଳୀ ଯା ସାଙ୍ଗରେ ଯାଉ ଯୋଉଠି ଶୋଉ ତାର କଣ ଅଛି ? ବିନୟ ନିଜକୁ ବୁଝେଇଲା ।

ତଥାପି ଅନିଚ୍ଛା ସତ୍ତ୍ୱେ ବିନୟକୁ ଦିଶିଲା ଅପେକ୍ଷାକୃତ ଅନ୍ଧାରୁଆ ଚାଳଘର । ଖଟ ଉପରେ କୋଚଟ ବେଡ୍‌ସିଟ୍‌ଟେ ପଡ଼ିଛି । ବାସନ୍ତୀର କାଳୀ ଅସନୀ ଫୁଙ୍ଗୁଳା ଦେହ ଉପରେ ଗୋଟେ ମୋଟା ନିଶୁଆ ଦକ୍ଷିଣୀ ଡ୍ରାଇଭର ହାମୁଡ଼େଇ ଧଇଁ ପେଲୁଛି ।

ବିନୟ ସେ ଦକ୍ଷିଣୀକୁ ସେଠୁ ତଡ଼ି ନିଜକୁ ରଖିଲା ।

Source: Author, Digitized by PPRACHIN, SOA

ବିନୟ ଛକରେ ଗାଡ଼ିରୁ ଓହ୍ଲେଇଲା ବେଳକୁ ମାଛି ଅଂଧାର ହେଇସାରିଲାଣି । ଖଳା ଗୋଟେ ଧନ୍ଦା । ଏଇଲାଗେ ଗୋଟେ କିଲୋମିଟର ଉପରେ ଚାଲିବାକୁ ହେବ । ଆଗରୁ ଟିକେ ପଳେଇ ଆସିଥିଲେ ହେଇଥାନ୍ତା । ହେଲେ ବାଟସାରା ଗାଁଲୋକ ନହେଲେ ଚିହ୍ନାଲୋକଙ୍କୁ ସାମ୍ନା କରିବାକୁ ହେଇଥାନ୍ତା । ଏକ୍ ରେ ସମସ୍ତଙ୍କୁ ନମସ୍କାର କରିବାକୁ ପଡ଼ିଥାନ୍ତା । ଦୁଇରେ ଅଧାବାଟରେ ଠିଆ କରେଇ କିଏ କେତେ ଉପଦେଶ ଦେଇଥାନ୍ତେ ।

ସେଇଥିପାଇଁ ଖାଆସେ ଆଜିକାଲି ଘରକୁ ଫେରିଲେ ବିନୟ ସଂଜ ଗଡ଼ିଗଲାପରେ ଫେରୁଛି ।

ବିନୟ ବଡ଼ବଡ଼ ଦିଇଟା ବ୍ୟାଗ ଦିହାତରେ ଧରି ଅଂଧାରରେ ରାସ୍ତା ବାରିବାରି ଚାଲୁଥିଲା । ରାସ୍ତାସାରା ଯାପ ଡ଼ିମା ପଡ଼ିଛି । ଏ ଅଂଧାରରେ ଝୁଣ୍ଟିପଡ଼ିଲେ ଅଂଗୁଠିରୁ ଫାଳେ ଛିଡ଼ିଯିବ ।

କାଲି ଦୀପାବଳୀ । ଆଜିଠୁ ଢ଼ୋ ଢ଼ୋ ଶୁଭୁଛି । ଛୁଆଏ ଆଜିଠୁ ଫୋଟକା ଫଟଉଛନ୍ତି ।

ବିନୟର ବାଟ ଚାଲୁଚାଲୁ ପିଇାବେଳେ କଥା ମନେପଡ଼ିଲା । ପିଇାବେଳ ଭଲଥିଲା । ସେତବେଳକୁ ଏ ରାସ୍ତା ହେଇନଥିଲା । ବିଲ ଭିତରେ ହିଡ଼ ହିଡ଼ରେ ଯା'ଆସ ହେଉଥିଲା । ଦଶହରା କି ରଜ ଘଡ଼ିକି ବାପା କଲିକତାରୁ ଆସୁଥିଲେ । ନହେଲେ ଡ଼େରି କରି କେତେ ରାତିରେ ଯାଇଁ ଆସୁଥିଲେ । ଦିନେ ଦିନେ ତ ପିତେଇ ଆଉ ସେ ସକାଳୁ ଉଠିଯାଇ ବାପାଙ୍କୁ ଦେଖୁଥିଲେ ।

ସକାଳୁ ସକାଳୁ ବାପା ସେତେବେଳେ ଗୋଟେ ଗାରପକା କଲିକତି ଗାମୁଛା କନ୍ଧରେ ପକେଇ ଚମଡ଼ା ଚପଲ ମତେଇ ଗୁଡ଼ାଖୁ ଟେଳେଧରି ଗାଁ ଦାଣ୍ଡକୁ ଯାଉଥିଲେ । ଖାଆସେ ଦଣ୍ଡବତ ହବାକୁ । ବାପା ତାଙ୍କ ଦାଦା, ବଡ଼ବାପା, ଦେଠେଇ, ଖୁଡ଼ି, ବଡ଼ଭାଇ ଭାଉଜ ଆଦି ଯେତେ ହିସାବ, ସମସ୍ତଙ୍କୁ ଖୋଜି ଖୋଜି ନମସ୍କାର ହୁଅନ୍ତି । ବାପା ସବୁଥର କଲିକତାରୁ ନୂଆ ଜାମାପେଣ୍ଟ ସାଙ୍ଗରେ ସେମାନଙ୍କ ପାଇଁ ଖଜୁରୀକୋଳି ଆଣନ୍ତି । ଆଣନ୍ତି

Source: Author, Digitized by PPRACHIN, SOA

ଯେ ହେଲେ ଦାଣ୍ଡରୁ ଯାଆଳୁ ପାଇ ତାକୁ ଡ଼ାକି କୋଳି ବାଣ୍ଟନ୍ତି । ବୋଉ ରବେଇ ଖବେଇ ହୁଏ । ଠେକିରେ ରଖିଦେଇ ମିଛରେ କହେ ଛୁଆ ଖାଇଦେଲେ ଆଉ ନାହିଁ । ହେଲେ ପିତେଇକୁ ଆଉ ତାକୁ ଲୁଚେଇକି ଦିଏ ।

ପିତେଇଟା ସବୁଦିନ ଲୋଭୀ । ଖାଇବନି ବସିକି ଚାଟିବ ଟିକେ ଟିକେ କରି । ବାପା କଲିକତାରୁ ଦୁଧଗୁଣ୍ଡ ବି ଆଣୁଥିଲେ । ଦୁଧଗୁଣ୍ଡ ଡ଼ବାରେ ଥିବା କୁନି ଚାମୁଚିରେ ବୋଉ ଦୁହିଁଙ୍କୁ ଦୁଧଗୁଣ୍ଡ ଟିକେ ଟିକେ ଦଉଥିଲା । ବାପା ଆଣିଥିବା ଚିନି ପୁଡ଼ିଆରୁ ଚିନି ବମ୍‌କୁ ଓଜାଡ଼ିଲା ବେଳେବି ଚିମୁଟେ ଚିମୁଟେ ଦେଉଥିଲା । ବିନୟକୁ ଏଇ ଦୋଅଟି ଜିନିଷ ବେଶୀ ଭଲଲାଗେ । ହେଲେ ବୋଉ ସବୁବେଳେ ଦଉନଥିଲା । ଯେତେ ଇଚ୍ଛା କଲେ ସେତେବି ଦଉନଥିଲା । ସିନ୍ଦୁକରେ କୋଲପ ଦେଇ ରଖୁଥିଲା ।

ବିନୟ ସେତବେଳେ ଭାଗବତ ଗାଦିରେ ଓଳଗି ହେଲାବେଳେ ଠାକୁରଙ୍କୁ ବିଦ୍ୟାବୁଦ୍ଧି ସାଙ୍ଗରେ ସବୁଦିନ ଦୁଧଗୁଣ୍ଡ ଆଉ ଚିନି ମାଗୁଥିଲା । ବଡ ହେଲା ପରେ ଚାକିରୀ କଲେ ସବୁ ବେଳେ ଚିନି ଆଉ ଦୁଧଗୁଣ୍ଡ ଖାଇବ ବୋଲି ଠିକ୍ କରିଥିଲା ।

ରାତି ବେଶୀ ହେଇନି ହେଲେ ରାସ୍ତା ଖାଁ ଖାଁ ଲାଗୁଛି । ବିନୟ ଗୋଡ଼ ଫୁର୍ତ୍ତିକଲା । ବ୍ୟାଗ୍ ଦିଇଟା ଓଜନ ଲାଗୁଛି । ଗଲାଥର ବୋଉ କହିଥିଲା ଫାରମରୁ ମାଟିଆଳୁ ଆଣିବାକୁ । ମାଣିକଘର ଲଗେଇଥିଲେ ଯେ ଗଲାସନ ଭଲ ଫଳିଛି । ଗୋଟିଏ ବର୍ଷରେ ପୁଣି । ବିନୟ ଆଜି ସକାଳୁ ଫାରମ ଯାଇ ମାଟିଆଳୁ ଆଉ ଓଲୁଅ ବିହନ ଆଣିଛି । ଶଳା ଗାଣ୍ଡି ଫାଟିଗଲାଣି ବୋହି ବୋହି ।

ମୁଗୁନି ଓସ୍ତଗଛ ଆସିଗଲା । ବାଁ ପାଖକୁ ମୋଡ଼ିଗଲେ ନୂଆ ଗଡ଼ିଆ । ଗଡ଼ିଆ ତଳକୁ ମଶାଣୀ । ଏଇ ମଶାଣୀରେ ବହୁବର୍ଷ ତଳେ ସେ ତା ବାପାକୁ ଦିନେ ପୋଡ଼ିଥିଲା । ଏବେ ଭଲକରି ସେ କଥା କିନ୍ତୁ ମନେପଡୁନି । ବାପାଙ୍କ ମୁହଁବି ବିନୟର ଠିକ୍‌ରେ ମନେନାହିଁ । ଯେତେକି ମନେପଡୁଛି ସେତକ ପୁଣି ଠାକୁର ଘରେ ଆଣ୍ଠୁଆ ଗୋପାଳ, ଜଗନ୍ନାଥ, ସନ୍ତୋଷୀ ମା'ଙ୍କ ଫଟୋ ସାଙ୍ଗରେ ପୂଜା ପାଉଥିବା ବାପାଙ୍କ ପାଉଁଶିଆ ଫଟୋ ସାଙ୍ଗରେ ମିଶୁନଥିଲା ।

ବୋଉ ସବୁବେଳେ ଅଭାବବେଳେ ବାପାଙ୍କୁ ସଂପେ । ଅଧା ବଅସରେ ଦି ଦିଇଟା ଛୁଆ ତା ହାତରେ ଦେଇ ବାପା ଆରପାରିକି ପଳେଇଲେ ବୋଲି ।

ବୋଉର ଧାରଣା ସେ ବିନୟକୁ ମଣିଷ କରିଛି । ପିତେଇକୁ ମଣିଷ କରି ବାହାଦେଇଛି । ବିନୟ କିନ୍ତୁ ଜାଣେ ସେ ନିଜ ଗୋଡ଼ରେ ଠିଆ ହେଇଛି । ମାଗି ଯାଚି ପାଠ

Source: Author, Digitized by PPRACHIN, SOA

ପଢ଼ିଛି । ଟ୍ୟୁସନ୍ କରି କ୍ୟାରିୟର ବରବାଦ୍ କରିଛି । ପାଠକୁ ପୁଣି ଅଧାରୁ ଛାଡ଼ି ପ୍ରାଇଭେଟ୍ କଂପାନୀରେ ଖଟିଛି । ଭଉଣୀ ବାହା ଦେଇଛି । କରଜ କରିଛି, ଜମି କିଣିଛି । ଗାଁ ଘର କାନ୍ଥରେ ବାଲିମାଟି ପଲସ୍ତରା କରି ଚୂନ ଆଲକାତରା ବୋଳିଛି, ଘର ତଳ ପକ୍କା କରିଛି । କୂଅ ଖୋଳେଇଛି, ପାଇଖାନା ବସେଇଛି । ବାରି ଗଡ଼ିଆରେ ପଥରତୁଠ କରିଛି । ବାହା ହେଇଛି ।

ଆଉ କେତେ କରିପାରିଥାନ୍ତା ?

ତଥାପି ବିନୟ ବୁଝେ ତାର ଆହୁରି କିଛି କରିବାର ଥିଲା । ସେ କରିପାରିନି । ଏତେ ସବୁ କଳାପରେବି ସେଇ ଗୋଟେ କାମ କରିପାରିନି । ତା'ହାତରେ ହୋଇଥିଲେ ସେ କଣ ଛାଡ଼ିଥାନ୍ତା ?

ଅଂଧାରରେ କେତେ ଜଣ ବିନୟ କଡ଼ଦେଇ ଯାଉଥାନ୍ତି । ନୂଆଗଡ଼ିଆକୁ ପୋଖରୀପାଣି ଯାଉଛନ୍ତି ବୋଧେ । ଚାରିପଲ ମାଇପିବି ଗଲେଣି । କେହି କେହି ଉଣ୍ଡିକି ଚାହୁଁଛନ୍ତି । ଅଂଧାରରେ ଅନ୍ଦାଜ କରିପାରୁନାହାଁନ୍ତି ବୋଧେ ।

କେହି ଗଲାବେଳକୁ ବିନୟ ମୁହଁପୋତି ଦଉଛି ।

ବସ୍‌ରୁ ଓହ୍ଲେଇଲାବେଳକୁ ଟିକେ ଶିତୁଆ ଶିତୁଆ ଲାଗୁଥିଲା । ହେଲେ ଏ ଭାରୀ ବ୍ୟାଗ୍‌ଦିଇଟା ଧରି ଧଇଁ ଉଠିଗଲାଣି । ଯାପ ଏତେ ଓଜନ ହେଇଛି ଝାଳ ବହିଗଲାଣି ଗୋଟାପଣ । କରେଣ୍ଟ ନାହିଁ ବୋଧେ ।

ଦାଣ୍ଡଘର ଅନ୍ଧାରିଆ ହେଇଛି । ବୋଉ ବୋଧେ ଏବେ ବନ ଦାଦାଙ୍କ ଘରକୁ ଯାଇଥିବ । ଭାଗବତ ଶୁଣିବାକୁ । ମିନା ଏଇଲାଗେ ରୋଷେଇଘରେ ଚୂଲି ଫୁଙ୍କୁଥିବ ।

ବିନୟ ଦାଣ୍ଡ ପାହାଚ ଉଠିଲା । ଘର ଭିତରର ଝାପ୍‌ସା ଆଲୁଅ ପଡ଼ିଛି ମେଲାଘରେ । ତିନିଚାରିଟା ବସ୍ତା ଢ଼େରା ହେଇଛି । ବିଅଳି ଅମଳ ବୋଧେ ସରିଗଲାଣି । ଭାଗୁଆ ଧାନ ଦେଇସାରିଲେଣିକି କଣ । ବିନୟ ଆଳୁ ବିହନ ଥିବା ବସ୍ତାଟାକୁ ଦାଣ୍ଡ ଖଟତଳକୁ ପେଲିଦେଲା ।

ତାଙ୍କ ଶୋଇବାଘର ଦୁଆର ମୁହଁରେ ଆଉ ବ୍ୟାଗ୍ ଢ଼େରି ଚପଲ କାଢୁକାଢୁ ଖଡଖାଡରେ ମିନା ରୋଷେଇଘରୁ ଡ଼ିବିଟେ ଧରି ବାହାରକୁ ଆସିଲା ।

ସାରାଘର ଅଂଧାର । ନାଲିରଂଗର ଶାଢ଼ୀ ଗୋଟେ ପିନ୍ଧିଛି ମିନା । ଡ଼ିବେଟେ ଧରି ଆସୁଛି । ଘରେ ଆଉ କେହି ନାହାନ୍ତି । କିଏ ଆଉ ଥାଆନ୍ତା ? ବୋଉ ତ ବନଦା'ଙ୍କ ଘରକୁ ଯାଇଥିବ ।

Source: Author, Digitized by PPRACHIN, SOA

-ଏତେ ଡ଼େରୀ କଲ ? ହଜାର ଥର କହିଲିଣି ରାତିଯାଏଁ ରହିବନି । ବୋଉ ଅନେଇ ଅନେଇ ହେଇଗଟି ଗଲେ । ତମେ ନୁଗା ପାଲଟି ପଡ଼ି କୂଅ ମୂଳକୁ ଆସ । ମୁଁ ପାଣି କାଢୁଛି । ତାଙ୍କ ଶୋଇବାଘର ଦୁଆରମୁହଁରେ ଡ଼ିବି ଥୋଇଦେଇ ମିନା ବାରିଆଡ଼କୁ ପଳେଇଲା ।

ମିନାଟା ଖୁବ୍ ସୁନ୍ଦର ଦିଶୁଛି । ଯେମିତି ତା ଚଉଠି ଦିନ ଦିଶୁଥିଲା ସେମିତି ।

ବିନୟକୁ ଘଟଣା ଟିକେ ରୋମାଣ୍ଟିକ୍ ରୋମାଣ୍ଟିକ୍ ଲାଗିଲା ।

ବିନୟ ନୁଗା ବଦଳେଇ ବାରିଆଡ଼କୁ ଗଲା । ମିନା ଗୋଟେ ପ୍ଲାଷ୍ଟିକ୍ ଟବ୍‌ରେ ପାଣି ଭରୁଛି । ଅଂଧାରିଆ ଲାଗୁଛି କୂଅମୂଳ । କରେଣ୍ଟ ନାହିଁ । ଗାଁରେ ଶଳା ଏଇ ଅସୁବିଧା ।

ମିନା ନଇଁପଡ଼ି ବାଲ୍‌ଟି କାଢୁଛି କୂଅରୁ ।

ବିନୟ ମିନା ପାଖକୁ ଗଲା । ପଛପଟୁ ହଠାତ୍ ଭିଡ଼ିଧରିଲା ମିନାକୁ । ମିନା କିଛି କହିଲାନି । କୂଅରୁ ବାଲ୍‌ଟି ଉଠେଇ ତଳେ ରଖିଲା । କୂଅ ପାଖ ଗାଧୁଆଘର କାନ୍ଥରେ ଡ଼େରି ମିନାକୁ ଠିଆ କରେଇଲା ବିନୟ ।

ବୋଉ ଆସିଗଲାକି କଣ ....

ମିନା ବିନୟକୁ ପେଲିଦେଇ ଘର ଭିତରକୁ ପଳେଇଲା । ବିନୟ ଧୋଇହବା ଭିତରେ ବୋଉ ବାରିପଟକୁ ଆସିଲା । ଅଣ୍ଟାଳି ଅଣ୍ଟାଳି । ସେଇ ଅଂଧାରରେ ।

-ବୋଉ

-ହଇରେ ଏତେ ଖବର ପତର ପରେ ଆଜି ଆଉଛୁ । ମୁଁ ମରିଥିଲେ ପନ୍ଦରଦିନ ହୁଅନ୍ତାଣି ।

ବୋଉ କାନ୍ଦିବାର ଉପକ୍ରମ କରୁଥିଲା ବୋଧେ । ବୋଉ ସବୁଦିନ ସେମିତି । କଥାରେ କଥାରେ ନାକ ସୁଁ ସୁଁ କରି ବାହୁନା ଆରମ୍ଭ କରିବ । ବିନୟ ବାରି ତାରରୁ ଗାମୁଛା ଆଣି ଗୋଡ଼ ପୋଛିହେଲା । ବୋଉକୁ କହିଲା - ଆ-ଆ ଘରକୁ.....

ଠାକୁରଘର ପିଣ୍ଡାରେ କାନ୍ଥକୁ ଆଉଜି ବିନୟ ବସିଲା । ବୋଉ ବସିଲା ପାଖରେ । ଏଥର ବିନୟର ଗଲା ଦେଢ଼ମାସର ଧାରାବିବରଣୀ ଶୁଣିବା କଥା । ବୋଉର ଗପିବାର କଥା ।

ବୋଉ ଫୁସୁଫୁସୁ କରି ଆରମ୍ଭ କଲା; ମିନାକୁ ନଶୁଣିଲାପରି ।

-ତା ଭାଇ ଆସିଥିଲା । ମୁଁ ବଟେଇଲିନି । କୋଉ ଗୁଣକୁ ବୋପା ଭାଇ ସୁହାଗ ବା ? ଆଏଁ ? ଯିଏତ ସୁନ୍ଦର ସିଏତ ନାଇଁ ଆଳିଅଳଙ୍କାର ପାଚିଆଏ ନାଇ ....

ଶେଷଧାଡ଼ିଟା ବୋଉ ଯୋର୍‌ରେ କହିଲା । ମିନାକୁ ଶୁଣେଇଲାପରି ।

Source: Author, Digitized by PPRACHIN, SOA

କୁସିଆ ବାଡ଼ ବସେଇଛି ଅଗଣାରେ । ଯୋଗନିଖିଆକୁ କିଛି ଅଣ୍ଟିବନି । ତା ବଉଁଶ ବୁଡ଼ିବ, ତା ଉପରେ ରାଧା ଚଡ଼କ ପଡ଼ିବ କି ସତରେ ବୁଢ଼ୀ ଜାଗୁଳେଇ....।

ବୋଉ ସେଇ ପିଣ୍ଡାରେ ଓଳଗି ହବ କୁସିଆଦା'କୁ ସଂପି ସଂପି ।

ବୋଉ ପୁଣି ଗପିବ । ଆଣ୍ଠୁକୁଡ଼ା କିଏ ନଡ଼ିଆ ଚୋରି କଲେ । ପୋଖରୀରେ ବଟିଆକୁ କହି କଣ୍ଟା ପକାହେଇଛି । ପିତେଇର ପୁଣି କଣ ପିଲାପିଲି ହବ । ତା ଶାଶୁଟା ସେମିତି ଅଖାଡୁଆ ହେଇ ରହିଛି । ଭଗିଆଙ୍କ ଦାମୁଡ଼ିକୁ ବାରିରୁ ତଡୁ ତଡୁ ସେ ଗୋଡ଼େଇ ଆସିଲା ମୁଁ ବାଡ଼ ଉପରକୁ ଅଜାଡ଼ି ହେଇ ପଡ଼ିଲି । ମରିଥିଲେ ପନ୍ଦରଦିନ ହଅତାଣି । ବିମଳି ବୋଉ ବାଧିକିଛି । ତୋତେ ଖୋଜୁଥିଲା । କାଲି ଟିକେ ବୁଲିଆସିବୁ । କେତେ ସିନିହ ଶରଧା କରିଥେଲା ତୋଠେଇଁ ।

ବୋଉ ଆହୁରି କେତେ କଣ ଗପୁଥିବ । ମିନା ଟା ଆଉ ଛୋଟ ବାଉଁଶ ଡ଼ାଲାରେ ମୁଢ଼ି ଗଣ୍ଡେ ଆଣି ଦେଇଯିବ । ବୋଉ ସେମିତି ଗପି ଚାଲିଥିବ । ମିନା କଥା, କୁସିଆଦା' କଥା, ବିମଳି ବୋଉ କଥା ।

ବିନୟ ଆକାଶକୁ ଦେଖୁଥିବ । ତାରା ଖୁନ୍ଦି ହେଇଛନ୍ତି । ବାରି ନଡ଼ିଆ ଗଛର ଅନ୍ଧାରିଆ ବାହୁଙ୍ଗା ଆକାଶ ଆଡ଼କୁ ହଲୁଛି । ଗଛଟା ପୁରୁଣା ହେଲାଣି ହେଲେ ଫଳ ହେଲାନି ଏଯାଏଁ । ବୋଉ ଦଶଟା ବାରଟା ବଡ଼ ବଡ଼ ଛତିକଣ୍ଟା ବାଡ଼େଇଛି ଗଛରେ । ମତୁରା ପାଣି ଢ଼ାଳିଛି ଗଛମୂଳେ । ସେ ନିଜେବି ଗ୍ରାମସେବକ କଥାରେ ଚାରି ଫୁଟ ଗଛମୂଳ ଖୋଳି ଲୁଣ ପୁରେଇଛି । କିଛି ଲାଭ ହେଇନି । ବରଂ କ୍ଷତି ହେଉଛି । ବାହୁଙ୍ଗାରୁ ପାଣି ପଡ଼ି ସେ ପଟକଯାକର ଛଣ ପଚୁଛି ଘରର । ତଥାପି କାହିଁକି କେଜାଣି ବିନୟର ଇଚ୍ଛା ହେଉନି ଗଛଟାକୁ ହାଣିଦବାକୁ । ଅଛି....ଥାଉ ।

ଶୁଣୁଛୁ ନା ନାଇଁ ?

ବୋଉ ହଲେଇ ଦେଲା ବିନୟକୁ । ବିନୟ ଚମକି ପଡ଼ିଲା । ସତରେ ସେ କେତେ ସମୟ ହେଲା ଏଣୁ ତେଣୁ କଣ ଭାବି ବୋଉର କଥା ଶୁଣିପାରିନି । ମିନା ବୋଧେ ଡ଼ାଲି ବଘାରୁଛି । ବିରି ଡ଼ାଲି ଆଉ ରସୁଣ ବାସ୍ନା ଆସୁଛି ।

ବୋଉ ଆଉଟିକେ ଘୁଞ୍ଚି ବସିଲା ବିନୟ ପାଖକୁ ।

-କଣ ଭାବିଲୁ । ଖୁବ୍ ଧିରେ ପଚାରିଲା ବୋଉ । ସବୁଥର ଘରକୁ ଆସିଲେ ଆଳୁକୁଚି ମାଳୁକୁଚି ଗପିସାରି ବୋଉ ଏଇକଥା ପଚାରେ । ବିନୟ କିଛି କହିଲାନି ।

ଘଡ଼ିଏ ରହି ବୋଉ ପୁଣି ଆରମ୍ଭ କଲା

Source: Author, Digitized by PPRACHIN, SOA

-ଲକ୍ଷ୍ମୀପୁର ହରି ସାହାଣୀ ଆଇଥେଲା । ଭାରି ଜିଗର ନଗେଇଛି । ତୁ ହଁ କହିଲେ ହେଲା । ମୁଁ ଆଗାଡି ।

ବୋଉ ଆଉ କଣ କହିଥାନ୍ତାକି କଣ । ମିନା ସେଇ ରୋଷେଇଘରୁ ଡ଼ାକିଲା

-ଆସ ଖାଇବ ।

ବୋଉ ରାତିରେ ଖାଏନି । ସଞ୍ଜ ଆଗରୁ ଯାହା ଖାଇଥିବ ସେତିକି । ଆଗେ ରାତିରେ କିଛି ଛୁଉଁନଥିଲା । ବିନୟ ରାଗିଲାରୁ ଖିର ଗିଲାସଟେ ପିଉଛି କେବଳ ।

ବିନୟ ଖାଇ ବସିଲା । ବୋଉ ବି ଆସି ପାଖରେ ବସିଲା ।

ସେ ଖାଇସାରିଲା ପରେ ମିନା ସେଇ ଥାଳିରେ ଭାତ ଢ଼ାଳିଲା । ଦିହଟା ପରାଣ ପରାଣ ଲାଗୁଛି । ବୋଉ ପାଖରେ ବସି ଗାଲୁରୁ ଗାଲୁରୁ ହେଉଥିଲା । ବିନୟ ଶୋଇବାକୁ ଉଠିଲାରୁ କହିଲା ଚା'ଲେ ଗୋଡ଼ହାତ ପରାଣ ହେଇଥିବ ହାତଟିକେ ବୁଲେଇ ଆଣେ ।

ବିନୟ ମନା କଲେବି ବୋଉ ଶୁଣିବନି । ତାର ଏଇଟା ଅଭ୍ୟାସ । ତାପରେ ସତରେ ଗୋଡ଼ ଭଣ୍ଡା ଦରଜ ଦରଜ ଲାଗୁଛି । ମିନାଟା ମୋଡ଼ିଲେ କଣ୍ଢେନି । ବୋଉ ରଗଡ଼ି କରି ଆଣ୍ଠରେ ମୋଡ଼େ । ଆଖିରୁ ପାଣି ବାହାରିପଡ଼େ ।

ବିନୟ ପେଟେଇକି ଶୋଇଲା । ବୋଉ ମୋଡ଼ୁ ମୋଡ଼ୁ ପୁଣି ଗପ ଆରମ୍ଭ କଲା । ମିନା ରୋଷେଇ ଘରେ ଖୁଡ଼ୁ ଖୁଡ଼ୁ କରୁଛି ।

ବିନୟକୁ ଟିକେ ଆରାମ ଲାଗିଲା ଏଥର । ଖୁବ୍ ଯୋର୍‌ରେ ନିଦ ବି ଲାଗିଲାଣି । ବୋଉ ସେମ୍‌ତି ହାତ ବୁଲଉଛି ତା ଗୋଡ଼ ପେଣ୍ଡାରେ ।

ବିନୟ ଶୋଇପଡ଼ିଲା ।

ବିନୟର ନିଦ ଭାଙ୍ଗିଲା ବେଳକୁ କେତେ ରାତି କେଜାଣି ? ମିନା ତା ଆଡ଼କୁ ମୁହଁ କରି ଶୋଇଛି । ବିନୟ ଅନ୍ଧାରରେ ହାତମାରି ଜାଣିଲା ।

ମିନାକୁ ପାଖକୁ ଭିଡ଼ିଲା ବିନୟ । ମିନା ଘୁଞ୍ଚି ଆସିଲା । ବିନୟ ଜାଣିପାରିଲାନି ମିନାର ନିଦ ଭାଙ୍ଗିଗଲା ନା ମିନା ଶୋଇନି ଏଯାଏଁ ।

Source: Author, Digitized by PPRACHIN, SOA

ମିନାର ଡାହାଣହାତ ଆଣି ନିଜ ବେକ ଉପରେ ବିନୟ ରଖିଲା । ମିନା ମୁଣ୍ଡକୁ ଟେକି ତା ନିଜ କହୁଣି ଉପରେ ରଖିଲା । ଶୋଇବା ଆଗରୁ ମୁହଁରେ ସାବୁନ୍ ବୋଧେ ମିନା ମାରିଛି । ସାବୁନ୍ ଗନ୍ଧ ନାକରେ ବାଜୁଛି । ଖୁବ୍ ଥଣ୍ଡା ଥଣ୍ଡା ଲାଗୁଛି ମିନାର ଗାଲ ।

ବିନୟ ଧିରେ ଡ଼ାକିଲା

-ମିନା

-ଉଁ

-ନିଦ ହେଇନି

-ନାଁ

ବିନୟ ୟାପରେ ଆଉ କଣ କଥା କୁହାଯାଇପାରେ ଠିକ୍ କରି ପାରିଲାନି । ତଥାପି ସେଇ ଅନ୍ଧାର ଭିତରେ ତା ହାତ ମିନାର ସବୁଯାକ ଦେହରେ ବୁଲୁଥିଲା ଧିରେ ଧିରେ ।

ମିନାକୁ ଆହୁରି ଆହୁରି ଯୋର୍‌ରେ ପାଖକୁ ପାଖକୁ ଭିଡ଼ିଲା ବିନୟ ।

ତାପରେ ବିନୟ ଅନ୍ୟ ଦିନପରି ଟର୍ଚ୍ଚ ଖୋଜିଲା । ମିନା ଶାଢ଼ୀ ସାଇଜ୍ କଲା । ବିନୟକୁ ପଚାରିଲା

-ବାହାରକୁ ଯିବ ?

ବିନୟ ବାହାରକୁ ଗଲା । ଆକଶ ଭର୍ତ୍ତି ତାରା । ସଞ୍ଜବେଳେ ବାଦଲ କେତୁଟା ଥିଲେ ଏବେ ଆକାଶ ପୂରା ସଫା । ବିନୟ ଦାଣ୍ଡ କବାଟ ଦେଲା । ତା'ଘର କବାଟ ଦେଲା । ପାଣି ପିଇଲା । ଫ୍ୟାନ୍‌ର ରେଗୁଲେଟର କମେଇଲା । ତା ଶୋଇଲାପରେ କରେଣ୍ଟ ପଳେଇଆସିଛି । ଶିତୁଆ ଶିତୁଆ ଲାଗୁଛି । ବେଡ୍‌ସିଟ୍‌ଟା କାହିଁ ?

ଚିତ୍ ହୋଇ ଶୋଇଲା ବିନୟ । ମିନା ହାତ ଆଣି ତା ଛାତିରେ ରଖିଲା ।

ଏବେ ନିଦ ହେବନି ଜଲ୍‌ଦି ।

ବିନୟ ଶୋଇବାକୁ ଚେଷ୍ଟା କଲା ।

ବିନୟର ମନକୁ ଛାଏଁ ଛାଏଁ ହିସାବ ଆସିଲା । ଦେଢ଼ମାସ ପରେ ସେ ଆସିଛି । ମିନାର କିଛି ଖବର ନାହିଁ ୟା ଭିତରେ ? ସଞ୍ଜବେଳୁ ମାତ୍ର ଚାରିପଦ କଥା ହେଇଛି ତା ସାଙ୍ଗରେ ।

ବିନୟକୁ ହଠାତ୍ ଏକୁଟିଆ ଲାଗିଲା । ତାକୁ ଲାଗିଲା ଯେମ୍‌ତି ସେ ହଠାତ୍ ପୁଳାଏ ପବନ ହେଇଯାଇଛି । ପୂରା ପୁରି ଶୂନ୍‌ଶାନ୍ । ତାର ରୂପ ବୋଲି ଏବେ କିଛି ନାହିଁ । ସେ ୟୁଆଡ଼େ ପାଇ ସିଆଡ଼େ ବହିଯାଉଛି । ସବୁଠି ପୁରି ରହିଛି ହେଲେ କେଉଠି ନାହିଁ ।

Source: Author, Digitized by PPRACHIN, SOA

ପ୍ରକୃତରେ ବିନୟକୁ ବିକଳ ହିଁ ଲାଗୁଥିଲା । ତାର ଇଚ୍ଛା ହେଉଥିଲା ସେ ମିନାକୁ କୁଣ୍ଢେଇ ପକେଇ କାନ୍ଦନ୍ତା । ମିନା ତାକୁ ତୁନି କରନ୍ତା । ଗେଲ କରନ୍ତା । ବୋକ ଦିଅନ୍ତା ।

ମିନା କେବେ ଏମିତି ନଥିଲା ।

ଏତେ ଚୁପ୍‌ଚାପ୍ ନଥିଲା ।

ଚୁପ୍‌ଚାପ୍ ନଥିଲା ବୋଲି ବିନୟ ତାକୁ ଭଲ ପାଉଥିଲା ।

ଭିକାରୀ ମଉସାଙ୍କ ଝିଆରୀ ହିସାବ ହେବ ମିନା । ସେଇ ଭିକାରୀ ମଉସାଙ୍କ ଝିଅ ଝୁମୁରୀ ଅପା'ର ବାହାଘରକୁ ତ ମିନା ସାଙ୍ଗରେ ତାର ଦେଖା ।

ମିନା ସେତେବେଳେ ମ୍ୟାଟ୍ରିକ୍ ପଢୁଥିଲା ବୋଧେ ।

ସେ ନିଜେ କଲେଜରେ ପଢୁଥିଲା ସେତେବେଳେ ।

ବିନୟର ଏବେବି ମନେପଡ଼େ । ଦିପଟିଆ ବେଣୀ ପକେଇ ଗୋଟେ ଗୋଲାପି ଛିଟ ଫ୍ରକ୍ ପିନ୍ଧି ବାହାଘର ଦିନ ଏ ଘର ସେଘର ହଉଥିବା ଝିଅ ଥିଲା ମିନା ।

ବଡ଼ ମଣିଷଙ୍କ ପରି ବିନୟ ସେଦିନ ମିନାକୁ ପାଖକୁ ଡ଼ାକି କୋଉଥିରେ ପଢୁଛ , ନାଁ କଣ, ସ୍କୁଲ ନାଁ କଣ, ଅପ୍‌ସ୍‌ନାଲ୍ କଣ ରଖିଛ ବୋଲି ପଚାରିଥିଲା । ଝୁମୁରି ଅପା ବାହାଘର ପରେ ଆଉ ଯୋଉ ଦିଚାରିଦିନ ସେ ମଉସାଙ୍କ ଘରେ ଅଟକି ଯାଇଥିଲା ସେଥିରେ ମିନା ତାର ପୁରା ଦୋସ୍ତ ବନିସାରିଥିଲା । ସେଇ ଦୋସ୍ତିରୁ ତ ପ୍ରେମ ।

ତାପରଠୁ ମଉସାଙ୍କ ଘରକୁ ଅକାଳେ ସକାଳେ ବି ଯାଉନଥିବା ବିନୟ ଫି କଥାରେ ବଡ଼ବଇଙ୍ଗ ଗାଁକୁ ଦୌଡ଼ିଲା । ମିନାଟା କିନ୍ତୁ ସିଆଡୁ ଅନାଡି । କିଛି କରେଇ ଦିଏନି । ଥରେ କୁଆଁର ପୁନେଁଇ ଆଗଦିନ ରାତିରେ ସେ ବାଡି କଦଳୀ ବଣ ଭିତରକୁ ଟାଣି ନେଇଥିଲା ମିନାକୁ ।

ଇସ୍ କି କାନ୍ଦ ।

ମିନା ଧରି ନେଇଥିଲା ଏଇ ଟିକକରେ ସେ ମା' ହେଇଯିବ । ସମସ୍ତେ ଜାଣିଯିବେ । ସେ ଆଉ କାହାକୁ ମୁହିଁ ଦେଖେଇ ପାରିବନି ।

ତା ପର ଦିଚାରିଦିନ ଧରି ବୁଝେଇ ବୁଝେଇ ନୟାନ୍ତ ହୋଇପଡ଼ିଥିଲା ବିନୟ । ଏଇ ହାତଟା ଏଠି ସେଠି ଟିକେ ବାଜିଗଲେ କିସ୍ ଦିଇଟା ଦେଇଦେଲେ ଝିଅମାନେ ଗର୍ଭବତୀ ହୁଅନ୍ତିନି । ଝିଅମାନେ କେମିତି ଗର୍ଭବତୀ ହୁଅନ୍ତି ମିନା ସିନା ଜାଣିନଥିଲା ହେଲେ ବିନୟ କଣ ଜାଣିନଥିଲା । ହେଲେ ସେକଥା ମିନାକୁ କେମିତି ବୁଝେଇଥାନ୍ତା । ଛି....କେମିତି କହିଥାନ୍ତା ? ପୁଣି ମିନାକୁ ?

Source: Author, Digitized by PPRACHIN, SOA

ତା ପର ବର୍ଷ ତ ସେ ପ୍ରାଇଭେଟ କଂପାନୀରେ ଚାକିରୀ କଲା । ମିନା ମ୍ୟାଟ୍ରିକ୍ ଫେଲ୍ ହେଇ ତାକୁ ବାହାହେଲା । ମିନାଙ୍କ ଘରେ ଅରାଜି ହେବାର ପ୍ରଶ୍ନ ନଥିଲା । ଚାରିଟା ଝିଅ । କଂଜୁସ୍ ବୁଢ଼ା ମାଗଣା ମାଗଣା ଝିଅ ଉଠେଇ ଦବାକୁ ଚାହୁଁଥିଲା । ବିନୟର ବୋଉ ହିଁ ଆଡ଼ ପୁରେଇଲା । ବିନୟ ଏକା ଜିଦ୍ ଧରିଥିଲା ମିନାକୁହିଁ ବାହାହେବ । ବୋଉ କଥାରେ ରାଗି ସହର ପଳେଇ ଯାଇଥିଲା ସେତବେଳେ ।

ଚାରିବର୍ଷ ହେଇଗଲା । ବାହାଘର ଗଲା ଜୁଲାଇ ବାଇଶିକୁ ।

ଅନ୍ଧାରରେ ଆଖି ଖୋଲିଲା ବିନୟ । ଦି'ତିନିଟା ଜୁଳୁଜୁଳିଆ ଘରେ ଉଡୁଛନ୍ତି । ଘର ଭିତରେ ଜୁଳୁଜୁଳିଆ ଉଡିଲେ ଭଲ ନୁହେଁ କୁଆଡ଼େ । ମିନାର ହାତ ଏବେବି ସେମିତି ପଡ଼ିଛି ତା ଛାତି ଉପରେ । ବିନୟ ତା ବାଁ ହାତରେ ମିନାର ହାତକୁ ଛୁଇଁଲା । କାଚ ମୁଠାକୁ ଉପର ତଳ କଲା । ଆଙ୍ଗୁଠିରେ ଆଙ୍ଗୁଠି ଛନ୍ଦିଲା । ମିନାର ଆଙ୍ଗୁଠି ଗୁଡ଼ା ସୁନ୍ଦର ସରୁ ସରୁ ।

ନିଦ ହେଉନି ? ବିନୟକୁ ମିନା ଧିରେ ପଚାରିଲା ।

ପ୍ରକୃତରେ ବିନୟର ମୁଣ୍ଡ ଟିକେ ଧକ୍ ଧକ୍ କରୁଥିଲା । ବସ୍ କଡ଼ ସିଟ୍‌ରେ ବସି ପବନ ବାଜି ଏମିତି ହଉଥିଲାକି କଣ । ବିନୟ ମିନାର ହାତଆଣି ତା ତାଳୁ ଉପରେ ରଖିଲା, କହିଲା

-ଟିକେ ଚିପି ଦିଅତ । ଧକ୍ ଧକ୍ ହଉଛି ।

କାଚ ଝୁଣୁ ଝୁଣୁ ହେଲା ।

-କଣ ଠିକ୍ କଲ ? ମୁଣ୍ଡ ଚିପୁ ଚିପୁ ମିନା ପଚାରିଲା ।

ବିନୟ କିଛି କହିଲାନି । ଚୁପ୍ ରହିଲା ।

-ଲକ୍ଷ୍ମୀପୁର ହରି ସାହାଣୀ ଖାଆସେ ଆସୁଛନ୍ତି । ତମେ ବୋଉଙ୍କୁ କହିଦିଅ ଏଥର ।

ମିନାର ଏ କଥା ଭିତରେ କୋଉ ଭାବଥିଲା ବିନୟ ଧରିପାରିଲାରନି । ତେବେ ଅନୁମାନ କଲା ଏଇ ଗୋଟିଏ ଧାଡ଼ି ଭିତରେ ମିନା ତାର ତ୍ୟାଗ-ଇର୍ଷା, ସ୍ନେହ-ହିଂସା ସବୁକୁ ଗୋଳେଇ ମିଶେଇ ଦେଇଛି ।

ବିନୟ ହାତ ନେଇ ମିନାର ଆଖିରେ ମାରିଲା । ମିନା କାନ୍ଦୁଛି ନିଃଶବ୍ଦରେ । ବିନୟ ଜାଣିଥିଲା ଏତକ କହିଲା ପରେ ମିନା ନିଶ୍ଚୟ କାନ୍ଦିବ ।

କେମିତି କାନ୍ଦିବନି ?

ବିନୟ ମିନାର ଲୁହ ପୋଛିଲା । ପାଖକୁ ଟାଣିଲା ।

-ଛି....ଏମିତି କଣ ହଉଛ ଦୁନିଆରେ ଆମ ଭଳି କିଛି ଲୋକ ଅଛନ୍ତିନା ନାହିଁ ?

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ବାପା ୪୧

ବୋଉ କଥା ଧରନି ବୋଲି ହଜାର ଥର କହିଲିଣିନା । ସେ ବୁଢ଼ୀଲୋକ । କଣ କେତେବେଳେ କହୁଛି । ଏଥର ହସିଦିଅ । ହସିଦିଅ ହଁ.....ବିନୟ ମିନାକୁ ହସେଇବାକୁ କାକିଆକୁତୁରୁ କଲା ।

ମିନା ହସିଲା ।

ବିନୟ କିନ୍ତୁ ଠିକ୍‌ରେ ବୁଝିଗଲା ଏ ହସ ହସ ନୁହେଁ । ବାଧରେ ଛାତି ଭିତରେ ଅଟକି ଥିବା କୋଉ ଅମଳର ଶୁଖିଲା ହସ ଖଣ୍ଡେ ।

ସତରେ ସଂସାର ବଡ଼ କଷ୍ଟକର ।

ବିନୟ ଠିକ୍‌କଲା ଏମିତି ଦିନେ ରାତିଅଧରେ ଗୌତମଙ୍କ ଭଳିଆ ଘରଛାଡ଼ି ବାଆଜି ହେଇଗଲେ ହୁଅନ୍ତା ।

ବାହାର ଦାଣ୍ଡରେ କୁକୁରଗୁଡ଼ା ଭୁକୁଛନ୍ତି । ସାଇଁ ସାଇଁ ନିଶା ଗରଜୁଛି । ବୁଢ଼ୀ ଜାଗୁଳେଇ ତା ମାଟି ଘୋଡ଼ାରେ ଏଇଲାଗେ ଗାଁ ବୁଲୁଥିବ । ବିରାଟ ଗୋଟେ ନେଳି ଆଲୁଅ ଗାଁ ଦାଣ୍ଡରେ ଗଡ଼ି ଗଡ଼ି ମହାଦେବ ମନ୍ଦିରଯାଏ ଯିବ ପୁଣି ସେଠୁ ସେମିତି ଫେରିବ ।

ପିଲାଦିନେ ଏଇ କଥା ଏଇ ଗପ ଶୁଣେଇ ଶୁଣେଇ ବୋଉ ତାକୁ ଆଉ ପିତେଇକୁ ଶୋଇଦିଏ । ପିତେଇର ପୁଣି କଣ ପିଲାପିଲି କୁଆଡ଼େ ହବ । ଆଗରୁ ଦି ଝିଅ ଗୋଟେ ପୁଅ ଅଛି । ବିନୟ ଭାବିଲା ଏଥର ପିତେଇର ପୁଅଟିଏ ହେଲେ ଭଲ ହୁଅନ୍ତା ।

ନଡ଼ିଆ ଗଛରୁ ଗେଟମା ପଡ଼ିଲା ଘର ଉପରେ । ପିଲାବେଳେ ବୋଉ ଏଇ ଶବଦକୁ ଭୂତ ଘର ଉପରେ ଡେଉଁଛି ବୋଲି କୁହେ । ସେ ଚିର୍‌ଚିରେଇ ବୋଉକୁ କୁଣ୍ଢେଇ ଶୋଇପଡ଼େ ।

ବିନୟ ଆଖିବୁଜିଲା ଶୋଇପଡ଼ିବାକୁ ।

ନିଦ କାହିଁ ?

ବସ୍‌ର ଝରକା ଦେଇ ବାହାରକୁ ଚାହିଁଲା ବିନୟ । ଭୀଷଣ ଅନ୍ୟମନସ୍କ ଲାଗୁଛି । ବସ୍ ଭିତରେ ଏତେ ଲୋକ ନାହାନ୍ତି । ପଛ ଆଡ଼କୁ ସିଟ୍ କେଇଟା ଖାଲି । ଆଉ କେଇଟା ଷ୍ଟପେଜ୍ ପରେ ନିଶ୍ୱାସ ରୁନ୍ଧି ହେଇଯିବ ଭିତରେ ।

Source: Author, Digitized by PPRACHIN, SOA

ବିନୟ ଆଖିରେ ବାରଂବାର ନାଚିଯାଉଥିଲା । ମିନାର ନୀରିହ ମୁହଁ । ସେ ଦାଣ ପାହାଚ ଓହ୍ଲାଇଲା ବେଳକୁ ଦୁଆର ମୁହଁକୁ ଆଉଜି ଛିଡ଼ା ହେଇଥିଲା ମିନା । ଆଖି ଛଳ ଛଳ କରି ।

ଫୋନ୍ ଖୁଣ୍ଟ ସାଇଁ ସାଇଁ ପଛକୁ ଦୌଡୁଛନ୍ତି । ଲୋକଗୁଡା ବିଲରେ ପେଟେଇଛନ୍ତି । ଧାନ କାଟୁଛନ୍ତି ନହେଲେ ଶାରଦ ବାଛୁଛନ୍ତି ।

ବିନୟ ଭାବିଲା ଚାକିରୀ ଛାଡ଼ିଦେଇ ଗାଁକୁ ପଳେଇ ଆସି ଏଇ କାମ କଲେ ହୁଅନ୍ତା । କେତେ ଟଙ୍କା ମିଳୁଛି ଚାକିରୀରୁ । ଖାଲି କ'ଣ ନା ଚାକିରୀ । ଚାଷରୁ କଣ ରୋଜଗାର ହବନି । ତାପରେ ବୋଉ ଆଉ ମିନା ପାଖେରେତ ରହିହୁଅନ୍ତା । ଦେଢ଼ମାସ ଦି'ମାସରେ ଘରକୁ ଆସି ପୁଣି ଦିଦିନ ରହି ଯିବାକୁ ବାଧୁଛି । ମିନାଟା ଭାଙ୍ଗି ପଡ଼ିଲାଣି । କଣ କରାଯାଇ ପାରେ ଆଉ ?

ବିନୟ ଆଉ ଟିକେ ଝରକା ଆଡ଼ିକି ଘୁଞ୍ଚି ବସିଲା । ତା ପାଖରେ ବସିଥିବା ଲୋକୁଟା ବସ୍‌ରେ ବସିଲାବେଳଠୁ ଢ଼ୋଳଉଛି । ଚାରିପାଞ୍ଚ ଥର ତା ଉପରେ ପିଟିହେଲାଣି । ଶଳାକୁ ଦି ତଣ୍ଡିଆ ପକେଇଲେ ହୁଅନ୍ତା । ଆଗ ସିଟ୍‌ରେ ସ୍ୱାମୀ ସ୍ତ୍ରୀ ହେବେ ବୋଧେ । କୁନି କଣ୍ଢେଇ ଭଳିଆ ଝୁଅଟେ । ବେଳେ ବେଳେ ବିନୟ ଆଡ଼କୁ ଲୁଲୁ ଲୁଲୁ କରି ଚାହୁଁଛି ।

ବିନୟ ଆଖି ବଡ଼ ବଡ଼ କଲା ।

ଆଖିରେ ଠାରିଲା

ହାତ ବଢ଼େଇଲା ।

ଟିକି ଝିଅ କିଛି ବୁଝୁନି ।

ସେମିତି ତବ୍ ତବ୍ ଚାହୁଁଛି । ତା ବାପା ତାକୁ କାନ୍ଧରେ ପକାଇଛି । ସ୍ତ୍ରୀ ଲୋକଟାର ବ୍ରା ବ୍ଲାଉଜ ଭେଦି ଦେଖାଯାଉଛି । ମାଇକିନା ଯାପ ମେଣ୍ଟିଚୁଟି ରଖିଛି । ବେକ ତଳକୁ ବ୍ଲାଉଜ ଏତେ କଟାହେଇଛି ଯେ ପୁରା ପିଠି ଦୁଶୁଛି । ତକ୍ ତକ୍ ଗୋରା ପିଠି । ଦିଇ ତିନିଟା ମଶା କାମୁନା ଚିହ୍ନ ବୋଧେ । ଲାଲ୍ ମନ୍ଦା ହେଇ ରହିଛି ।

ଲୋକ ବଢ଼ିଗଲେଣି ବସ୍‌ରେ । ହକାର ଷ୍ଟପେଜ୍ ଶଳା କରୁଛି ।

ଖରା ବଢୁଛି । ଗୁଳୁଗୁଳି ହେଲାଣି । ଏତେବେଳକୁ ଶୀତ ପଡ଼ିବା କଥା । ରାତିକୁ ଯାଇ ଟିକେ ପଡୁଛିଯେ ହେଲେ ଦିନରେ ଖରା କମୁନି । ଆଜିକାଲି ଏ ଖରା ବର୍ଷାର କିଛି ବାଗବାଇଶ ବି ଯାପ ରହୁନି ।

କୋଉ ଛକ ଇଏ ?

Source: Author, Digitized by PPRACHIN, SOA

କୁସୁନୁପୁର ବୋଧେ । ହଁ ତ ସେ ନାଲି କୋଠାଟା ଦିଶୁଛି । ଗାଡ଼ିବନ୍ଦ କରି ଡ୍ରାଇଭରଟା ଶଳା ପଳେଇଲାଣି । କେତେ ସମୟ ବସ୍ ରହିବ ଏଠି ? ରାସ୍ତା କଡ଼ ଦୋକାନରେ ଗୁଲୁଗୁଲା ଥୁଆ ହେଇଛି । ସେ ଝିଅଟା ଜଳଖିଆ ଦୋକାନିର ଝୁଅ ବୋଧେ । ଯାପ ବୋପା ତାର ଭଲ ବେପାର ଜମେଇଛି ଆଉ କଣ ?

ଟୋକୀଟା ଟିକେ ବାସନ୍ତୀ ପରି ଲାଗୁଛି । ଅସନୀ କାଳୀ । ମଳି କୋଚଟ ଫ୍ରକଟେ ପିନ୍ଧିଛି । ମୁଣ୍ଡ ବାଳ ନୁଖୁରା ରପ ରପ । ଛାତି ପାଖ ଫ୍ରକ୍ ବେଶି ଟିକେ ମଳି ଦିଶୁଛି ।

ନାଇଁ ଗାଡ଼ି ବେଶି ସମୟ ଅଟକିଲାନି ।

ବିନୟ ଘଣ୍ଟା ଦେଖିଲା । ଦଶଟା ବାଜିଯିବ ଆଉଟିକକୁ । ଅଫିସ୍‌ରେ ପହଁଚିଲା ବେଳକୁ ଡ଼େରି ହେଇଯିବ । ବାସନ୍ତୀ ଆସିଥିବତ ? ମନାକରୁଥିଲା ଯା ଭିତରେ କୁଆଡ଼େ ଯିବାର ନାହିଁ ତାର ବୋଲି ।

ବାସନ୍ତୀ ବାହା ହେଇନି କାହିଁକି ? ପୁଣି ଭାବିଲା, ନାଁ ତାକୁ କିଏ ବାହାହବ ? ଯିଏ ବାହାହବ ତାକୁ ଝୁଅ କ'ଣ ମିଳିବନି । ଏଇ ଅଣିରା ପେରେଣ୍ଡାକୁ ବେକରେ କିଏ କାହିଁକି ଗଳେଇବ ?

ଛୋଟରାୟ କହୁଥିଲା ବାସନ୍ତୀ ଅଫିସ୍‌ରେ କୁଆଡ଼େ ଦାରୀନାଟ ନଗେଇଛି । କାହା ସାଙ୍ଗରେ ? ମାଲିକ ସାଙ୍ଗରେ ? ସେଇଥିପାଇଁ ମାଲିକ ତାକୁ ତା ରୁମ୍‌ରେ ପୁରେଇଛି । ଇଚ୍ଛା ହେଲେ ପାଖକୁ ଡ଼ାକି ଦିଭେରା.......

ନା ବିକାଶ ମିଶ୍ର ଡେଉଁଛି ବାସନ୍ତୀ ସାଙ୍ଗରେ ? ହେଲେ ସେ ଅଫିସ୍‌କୁ ଆସିବା ଦିନରୁ ବିକାଶ ମିଶ୍ର ଆଉ ବାସନ୍ତୀ ଭିତରେ କିଛି ଥିବା ଭଳିଆ ଲକ୍ଷ୍ୟ କରିନି ।

ନାଇଁ ଏ ଶଳା ହାରାମି ଛୋଟରାୟଟା ବିକଳି । ଯାପ ନିଜେ ନାଳଉଥିବ । ବାସନ୍ତୀ ନଦବାରୁ ଗୋହି ତାଡୁଛି । ଶଳାର ମାଇକିନା ବୁଢ଼ୀ ହେଇଯିବଣି ପାଖରେ ପୁରେଇ ଦଉନଥିବ ଆଉ ।

ସକାଳୁ ଗାଧେଇ ପଡ଼ିଲାରୁ ଘୁମ ଟିକେ ଲାଗୁଛି । ଆଖି ମାଡ଼ିମାଡ଼ି ପଡୁଛି ।

ଗାନ୍ଧୀଛକ.....ଗାନ୍ଧୀଛକ......ଗାନ୍ଧୀଛକ...... କ୍ଲିନର ରଡ଼ି ଛାଡ଼ିଛି । ବିନୟର ଆଖିଟିକେ ଲାଗିଯାଇଥିଲା ଯା ଭିତରେ । ଗାଡ଼ି ଆସି ଏତେ ବାଟରେ ପହଁଚିଗଲାଣି ।

ତରତରରେ ଗାଡ଼ିରୁ ଓହ୍ଲେଇଲା ବିନୟ । ଶଳା ଏ ଚୁଡ଼ା ଚାଉଳ ପୁଡ଼ିଆ ନଆଣିଥିଲେ ଏକାଥରକେ ଅଫିସ୍ ପାଖରେ ଓହ୍ଲେଇଥାନ୍ତା । ଘରୁ ଆସିଲାବେଳେ କୁଳିଆଦା ସାଇକେଲ୍‌ରେ ନେଇ ଆସିଥିଲା ବସ୍‌ଯାଏଁ ଏଇନେ ବସାଯାଏଁ ନବାକୁ ରିକ୍‌ସା ଡ଼ାକିବାକୁ

Source: Author, Digitized by PPRACHIN, SOA

ପଡ଼ିବ ।

ବିନୟ ଟିକେଛାଡ଼ି ସିଟ୍ ଉପରେ ଗୋଡ଼ ନଦି ଆରାମରେ ବସିଥିବା ରିକ୍ସାବାଲାକୁ ଡ଼ାକିଲା ।

-ଏଇ ରିକ୍ସା.......

ଚାରିଦିନ ହେବ ଅଫିସ୍‌ରେ କାମ ଭାରି ଭିଡ଼ । ପଚାଶ ଥର ଫୋନ୍ ଉଠା । ଅମୁକ ସମୁକ ଫାଇଲ୍‌କୁ ଚଢ଼ା । ଏଣଳା ନାଲାୟକ ଛୋକାର ଛୋଟରାୟ ଆସ୍ତେ ଆସ୍ତେ ନବାବ ହେଇଗଲାଣି । ଚିଠିଯାକ ବି ତାକୁ ଲେଖିବାକୁ ପଡୁଛି । ଟାଇପ୍ କରେଇ ପୋଷ୍ଟ କରିବାକୁ ହେଉଛି ।

ସକାଳୁ ମାଲିକ ବୁଢ଼ାର ମନ ଟିକେ ଫୂର୍ତ୍ତି ଥିଲାକି କ'ଣ । ବିନୟକୁ ପାଖକୁ ଡ଼ାକି ଏଣୁତେଣୁ ଗପୁଥିଲା । ଯଥା ଏଇ ଗାଁରେ ଜମି କେତେ । ଏଠି କୋଉଠି ରହୁଛ । ହାତରେ ରୋଷେଇ କରୁଛ ନା ହୋଟେଲ୍‌ରେ ଖାଉଛ । ହୋଟେଲ୍‌ରେ ଖାଇଲେ ଗ୍ୟାସ୍‌ଟିକ୍ ହେବ । ଏମିତିକି ବୁଢ଼ା ତାକୁ ଶୀଘ୍ର ବାହାହେଇ ପଡ଼ିବାକୁ ବି କହିଲା ।

ବୁଢ଼ା ଭାବୁଛି ବିନୟ ବାହାହେଇନି ।

ଶଳା ଗଲା ଜୁଲାଇରୁ ଚାରିବର୍ଷ ହେଲାଣିଟି ବାହାଘର । ଅବଶ୍ୟ ସେ ନିଜେ ହିଁ କହିଲା ତା ଗାଁରେ କେବଳ ମା' ବୁଢ଼ୀ ଅଛି । ତଥାପି ସେ ସତ କହିଥାନ୍ତା । କଥାଟା ନ କହିବାପାଇଁ ସେ ଆଗରୁବି ଭାବିନଥିଲା । ହେଲେ ବୁଢ଼ା ଗାଁରେ ଆଉ କିଏ କିଏ ଅଛନ୍ତି ପଚାରିଲା ବେଳକୁ ସେ କହିଆସୁଥିଲା ତା ବୁଢ଼ୀ ମା' ସାଙ୍ଗରେ ତା ସ୍ତ୍ରୀ ବି ଅଛି ହେଲେ ସେତିକିବେଳକୁ ବାସନ୍ତୀ ଆସି ପହଁଚିଲା ।

ବିନୟ ଆଉ କହିପାରିଲାନି ।

ବିନୟ ଜାଣିପାରୁନି ବାସନ୍ତୀ ଆସିଲା ବୋଲି ସେ କାହିଁକି ମିଛ କହିଲା ।

ବାସନ୍ତୀ କିଏ ?

Source: Author, Digitized by PPRACHIN, SOA

ବାସନ୍ତୀ ତା ଘରକୁ କାଲିବି ଡ଼ାକୁଥିଲା । ହନୁମାନ ମନ୍ଦିର ପାଖରେ ତାକୁ ବସ୍‌ରୁ ଓହ୍ଲେଇବାକୁ ବାଧ କରୁଥିଲା । ସେ ଗଲାନି । କାଲି କଣ ସବୁଦିନତ ବାସନ୍ତୀ ଡ଼ାକୁଛି ।

ଆଜି ଟାଉନ୍‌ବସ୍‌ରେ ଉଠିଲା ବେଳକୁ ବିନୟ ଭାବିଥିଲା ବାସନ୍ତୀକୁ ଏଭଏଡ୍ କରିବ । ସେମିତିକା ଦିବ୍ୟସୁନ୍ଦରୀ ଟୋକୀ ସାଙ୍ଗରେ ଟାଉନ୍‌ବସ୍ ଯାତ୍ରା ସବୁବେଳେ କଲେ ପୁଣି ଗୋଟେ ସିଟ୍‌ରେ ବସି କିଏ କଣ ନଭାବିବ ।

ଦିଦିନ ତଳେତ ମାଦର..... ସେ ମା'ସନ୍ତୋଷୀ ବସ୍ ହେଲ୍‌ପର ପଚାରିଲା

-ଆଜ୍ଞା ଆପଣ ଏକା ? ମ୍ୟାଡ଼ମ୍ ?

ବିନୟ ଲକ୍ଷ୍ୟ କରିଛି ଏତିକି ପଚାରିଲାବେଳେ ସେ ବେଧେଇ ପୁଅ ମୁରୁକି ହସା ଦଉଥିଲା ।

ଏ ଛୋପରା ଟୋକାବି କମ୍ ନୁହେଁ । ଗାଣ୍ଡି ହଲେଇ ହଲେଇ ଚାଲିବ । ଓଠ ବଙ୍କେଇ ବଙ୍କେଇ ଛାତି ନଚେଇ କଥା କହିବ । ୟାର ବି ଶଳା ସବୁ ଟାଉନ୍ ବସ୍ ହେଲ୍‌ପର କ୍ଲିନରଠୁ ଡ୍ରାଇଭରଯାଏ ଚିହ୍ନା । ସମସ୍ତେ ୟା ମା'ଘଇତା ।

ବିନୟର ଆଜିକାଲି ମୋଟୁରୁ ଇଚ୍ଛା ହେଉନି ବାସନ୍ତୀ ସାଙ୍ଗରେ ଆସିବାକୁ । ମଣିଷ ଶଳା ବଦନାମ୍ ହେଇଗଲାଣି ସେ ବେଧ ସାଙ୍ଗରେ ପଡ଼ି ।

ତଥାପି ଝୁଅଟା ମନ୍ଦ ନୁହେଁ ।

ବିନୟ ଜାଣିପାରେନି ଏତିକି ମାତ୍ର କାରଣରେ ସେ ବାସନ୍ତୀକୁ ଏତେ ଖରାପ ବୋଲି ଭାବିପାରୁନି ।

ତାପରେ ଆଉଗୋଟେ ଅସୁବିଧା ହେଉଛି ଯେତେ ପଛରେ ଚିଡ଼ିଲେବି ବାସନ୍ତୀ ପାଖରେ ସେ ନରମ ହେଇଯାଉଛି । ମୁହେଁ ମୁହେଁ ଆଦୌ ମନାକରିପାରୁନି- ଦେଖ୍ ମୁଁ ଏମ୍‌ତିକା ପିଲା ନୁହେଁ ।

ଏମ୍‌ତିକି ବିନୟ କାହିଁକି ବାହାହେଉନି, କେମ୍‌ତିକା ଝିଅ ବାହାହେଲେ ବିନୟକୁ ମାନିବ , ନହେଲେ ଆହୁରି କିଛି କିଛି ଏ ସଂପର୍କୀୟ ଥଟ୍ଟାପରିହାସ ପରେବି ବିନୟ କିଛି କରିପାରୁନି । କହିପାରୁନି ଦେଖ ବାସନ୍ତୀ ମୁଁ ବାହାହେଇଛି । ଆଜିକାଲି ନୁହେଁ ପୁରା ଚାରିବର୍ଷ ହେଲାଣି । ମୋ ସ୍ତ୍ରୀ ମୋ ଗାଁରେ ଅଛି ।

ବିନୟ ନିଜକୁ ପଚାରିଲା ସେ ବାସନ୍ତୀକୁ ଭୟ କରୁଛି ?

କଣ ପାଇଁ ?

Source: Author, Digitized by PPRACHIN, SOA

ବାପ ୪୬

କାଲିକି ରବିବାର ।

ବାସନ୍ତୀ ରାଣ ଦେଇଛି ତା ଘରକୁ ଯିବାକୁ । ତା ସ୍ୱାଇରାଲ୍ ଟିକି ଖାତାରେ ଗାରକାଟି ନକ୍ସା କରିଦେଇଛି । ହନୁମାନ ମନ୍ଦିର ବାଁପାଖ ଗଳିରେ ଯାଇ ପାନ ଦୋକାନ ପାଖରେ ବାଙ୍କିବ । ଟିକିଏ ଛାଡ଼ି ତିନିମାହାଲା ଗୋଲାପି ରଂଗର କୋଠା । ତିନିଟା ଘର ଛାଡ଼ି ଗୋଟେ ଆଇବେଷ୍ଟସ୍ ଘର ।

ବାସନ୍ତୀ ତା ବୋଉ ଆଉ ସାନଭାଇ ରହୁଛନ୍ତି ସେଇଠି । ଘର ଆଗରେ କାଠ ଜାଫ୍ରି ଲାଗିଥିବ ।

ବାସନ୍ତୀ ଘରକୁ ଯାଇ କଣ କରିବ ବିନୟ ?

ବିନୟ ଗଲେ ବାସନ୍ତୀ ଭାଇକୁ ଅଙ୍କ ବୁଝେଇବ ନା ତା ବୋଉକୁ ଧରି ଡ଼ାକ୍ତରଖାନା ଯିବ ? କିଛି ନହେଲେବି ବାସନ୍ତୀକୁ ଧରି ମ୍ୟାଟିନ୍ ସୋ ଫିଲ୍ମ ଯିବ ?

ସେ ପହଁଚିଲେ ବାସନ୍ତୀ ସାନଭାଇ କ୍ରିକେଟ ଖେଳିବାକୁ ବାହାରିବ । ତା ବୋଉ ପଡ଼ିଶା ଘର ବୁଲିବାକୁ ବାହାରିବେ । ସେ ଆଉ ବାସନ୍ତୀ ଏକା ରହିଯିବେ ।

ସୋଉଠୁ କଣ ହବ ?

ବିନୟ ଠିକ୍ କରିପାରୁନି କଲି ବାସନ୍ତୀ ଘରକୁ ଯିବକି ନା ? ବାସନ୍ତୀ ବୋଉ କୁଆଡ଼େ ବାରୁ ବାରୁ କହିଛନ୍ତି ତାକୁ ଘରକୁ ଡ଼ାକିବାକୁ । ତାକୁ କୁଆଡ଼େ ଦେଖିବେ ସେ । ପିଲାଟା ଘର ଛାଡ଼ି ଏକା ରହୁଛି, ବାସନ୍ତୀ ତାକୁ କାହିଁକି ଘରକୁ ଡ଼ାକୁନି ବୋଲି କୁଆଡ଼େ ବାସନ୍ତୀକୁ ଗାଳି ଦଉଛନ୍ତି ।

ଆଜି ଜଲ୍‌ଦି ବିନୟ ପଳେଇ ଆସିଥିଲା । ବାସନ୍ତୀ ଥିଲା ଅଫିସ୍‌ରେ । ଛୋଟରାୟ କହୁଥିଲା ମାଲିକ କୁଆଡ଼େ ଦିନେ ଦିନେ ରାତିରେ ସେଇ ଅଫିସ୍ ଉପର ଘରେ ବାସନ୍ତୀକୁ ଅଟକାଏ । ଦିନେ ଖରାବେଳେ କୁଆଡ଼େ ବୁଢ଼ା ତା ରୁମ୍‌ରେ ବାସନ୍ତୀକୁ ମାଡ଼ି ବସିଥିଲା । ଛୋଟରାୟ ନିଜ ଆଖିରେ ଦେଖିଛି ।

ବାସନ୍ତୀ ଛୋଟରାୟକୁ ଚିଡ଼େ । ଅଲାଜୁକ ଧେଟ ବୋଲି କୁହେ । ଛୋଟରାୟ ନାଁ

Source: Author, Digitized by PPRACHIN, SOA

ପଢ଼ିଲେ ବାସନ୍ତୀ ନାହି ଡ଼ିଏଁ ।

ବିନୟର ମନେପଡ଼ିଲା ଆଜି ଅଫିସ୍‌କୁ ଓପରଓଳି ଦେବୁ ଫୋନ୍ କରିଥିଲା । ଦେବୁ ବିନୟର ହାଇସ୍କୁଲ୍ ସାଙ୍ଗ । ଏଠି ଲେକ୍‌ଚରର ଅଛି । ବିନୟ ପାଠ ପଢ଼ିଥିଲେ ଲେକ୍‌ଚରରଟେ ହେଇଥାନ୍ତା । ଛାଡ଼ ।

ଦେବୁ ଫୋନ୍ କରିଥିଲା ମନୋରମା ଲଜ୍‌କୁ କୋଉ ଡ଼ାକ୍ତର ବମ୍ବେରୁ ଆସିଛି । ଭଲ ନାଁ କଲା ଡ଼ାକ୍ତର କୁଆଡ଼େ । ରାତି ଆଠଟାଯାଏ ପରାମର୍ଶ ଦିଆଯାଉଛି ।

ବିନୟର ଅଭିଜ୍ଞତା ଅଛି । ଗଲେ ଡାକ୍ତର ଏଣୁ ତେଣୁ କହିବ । ନହେଲେ ସ୍ତ୍ରୀକୁ ଆଣିକରି ଆସ ବୋଲି କହିବ । ମେଞ୍ଚେ ଔଷଧ ଦବ । ପଇସା ନେବ । କଣ ହେଲା ଚିଠି ଲେଖି ଜଣେଇବାକୁ କହିବ ।

ବିନୟର ଆଉ ବିଶ୍ୱାସ ନାହିଁ ।

କେତେ ଡ଼ାକ୍ତର ଗଲେଣି । କେତେ ଔଷଧ ଗଲାଣି । କେତେ ତାରିଖ ଗଲାଣି । ସବୁଥର ସେ ଭାବିଛି ଏଥର କିଛି ହେବ । ହେଲେ କିଛି ହେଉନି । ମିନା ସବୁଥର ଚିଠି ଦେଉଛି ଡ଼େଟ୍ ଦି ଦିନ କି ଚାରିଦିନ ଗଡ଼ିଗଲା ନହେଲେ ଆଗତୁରା ହେଇଗଲା ।

ସଞ୍ଜ ହେଉନି ।

ଥରେ ବୁଲିଲା ବୁଲିଲା ହେଇ ମନୋରମା ଲଜ୍ ଆଡ଼ୁ ବୁଲିଆସିଲେ ହବ । ସାଇକେଲ୍ ଦିମାସ ହେଲାଣି ଖରାପ ହେଇ ପଡ଼ିଛି । ସଜଡା ଯାଇପାରୁନି ଅଳସୁଆମିରେ । ଏବେ ଟାଉନ୍‌ବସ୍‌ରେ ଗଲେ ଫର୍ଜନ ଛକରୁ ଅଧ କିଲୋମିଟର ଚାଲିବାକୁ ହେବ ଲଜ୍ ଯାଏ ।

ବିନୟ ଗୋଟେ ଦରଛିଣ୍ଡା କଳା ଚମଡ଼ା ବ୍ୟାଗରୁ ପୁରୁଣା ପ୍ରେସ୍‌କ୍ରିପ୍‌ସନ୍ କେଇଟା ଖୋଜି ବାହାରକଲା । ଏ ସଂପର୍କିୟ ସବୁ ଔଷଧ ଚିଠା, ପ୍ରେସକ୍ରିପ୍‌ସନ୍ ସେ ଗୋଟିଏ ଯାଗାରେ ରଖୁଥିଲା । କାହିଁକିନା ସବୁ ଡ଼ାକ୍ତର ସବୁବେଳେ ଆଗରୁ କଣ ଖାଉଥିଲେ କାହା ପାଖରୁ ଖାଉଥିଲେ କେମିତି ଖାଉଥିଲେ ବୋଲି ପଚାରନ୍ତି । ତେଣୁ ସେ ଆଗତୁରା ସବୁବେଳେ ଡ଼ାକ୍ତର ପାଖକୁ ଗଲାମାନେ କିଛି ପୁରୁଣା ପ୍ରେସ୍‌କ୍ରିପ୍‌ସନ୍ ଧରିକି ଯାଏ ।

ବିନୟ ଦାଣ୍ଡ ଲାଇଟ୍ ଜଳେଇଦେଲା । ଫେରୁଫେରୁ ରାତି ।

ମହାନ୍ତିବାବୁଙ୍କ ଅଗଣାରେ ଟିକି ଟିକି ଛୁଆଗୁଡ଼ା କ୍ରିକେଟ୍ ଖେଳୁଛନ୍ତି । ମାହାନ୍ତି ବାବୁଙ୍କ ଛଟିକି ସ୍ତ୍ରୀ ତା କୁନି ପୁଅକୁ ଧରି ଠିଆହେଇଛି । ବୁଢ଼ୀ ହେଲାଣି ଯାପ ଝୁଅ ସାଙ୍ଗରେ ତାର କଂପିଟେସନ୍ । ସ୍ଲିପ୍‌ଲେସ୍ ବ୍ଲାଉଜ୍ ଓଠରେ ମେଞ୍ଚେ ନାଲି ଲିପ୍‌ଷ୍ଟିକ୍ ମାରିବା ଛାଡ଼ିନି ଏଯାଏଁ ବୁଢ଼ୀ ।

Source: Author, Digitized by PPRACHIN, SOA

ବିନୟ ଗେଟ୍ ଆଉଜେଇ ରାସ୍ତାକୁ ବାହାରି ଆସୁ ଆସୁ ବଲ୍ ଗଡ଼ିଆସିଲା ତା ଆଡ଼େ । ଜିନିସ୍ ଆଉ ବ୍ୟାନିୟନ ପିନ୍ଧା ଛୋଟ ପିଲାଟେ ବଲ୍ ପଛରେ ଦୌଡ଼ି ଆସୁଆସୁ ଅଧାବାଟରେ ଅଟକି ଗଲା ଆଉ ବିନୟ ଉଦ୍ଦେଶ୍ୟରେ କହିଲା

-ଅଙ୍କଲ.....ଅଙ୍କଲ୍.....ପ୍ଲିଜ୍.....

ବିନୟ ବୁଝିଗଲା ବଲ୍‌ଟା ଫୋପାଡ଼ିବାକୁ କହୁଛି ପିଲାଟା । ବିନୟ ବଲ୍ ଧରିଲା ଗଡ଼େଇଦେଲା ସିଆଡ଼େ ।

ଏଇ ପାଞ୍ଚଟା ବେଳେ କଲୋନି ଦାଣ୍ଡରେ ଛୁଆ ଖେଳିଲେ ସେ ଉଦାସ ହେଇଯାଏ । ନିଜକୁ ବୁଝେଇଲେବି ମନ ବୁଝେନା । ଘର ଭିତରେ ଖାଲି ଖାଲି ଲାଗେ ସେ ଦିନଟା ।

ବିନୟ ଛକରେ ପହଁଚିଲା ।

ଷ୍ଟ୍ରିଟ୍ ଲାଇଟ୍ ଲାଗିସାରିଲାଣି । ରାସ୍ତାରେ ପିଁ ପାଁ ଗାଡ଼ି ସ୍କୁଟର । ଲୋକଗୁଡ଼ା ଏତେ ବ୍ୟସ୍ତରେ କୁଆଡ଼େ ଯାଆନ୍ତି ? ଦିନମାନ କାମ କଲାପରେ ସଞ୍ଜରେ ଟିକେ ଢିଲାକ୍ସ କଲେ ହୁଅନ୍ତାନି ?

ବିନୟ ଶଙ୍କରା ପାନ ଦୋକାନକୁ ଦିଇଟା ଡ଼ିଲକ୍ସ ମିଠା ପାନ ଓଲଟାପଟେ ଚୂନ ଦେଇ ଭାଙ୍ଗିବାକୁ କହିଲା । ପ୍ଲେନ୍ କ୍ୟାଭେଣ୍ଡର୍ସ ଗୋଟାରେ ନିଆଁ ଧରେଇଲା ।

ଛକ ମଝିରେ ଗାନ୍ଧୀ ଛିଡ଼ା ହେଇଛନ୍ତି । ଛକ ନାଁ ଗାନ୍ଧୀ ଛକ । ଗାନ୍ଧୀ ଛିଡ଼ା ହେଇଛନ୍ତି ବାଡ଼ିଧରି । ଦାଣ୍ଡୀଯାତ୍ରାର ମୂର୍ତ୍ତି ଇଏ । ସେ ଥରେ କୋଉଠି ପଢ଼ିଥିଲା କିଏ ଜଣେ କହିଥିଲେ ଛକରେ ମହାପୁରୁଷମାନଙ୍କ ମୂର୍ତ୍ତି ତିଆରିହୁଏ କାଉମାନେ ବସି ଝାଡ଼ା ଫେରିବାକୁ । ଗାନ୍ଧୀଙ୍କ ମୁହଁରେ ଧଳା ଧଳା ଦାଗ ଗଡ଼ିଆସିଛି । କାଉ ହଗିଛନ୍ତି ।

ମୂର୍ତ୍ତି ଚାରିକଡ଼ ଗୋଲେଇ ହେଇ ତେଲଙ୍ଗାଣୀମାନେ ଫୁଲ ବିକୁଛନ୍ତି । ସ୍ତ୍ରୀ ଲୋକଗୁଡ଼ା ବେଣୀରେ ଫୁଲ ଓହଳେଇଲେ ବିନୟକୁ ଭଲଲାଗେ । ହେଲେ ମିନା ଚିଡ଼େ । କହେ ଗୋଟେ ଫୁଲ ସିନା ଖୋସିବ ତା ବୋଲି ତେଲଙ୍ଗାଣୀଙ୍କ ଭଳିଆ ଏଡ଼େ ହାରୁଟେ । ବିନୟ ମଝିରେ ମିନାକୁ ଡ଼ାକ୍ତରକୁ ଦେଖାଇବାକୁ ଏଠିକୁ ଆଣିଲା ବେଳେ ଏଇ ଗାନ୍ଧୀଛକରୁ ଗୋଟେ ଗଜରା ହାର ଦିନେ ଘରକୁ ନେଇଥିଲା । ମିନା ପିନ୍ଧିଲାନି । ହେଇଟି ଗୋଟା ଲୋକ ସାଇକେଲ ଅଟକେଇ ଫୁଲ କିଣୁଛି । ମୂଲିଆ ଶ୍ରେଣୀର ହେବ ବୋଧେ । ବେଲ୍‌ଟା ଗୋଟେ କ୍ୟାରିୟରରେ ମରା ହେଇଛି ।

ତାପରେ ବିନୟ ଦେଖିଲା ।

-ସେ ଲୋକୁଟା ବସ୍ତିରେ ତା ଘରେ ପହଁଚୁଛି । ତାକୁ ବେଢ଼ିଯାଉଛନ୍ତି ଛଅଟା

Source: Author, Digitized by PPRACHIN, SOA

ସାତୁଟା ଛୁଆ । ସେ ସମସ୍ତଙ୍କୁ ଗେଲ କରୁଛି । କାଗଜ ଠୁଙ୍ଗା କାଢ଼ି ବରା ଦଉଛି । କୁଡ଼ିଆ ଭିତରକୁ ସ୍ତ୍ରୀକୁ ଡ଼ାକୁଛି । ସ୍ତ୍ରୀର ବେଣୀରେ ଗଜରାବାନ୍ଧି ଦଉଛି । ସ୍ତ୍ରୀ ତାର ଆଉଡି ଯାଉଛି ଲୋକୁଟାର ରୁମିଆ ଛାତିରେ ।

ଶଙ୍କରା ତା ଆଡ଼କୁ ହାତ ବଢ଼େଇ କହିଲା ।

-ବିନୟ ବାବୁ ପାନ ।

ବିନୟ ଗାନ୍ଧୀଛକରୁ ବାହାରିଲା । ପାନଖଣ୍ଡେ ପାଟିରେ ଦେଲା । ଶଙ୍କରା ଉପରେ ଚିଡ଼ି କହିଲା-

-ହଇରେ ତୋତେ ଅଛତୂନ ଦବାକୁ କହିଥିଲିଟି ।

ବିନୟର ଆଉ ଇଛା ହେଲାନି ଫର୍କନ ଛକ ଯିବା ସେଠୁ ଚାଲିଚାଲି ପୁଣି ମନୋରମା ଲଜ୍ ଯିବାକୁ । ବସ୍‌ରବି ଦେଖାନାହିଁ । ବିନୟ ଠିକ୍‌କଲା ଆଜି ଯିବନି ।

ସେ ସେଇ ଫୁଟ୍‌ପାଥିରେ ଚାଲିଲା । ପ୍ରଥମାଷ୍ଟମି ୧୪ରେ ପିତେଇ ପୁଅ ପାଇଁ ଡ୍ରେସ୍ କିଣିବାକୁ ହବ । ମିନା ଚିଠି ଦେଇଛି । ଗଣେଶ ଡ୍ରେସ୍ ହାଉସ୍‌ରୁ ଡ୍ରେସ୍ ଦେଖିଲେ ହୁଅନ୍ତା । ମନଟାବି ଭଲଲାଗୁନି । ଟିକେ ବୁଲାବୁଲି କରି ବସାକୁ ଫେରିଗଲେ ଯାଏ ।

ଆଗ ଗଣେଶ ଡ୍ରେସ୍ ହାଉସ୍‌ରୁ ଶ୍ରୀଧର ମହାନ୍ତି ତା ପରିବାର ନେଇ ବାହାରୁଛି । ପ୍ରଥମାଷ୍ଟମି ପାଇଁ ଡ୍ରେସ୍ କିଣିବାକୁ ଆସିଥିଲାକି କଣ । ଏବେ ଦେଖିଲେ ବାରକଥା ପଚାରିବ । ସେ ଆଗରୁ ଯୋଉ ମସଲା ଗୁଣ୍ଡ କଂପାନୀରେ କାମ କରୁଥିଲା ସଠି ଶ୍ରୀଧର ମହାନ୍ତି ମ୍ୟାନେଜର ଥିଲା । ଏସା ମାଉଚିଆ ଏକା । ଦେଖିନ କ'ଣ ଗୋଟେ କିଣିବାକୁ ଆସିଛି ଯାପ ପୁରା ସଂସାରଧରି ବାହାରିଛି । ମାଇପ ପିଲା ସାଙ୍ଗରେ ନଗଲେ ବଜାର ଯେମ୍‌ତି ବୁଲିହବନି ।

ଶ୍ରୀଧର ମାହାନ୍ତି ତାଆରି ଆଡ଼କୁ ଆସୁଛି । ତାକୁ ଅବଶ୍ୟ ଏଯାଏଁ ଦେଖିନି । ବିନୟ ମୁତିବା ନାଁରେ ଦିଇଟା କେବିନ୍ ସନ୍ଧିକି ଗଳିଗଲା । ଯାଉ ଶଳାଟା ପଳେଇଯାଉ ।

ଗଣେଶ ଡ୍ରେସ୍ ରେ ଭାରି ଭିଡ଼ । କେବଳ ଛୋଟ ପିଲାଙ୍କ ଡ୍ରେସ୍ ବିକେ ଗଣେଶ । ବର୍ଷକୁ ଥରେ ଦିଥର ବିନୟ ଏଠିକୁ ଆସେ । ଦୋକାନିଟା ମୋଟୁରୁ ଭଲଲାଗେନି ବିନୟକୁ । କେମ୍‌ତି ଗୋଟେ ଘଡ଼ ଘଡ଼ ହେଇ କଥା କହେ । ପାଞ୍ଚ ପଇସାଟେ କାଟିବନି । ତଥାପି ଅନ୍ୟ ଦୋକାନଠୁ ତାର ଟିକେ ଦର୍ କମ୍ ପଡ଼େ ।.ସେଇଥିପାଇଁ ତା ଦୋକାନରେ ଭିଡ଼ ।

ବିନୟ ଦୋକାନ ଭିତରକୁ ପଶିଲା । ଭିତରଟା ଟିକେ ପରିବର୍ତ୍ତନ ଯା ଭିତରେ ହେଇଯାଇଛି । ଯାହଉ ସେ କଞ୍ଜୁସ୍ ବୁଢ଼ା ଶଳା ନାହିଁ । ତା ପୁଅ ବୋଧେ ବସିଛି । ତା

Source: Author, Digitized by PPRACHIN, SOA

ପଛପାଖ ଗଦି ରେକ୍‌ଜିନ୍ ମରା ହେଇ ସିଂହାସନ ଭଳିଆ ହେଇଛି । ଲୋକୁଟା ତା ବୋପା ଭଳିଆ ବେପାରୀ ବେପରୀ କିଛୁ ଲାଗୁନି ।

ଦୋକାନକୁ ପଶିଗଲା ବେଳକୁ ବାଁହାତି କାନ୍ଥକୁ ଲାଗି କାନ୍ଥରେ କାଚ ସୋ'କେସ୍ ଭିତରେ ଛୋଟ ଛୁଆଙ୍କ ଡ୍ରେସ୍ ଆଲ୍‌ପିନ୍ ମରାହେଇ ରଖାଯାଇଛି । କାଚ ଭିତରେ ଦିଇଟା ଛୋଟପିଲା କାନ୍ଧରେ ବ୍ୟାଗ୍ ପକେଇ ସ୍କୁଲ୍ ଯାଉଛନ୍ତି । ସତ ପିଲା ଭଳିଆ ଦିଶୁଛନ୍ତି । ସୁନ୍ଦରିଆ ଡ୍ରେସ୍ ହଲେ ଲେଖା ପିନ୍ଧିଛନ୍ତି, ସ୍କୁଲ୍ ବ୍ୟାଗ୍ ପଛପଟକୁ ଝୁଲେଇଛନ୍ତି ।

ବିନୟ ଟିକେ ଛିଡ଼ାହେଇ ସେଇଆ ଦେଖିଲା ।

ଦୋକାନ ଭିତରୁ ବାହାରି ବିନୟ ହିସାବକଲା ଡ୍ରେସ୍‌ଟା ଚଳିଥାନ୍ତା । ହେଲେ କମ୍ ଦାମ୍‌ରେ ଜାଣିଲେ ପିଟେଇ ସିଧା ହାଣ୍ଡି ଡ୍ରେସ୍ ସବୁ ବାରିକ ହାତରେ ଲେଉଟେଇଦବ ।

ବିନୟ ଆର ପାନଟା ପାଟିରେ ପୁରେଇଲା । ପୁଣି ଶଙ୍କରାକୁ ମନେମନେ ଗାଳିକଲା । ଶଳା ଯେତେ କହିଲେବି ଚୂନ କମ୍ ଦେବନି । ଘଣ୍ଟାରେ ରାତି ଆଠ ହେଲାଣି । ଛକରୁ ଚୁନା ମାଛ ଦିଇଟା ନେଲେ ହୁଅନ୍ତା । ବିନୟର ମନେପଡ଼ିଲା କାର୍ତ୍ତିକମାସ ଚାଲିଛି । ଆଇଁଷ ଖାଇବା ମନା । କାଲିକି ରବିବାର । ମଇଳା ଡ୍ରେସ୍‌ତକ ଏବେ ଗୁଣ୍ଡ ସାବୁନ୍ ଦେଇ ଭେଦେଇଦେଲେ କାଲି ସକାଳକୁ ଗାଧେଇଲା ବେଳକୁ ଧୋଇଦେଇ ହବ । ରୋଷେଇ ଘର ଅରମା ଅଳନ୍ଧୁରେ ଭର୍ତ୍ତି । କାଲି ସକାଳୁ ସଫା କରିବାକୁ ହେବ । ନାଁକୁ ସିନା ରବିବାର ହେଲେ ଯାପ ସାରା ହପ୍ତାର କାମ ବାକିପଡ଼ିଥିବ ସେ ଦିନକୁ । ଟି.ଭି.ଟାବି ଖରାପ ହେଇ ପଡ଼ିଛି । ମେକାନିକ୍ ପାଖକୁ ନେଇ ହଉନି । ବିନୟକୁ ବହୁ ସମୟରେ ନିଜ ଉପରେ ବିରକ୍ତି ଲାଗେ । ଏଇ ଅଳସୁଆମି ପାଇଁ ସବୁବେଳେ ଅସୁବିଧା ତାର । କୋଉ କାମ ଠିକ୍‌ରେ ଠିକ୍ ସମୟରେ ହେଇପାରୁନି । ଗଲେ ପୁଣି ରୋଷେଇ କରିବାକୁ ହବ ।

ବିନୟ ଗୋଡ଼ ଫୁର୍ତ୍ତିକଲା ।

ବିନୟକୁ ଘର ପାଇବା କଷ୍ଟକର ହେଲାନି । ବାସନ୍ତୀ ଯେମିତି ନକ୍ସା କାଟି ବାଟ ବତେଇଥିଲା ସେମିତିରେ ମିଳିଗଲା । ଦାଣ୍ଡ ଝାପ୍ରି ଖୋଲାଅଛି । ବିନୟ ଛିଡ଼ାହେଲା ତଳ

Source: Author, Digitized by PPRACHIN, SOA

ପାହ୍ଲଛ ଉପରେ । ଉପର ପାହ୍ଲଛରେ ଲକ୍ଷ୍ମୀପାଦ ଆଉ ପଦ୍ମଫୁଲର ଷ୍ଟିକର ମରାହେଇଛି । ଡ଼ାହାଣ ପାଖକୁ ଛୋଟ ଚଉଁରାଟେ । ମୁରୁଜ ପଡ଼ିଛି । ତୁଳସୀ ଗଛଟେ ମୁରୁକୁଟିଆ ହେଉଛି । ଘରର ଦାଣ୍ଡ ପିଣ୍ଡାଟାକୁ ଢାଙ୍ଗି ଦିଆହେଇ ବ୍ୟବହାର କରାଯାଉଛି । ସେଇଠି ଠିଆ ହେଲେ ଦେଖିହଉଛି ଭିତର ପଟକୁ । ପାଳେ ବୋଧେ ରୋଷେଇ ଘର ହେଇଛି । କପଡ଼ା ଖଣ୍ଡେ ଟଙ୍ଗା ହେଇ ଡ଼ିଭାଇଡ଼୍ ହେଇଛି । ଆର ପାଳେରେ ଛୋଟ ଟିପଏ ଦିଇଟା ଆଉ ସୋଫା ପଡ଼ିଛି । ସୋଫା ପଛକୁ ଛୋଟ ବୁକ୍ ସେଲ୍ଫ କାଠ ଆଲମାରିଟେ । ଠିକ୍ ସିଧାକୁ ଘର ଭିତରକୁ ଯିବାକୁ କବାଟ । ରୋଷେଇ ଘରୁବି ଗୋଟେ ବାଟ ଭିତରକୁ ଅଛି ବୋଧେ । କାନ୍ଥରେ ଚାନ୍ଦୁଆ ଗୋଟେ ଠିକିରି ଭଳିଆ ହେଇ ମରାହେଇଛି ।

ଟୋକୀ ଭଲ ଘର ସଜେଇଛିତ ।

ଭିତରକୁ ବୋଧେ ଦି ବଖରା ଥିବ । ବାସନ୍ତୀର ବାପା ମଲା ଆଗରୁ ଏତିକି କରିଯାଇଥିଲେ । ବାସନ୍ତୀର ବାପା କୁଆଡ଼େ ଭୀଷଣ ବଦ୍‌ରାଗୀ ଥିଲେ ବୋଲି ବାସନ୍ତୀ କୁହେ ।

ବାସନ୍ତୀର ବାପା କଣ କରୁଥିଲେ ? ବିନୟର ମନେପଡ଼ିଲାନି ବାସନ୍ତୀ ଏ ସଂପର୍କରେ କିଛି କହିଛି ବୋଲି ।

ଘର ଭିତରୁ କିଛି ଖୁଡୁ ଖାଡ଼ ଶୁଭୁନି ।

ବିନୟ କାନ ଡ଼େରିଲା । ଟି.ଭି. ସାଉଣ୍ଡ ଆସୁଛି । ଆଜି ରବିବାର ଟି.ଭି. ଦେଖାଚାଲିଥିବ । କଲିଂ ବେଲ୍ ବୋଧେ ନାହିଁ । ବିନୟ ପ୍ରଥମେ କଲିଂବେଲ୍ ଖୋଜିଲା ।

ନାଁ କଲିଂବେଲ୍ ନାହିଁ । ବିନୟ ଝଞ୍ଜିର ଝଣ ଝଣ କଲା ।

ଘର ଭିତରୁ ଗୋରା ପତଳା ପିଲାଟେ ବାହାରିଲା । ହାଫ୍ ପ୍ୟାଣ୍ଟଟେ ପିନ୍ଧିଛି । ନାଲି ଗାମୁଛା ଗୋଟେ ଦେହରେ ପକେଇଛି । ବାସନ୍ତୀର ସାନଭାଇ ବୋଧେ ।

-କାହାକୁ ଖୋଜୁଛନ୍ତି ?

-ବାସନ୍ତୀ ଅଛନ୍ତି ? ବିନୟ ପଚାରିଲା । ପିଲାଟା କିଛି କହିଲାନି । ଘର ଭିତରକୁ ପଳେଇଲା ।

-ଓଃ...ମୁଁ ତ ଭାବିଥିଲି ଆପଣ ଆଉ ଆସିବେନି । ସକାଳୁ ମଣିଷର ଅନେଇ ଅନେଇ ଆଖିରୁ ପାଣି ମଲାଣି । ଟିପି ଟିପି ଫୁଲପକା ଗୋଟେ ଧଳା ନାଇଟ୍ ଡ୍ରେସ୍ ପିନ୍ଧି ବାଳ ବାନ୍ଧୁ ବାନ୍ଧୁ ବାସନ୍ତୀ ଘରୁ ବାହାରି ଆସି କହିଲା ।

ବିନୟ ମୁରୁକି ହସା ଗୋଟେ ହସି ସୋଫାରେ ବସିଲା ।

Source: Author, Digitized by PPRACHIN, SOA

ସାମ୍ନା ସୋଫାରେ ବାସନ୍ତୀ ।

ବାସନ୍ତୀ ବୋଧେ ଗାଧେଇନି । ସେମିତି ଦିଶୁଛି । ଅପରିଛନିଆ । ଅସନା । ନାଇଟ୍ ଡ୍ରେସ୍‌ରେ ପୁଣି ଯାପ ଭୀଷଣ ମୋଟା ଫାପୁଣ୍ଡି ଦିଶୁଛି । ଭେରକାଣ୍ଡିଆ ହିଡ଼ିମ୍ବି ପରି ଦିଶୁଛି ।

ଆପଣ ବସିଥାନ୍ତୁ ମୁଁ ଚା କରୁଛି । ବାସନ୍ତୀ ରୋଷେଇ ଘର ଆଡ଼କୁ ଯାଉ ଯାଉ ପୁଣି ଫେରି ବିନୟକୁ ପଚାରିଲା

-ଚାଲୁନାହାନ୍ତି ଟି.ଭି. ଦେଖିବେ

ବିନୟ ମନାକଲା- ନା ଥାଉ ମୁଁ ଏଇଠି ବସିଛି । ମାଉସୀ ନାହାଁନ୍ତି ?

-ନାଇଁ ମନ୍ଦିର ଯାଇଛି । ଏଇ ଫେରୁଥିବ । ସେ'ତ କାର୍ତ୍ତିକମାସ ସାରା ମନ୍ଦିର ସବୁଦିନ ଦୌଡ଼ିବ । ବାସନ୍ତୀ ଅଧେ ଏପଟରେ ଅଧେ ରୋଷେଇ ଘର ଭିତରେ ପଶି କହିଲା ।

ଚାରିଆଡ଼କୁ ଚାହିଁଲା ବିନୟ । ଘରସାରା କୋଉଠି ଦାରିଦ୍ର୍ୟର ଛାପ ଦିଶୁନି । ହେଲେ ବାସନ୍ତୀ ବେଶ ପୋଷାକରୁ କଥାବାର୍ତ୍ତାରୁ ଲାଗେ ତାରି ରୋଜଗାରରେ ତା ଘର ଚଳେ । ସାନଭାଇ ପାଠ ପଢ଼େ । ବୋଉର ଔଷଧ କିଣା ହୁଏ ।

ହେଲେ ପଇସା କୋଉଠୁ ଆସୁଛି ଏମିତି ଚଳିବାକୁ ? କେତେ ଦରମା ପାଏ ବାସନ୍ତୀ ? କାଇଁ ସେତ ଚଳିପାରୁନି । ଗାଁରେ ଧାନ ଚାଉଳ ପରିବା ହଉଛି । ତଥାପି କାଣ୍ଡଛାଣ୍ଡ । ଛୋଟରାୟ କ'ଣ ସତ କହୁଥିଲା ? ବାସନ୍ତୀ ବେଧଗିରି କରି ପଇସା ରୋଜଗାର କରୁଛି । ଏବେ ତା ଉପରେ ଆଖି ପକେଇଛି ? ପ୍ରତି ମାସରେ କିଛି କିଛି ଝଡ଼େଇବ । ଆଜି ଅମୁକ କହିକି ସମୁକ ଦରକାର କହି ।

ହେଲେ ବାସନ୍ତୀକୁ କିଏ ପଇସା ଦେଇ ତା ପାଖରେ ଶୋଉଛି ? ଯାପ ପଇସା ଦେଲେ କଣ ଭଲ ଟୋକୀ ମିଳୁନାହାଁନ୍ତି ?

ବାସନ୍ତୀ ଚା ଆଣି ଟିପୟ ଉପରେ ରଖିଲା । ନଇଁ କରି ରଖିଲା ବେଳକୁ ନାଇଟ୍ ଡ୍ରେସ୍‌ଟା ତଳକୁ ଝୁଲିଗଲା । ବାସନ୍ତୀ ଆଜି କଳାରଂଗର ବ୍ରା ପିନ୍ଧିଛି । ତଥାପି ଛାତିରୁ ଟିକେ ଦୁଶିଲା । ତା ମୁହଁଠଉଁ ଟିକେ ଗୋରା ଅଛି ଛାତି ।

-ଆପଣ ବସିଥାନ୍ତୁ । ମୁଁ ଗାଧେଇ ପଡ଼େ । ସକାଳୁ ଟି.ଭି. ପାଖରେ ବସି ବସି ଗାଧେଇ ହେଇନି । ଏଇ ମ୍ୟାଗାଜିନ୍ ଦେଖୁଥାନ୍ତୁ । ବାସନ୍ତୀ ଟିପୟ ତଳ ଥାକରୁ ଦିଇଟା ଫେମିନା ଦେଲା ବିନୟକୁ ।

ବିନୟ ଫେମିନା ଆଡ଼େଇଲା ।

Source: Author, Digitized by PPRACHIN, SOA

ଘର ଭିତରୁ ସେ ଗୋରା ପତଳା ପିଲାଟା ଆସି ବିନୟକୁ ଓଳଗି ହେଲା । ବିନୟ ଚିହ୍ନିଲା ଯିଏ କବାଟ ଖୋଲିଥିଲା ସେଇ ପିଲାଟା । ବାସନ୍ତୀର ଛୋଟଭାଇ ହେବ ବୋଧେ । ବିନୟ କିଛି କହିବା ଆଗରୁ ପିଲାଟା ପୁଣି ଘରଭିତରକୁ ପଶିଗଲା । ବାସନ୍ତୀ ଏତେ କଳା ତା ସାନଭାଇଟା ଏତେ ଗୋରା ହେଇଛି କେମିତି ?

ବିନୟ ପୁଣି ବହି ଆଡ଼େଇଲା.....

ଦାଣ୍ଡ ଗେଟ୍ ଠକ୍ କଲା । ବିନୟ ମୁଣ୍ଡ ଟେକିଲା ବହିରୁ । ଧଳାଶାଢ଼ୀ ପିନ୍ଧି ଗୋରାରଂଗର ସ୍ତ୍ରୀ ଲୋକଟିଏ ଭୋଗଡ଼ାଲା ଧରି ଘରେ ପଶୁଛନ୍ତି । ବୟସ ବେଶୀ ହେଇନି । ଦଂଭ ଅଛନ୍ତି । ବାସନ୍ତୀର ବୋଉ ବୋଧେ ।

ବିନୟ ଠିଆହେଇ ନମସ୍କାର କଲା ।

-ବିନୟ,ନୁହେଁ ? ସେ ଠିକ୍‌ରେ ବିନୟକୁ ଚିହ୍ନିପାରିଛନ୍ତି ବୋଲି ଆତ୍ମବିଶ୍ୱାସ ସହ କହିଲେ ।

ବିନୟ ହଁ ମାରି ହସିଲା ପଚାରିଲା-କେମିତି ଚିହ୍ନିପାରିଲେ ?

-ସେ ଅଣ୍ଡାପରା ଖାଆସେ ପୁଅ ତୁମ କଥା କହେ । ତମେ ଆଜି ଆସିବାକୁ କହିଥିଲ ପରା ? ହଉ ଆସିଲ ଭଲକଲ । ସେ ଟୋକୀକି ପଚାଶ ଥର କହିଲିଣି ତମକୁ ଘରକୁ ଡ଼ାକିବାକୁ । ଯାହଉ ଆମ ଗରିବ ଘରେ ପାଦ ପଡ଼ିଲା । ସେ ଅଣ୍ଡା ତମକୁ ଖାଇବାକୁ ଦେଲାଣିତ ? ଏତୁଟେ ହେଲାଣି ବାଗ ବାଇଶ ଶିଖିଲାନି । କୋଉ ମାଇପି ଝିଅ ଟା କପଟେ କରି ଶିଖିନଥିବ ? କହନି କହନି ତା କଥା ପୁଅ । ମୁଁ ମାଇପି ଲୋକ ପୋଡ଼ି ଜଳି ମରୁଛି ଯାହା ।

ସେ ଡ଼ାକି ଡ଼ାକି ଘର ଭିତରକୁ ଗଲେ । ବିନୟ ବସି ପଡ଼ିଲା ପୁଣି ସୋଫାରେ ।

ବାସନ୍ତୀ ଏଇନେ ଗାଧଉଥିବ । ଦିହ ମୁହଁ ସାବୁନ୍ ମାଜୁଥିବ । ଚମରୁ କଳାରଂଗ ଛଡ଼ଉଥିବ । ରଗଡ଼ି ରଗଡ଼ି ମୁହଁ ଘଷୁଥିବ ।

ବିନୟ ଦେଖିଲା ବାସନ୍ତୀ ଗାଧଉଛି । ସୁଉଦୁ ଫୁଲ୍‌ଲା ଦିହ । ସୂତା ଖିଅଟେବି ଦିହରେ ନାହିଁ । ବଡ଼ ବିଭତ୍ସ ଦେଖାଯାଉଛି । ପେଟ ଆଗକୁ ଟିକେ ବାହାରିପଡ଼ିଛି । ପିଚା ପିଚିକି ପଡ଼ିଛି ପଛକୁ । ଫାଲୁକା ଫାଲୁକା ଜଂଘ ଦିଇଟା । ଛାତି ନେସେଡ଼ି ପଡ଼ିଛି ସେଇଠି ।

ଛ୍ୟା.......

ବାସନ୍ତୀର ବୋଉ ଗୋଟେ ଷ୍ଟିଲ୍ ଥାଳିଆରେ କିଛି ମିଠା ଆଣି ବିନୟ ଆଗରେ ରଖିଲେ । ପାଖରେ ବସିଲେ । ବାସନ୍ତୀର ବୋଉ ବି ଗୋରା । ବୟସ ବେଳେ ସୁନ୍ଦର

Source: Author, Digitized by PPRACHIN, SOA

ନିଶ୍ଚୟ ଥିଲେ । ହେଲେ ଏ ବାସନ୍ତୀଟା ଏମିତିଆ ହେଇଛି କାହିଁକି । ବାସନ୍ତୀଟା ଏ ଘରର ଚାକରାଣୀ ଭଳିଆ ଦେଖାଯାଉଛି ।

ବଡ଼ସ୍ନେହୀ ଜଣାପଡୁଛନ୍ତି ବାସନ୍ତୀର ବୋଉ ।

ବିନୟ ମିଠା ଖାଇବାକୁ ଭଲପାଏନି । ଭାବିଲା ବାସନ୍ତୀର ସାନଭାଇକୁ ଡ଼ାକିଲେ ହୁଅନ୍ତା । ବାସନ୍ତୀଟାରବି ଦେଖାନାହିଁ । ହେଲେ ସେ ଟୋକାର ନାଁ କଣ ବିନୟର ମନେପଡୁନି ।

ବୁଝିଲୁ ପୁଅ - ବାସନ୍ତୀ ବୋଉ ପୁଣି ଆରମ୍ଭ କଲେ; ତା ବାପା ମରିବା ୧୪ ବର୍ଷ ହେଲାଣି । ଶିପୁ ଜନମ ବର୍ଷ ତାଙ୍କର କାଳ ହେଲା । ଶିପୁକୁ ୧୪ ବର୍ଷ ହେଲାଣି । ମୁଁ ଏକୁଟିଆ ମାଇପି ଲୋକ ସହର ପରା ଯାଗାରେ ଯାଙ୍କୁ ସବୁ ମଣିଷ କରିଛି । ତା ବାପାର ପେନ୍‌ସନ୍ ଟଙ୍କା ମାସକୁ ମାସ ପାଏ । ଆମ ଘରକୁ ଲାଗି ଯୋଉ ଅଉଟ୍‌ହାଉସ୍ ଘର ସେଇଟାବି ଆମର । ସେଥିରୁ ଭଡ଼ା ଆସେ । ଏ ଟୋକୀ ପାଞ୍ଚ ପଇସା ମୋତେ ଦିଏନି । ସବୁଯାକ ପଇସାରେ ଆଲୁକୁଚି ମାଲୁକୁଚି କିଣିବ, ନହେଲେ ବହି କିଣିବ । ହଁ.... ତା ଟଙ୍କାକୁ ମୁଁ କୋଉ ଅନେଇଛି । ଖାଲି ହାତକୁ ଦିହାତ କରିଦେଲେ ମୋ ଚିନ୍ତା ଯାଏ ।

ହେଲେ ବିନୟକୁ ବାସନ୍ତୀ ଏତେ କଥା କେବେ କହିନି । ଶଳା ଛୋଟରାୟ ଛୋଟଲୋକ । ମନକୁ ଫନ୍ଦି ଏତେ କଥା କହୁଛି ହାରାମୀ । ହଁ ଶୁଣିବା କଥା ବିକାଶ ମିଶ୍ର କୁଆଡ଼େ ଦିନାକାତେ ବାସନ୍ତୀ ଚକ୍‌କରରେ ଥିଲା । ଭାରି ହେମ୍ ପେମ୍ ବି ଚାଲିଥିଲା । କ'ଣ ହେଲା କେଜାଣି ଏବେ ପଡୁନି । ନିଶ ଦାଢ଼ି କଟା ସୁନ୍ଦର ଫିନ୍ ଫିନ୍ ଗୋରା ସ୍ମାର୍ଟ ଟୋକା ବିକାଶ ମିଶ୍ର ବାସନ୍ତୀ ଫାନ୍ଦରେ ପଡ଼ିଥିଲା କାହିଁକି ? ହେଲେ ବାସନ୍ତୀ ବିକାଶ ମିଶ୍ରକୁ ମାଇଚିଆ କହେ । କୁହେ ଏତେ ଗୋରା ଓଠ ଗୋଲାପି ନିଶ ଦାଢ଼ିକଟା ପୁଅପିଲା ଝିଅମାନଙ୍କୁ ମାଇଚିଆ ଲାଗନ୍ତି ।

ହେଇଥିବ ।

ନହେଲେ କୋଉଦିନ ବିକାଶ ମିଶ୍ର ଖଟ ଉପରେ ବାସନ୍ତୀକୁ ପାରିନଥିବ । ଅସଲ ଯାଗାରେ ହାରିଗଲେ ଟୋକୀ ପୁରୁଷକୁ ମାଇଚିଆ କହିବନି ?

ବାସନ୍ତୀ ବୋଉ କ'ଣ ଗୋଟେ ପଚାରିଲେ ବିନୟକୁ । ବିନୟ ଟିକକ ଆଗରୁ ଏଣୁତେଣୁ ଚିନ୍ତାକରୁଥିଲା ତ କିଛି ଶୁଣିନଥିଲା ତଥାପି ହଁ ମାରିଲା ।

ବାସନ୍ତୀର ସାନଭାଇ ବ୍ୟାଗ୍‌ଧରି ସାଇକେଲ କାଢ଼ିଲା । ଭିତରୁ ବାହାରିଲା ବାସନ୍ତୀ । ହାଲ୍‌କା ବାଇଗଣ ରଙ୍ଗର ଶାଢ଼ୀଟେ ପିନ୍ଧିଛି । ସେଇ ବାଇଗଣିର ଟିକେ ଗାଢ଼ର

Source: Author, Digitized by PPRACHIN, SOA

ବ୍ଲାଉଜ୍ । ଓଠରେ ପୁଲେ ଲିପ୍‌ଷ୍ଟିକ୍ ।

ବିନୟର ମନେପଡ଼ିଲା କେବେ ଦିନେ ସେ ବାସନ୍ତୀକୁ କହିଥିଲା ଏ ଶାଢ଼ୀ ପିନ୍ଧିଲେ ତମକୁ ମାନେ । କାଳି ଝିଅମାନେ ବାଇଗଣୀ ଶାଢ଼ୀ ପିନ୍ଧିଲେ ଭଲ ଲାଗନ୍ତି । ତାହେଲେ ବିନୟକୁ ଭଲ ଲାଗିବ ବୋଲି ବାସନ୍ତୀ ଏ ଶାଢ଼ୀ ପିନ୍ଧିଛି, ନୁହେଁ ?

ବାସନ୍ତୀ ବୋଉ ଛିଡ଼ାହେଲେ ସୋଫାରୁ । ବାସନ୍ତୀକୁ କହିଲେ ଦାଣ୍ଡଘରଟାରେ ପୁଅ ବସିଛନ୍ତି । ବିନୟକୁ କହିଲେ ଯାଅ ପୁଅ ଭିତରକୁ ଯାଅ ।

ବିନୟ ବାସନ୍ତୀ ପଛେ ପଛେ ଘର ଭିତରେ ପଶିଲା ।

ଏଇଟା ମୋ ରୁମ୍ । ସେଇଟା ବୋଉ ଆଉ ଶିପୁର । ଆର ବଖରାରେ ଶିପୁ ପଢ଼େ । ବାସନ୍ତୀ ଦେଖେଇ'ଦଉଥିଲା । ଦାଣ୍ଡ ଘର ଡ଼େଇଁଲେ ଛୋଟ ଅଗଣା । ଅଗଣା ଦିପଟରେ ବଖରାଗୁଡ଼ା । ବାଡ଼ି ପଟକୁବି ଆହୁରି ଯାଗା କିଛି ଅଛି । ଅମୃତଭଣ୍ଡା ସଜନା ଗଛ ଲାଗିଛି । ପରିବା ଗଛବି ବୋଧେ ଲାଗିଛି । ବିନୟ ଚାରିଆଡ଼େ ଆଖି ବୁଲେଇ ଆଣିଲା ।

ବାସନ୍ତୀ ତା'ର କହୁଥିବା ରୁମ୍‌ରେ ବିନୟ ପଶିଲା । ଛୋଟ ରୁମ୍‌ଟେ । ଖଟ ଗୋଟେ ପଡ଼ିଛି । ଖଟ ପାଖରେ କାନ୍ଥରେ ର୍‍ୟାକ୍ ହେଇଛି । ର୍‍ୟାକ୍‌ରେ କ'ଣ ସବୁ ବହି । ସିଲିଂ ଫ୍ୟାନ୍ ନାହିଁ । ଟେବୁଲ୍ ଫ୍ୟାନ୍‌ଟେ କେବଳ ଥୁଆ ହେଇଛି । ଟୁଲ୍ ଉପରେ । ଗୋଟା କଣ ଆଡ଼ିକି କଣେଇ କରି ଖଟ ଆଡ଼କୁ ମୁହଁ କରି ଟି.ଭି. ଟେ ଥୁଆହେଇଛି । ଟି.ଭି. ଦେଖିବାକୁ ହେଲେ ଖଟରେ ବସିବାକୁ ହେବ ।

ବିନୟ ଖଟରେ ବସିଲା । ବାସନ୍ତୀ ଫ୍ୟାନ୍‌ଟାକୁ ଟୁଲ୍‌ରୁ ଉଠେଇ ଖଟରେ ରଖି ପ୍ଲଗ୍ ଦେଲା, ଟି.ଭି. ଅନ୍ କଲା ଆଉ ନିଜେ ଟୁଲ୍‌ରେ ବସିଲା ।

ବିନୟ ବାସନ୍ତୀକୁ ଚାହିଁଲା କଣେଇ । ଟୋକୀ ସଜବାଜ ହେଲେ ମନ୍ଦ ଦିଶୁନି । ଚଳିବ । ପ୍ରକୃତରେ ଆଜି ବାସନ୍ତୀ ଟିକେ ଅଧିକା ସେକ୍ସି ସେକ୍ସି ଲାଗୁଛି । ମିନାଟା ଶହେ ଗୁଣରେ ବାସନ୍ତୀଠୁ ସୁନ୍ଦର ହେବ । ହେଲେ ବାସନ୍ତୀ ଭଳିଆ ସେକ୍ସି ଲାଗେନି । ସୁନ୍ଦରୀ ଦିଶିବା ସେକ୍ସି ଦିଶିବା ଦିଇଟା କଥା କିନ୍ତୁ ।

ଟି.ଭି.ରେ କଣ ଗୋଟେ ସିରିଅଲ୍ ଦଉଚି । ଗୋଟେ ସ୍ତ୍ରୀ ଲୋକ ରାଗିକରି ପାଟି କରୁଛି । ଗାଳି କରୁଛି । ଲୋକ୍‌ଟା ତା ନୀରିହ ସ୍ୱାମୀ ହବ ବୋଧେ । ବାସନ୍ତୀ ଏଣ୍ଣୁତେଣୁ ଗଂପୁଛି । ବିନୟର ମନ ଲାଗୁନି । ବାସନ୍ତୀର ବୋଉ ମଝିରେ ମଝିରେ କଣ ଟିକେ କହି ପୁଣି ରୋଷେଇଘରକୁ ପଳେଇ ଯାଉଛନ୍ତି । ବାସନ୍ତୀ ସାନଭାଇବି ଆସିସାରିଲାଣି, ପରିବାପତ୍ର ପାଇଁ ବୋଧେ ଯାଇଥିଲା । ଆଜି ତାକୁ ଏଇଠି ଖାଇବାକୁ ହେବ । କଥା ସେଇଆ ଥିଲା ।

Source: Author, Digitized by PPRACHIN, SOA

କଣ ଗୋଟେ କହି ବାସନ୍ତୀ ହସୁଛି । ବାସନ୍ତୀ ହସିଲେ ହେ...ହେ...ହେଇ ଅଣ୍ଡିରାଙ୍କ ଭଳିଆ ହସେ । ମାଇକିନା ଝିଅ ଏମିତି ହସିଲେ ବିନୟକୁ ଚିଡ଼ା ଲାଗେ । ମିନା ଆଜିକାଲି ଆଉ ହସୁନି । ତା ହସ ଲିଭିଗଲାଣି । ମିନା କିନ୍ତୁ ଚମତ୍କାର ହସେ । ଓଠରେ ହସେ । ଆଖିରେ ହସେ ।

ବିନୟ ବାସନ୍ତୀର ଆଖିକୁ ଚାହିଁଲା । ବୋଧହୁଏ ବାସନ୍ତୀର ମୁହଁ ଭିତରେ ସେଇ ଦୋଅଟି ଆଖି କେବଳ ସୁନ୍ଦର । ଅଙ୍କା ହେଲା ଭଳିଆ ଆଖି । ବିନୟ ଆଗରୁ କେତେଥର ବାସନ୍ତୀକୁ କହିଛି ତମ ଆଖି ସୁନ୍ଦର ।

ବାସନ୍ତୀ ତା ଆଖିରେ କିଛି କହୁଛି ।

କଣ କହୁଛି ?

କହୁଛି ବିନୟ ତମେ ମୋତେ କାଳୀ ଅସୁନ୍ଦର କହୁଥିଲ ପରା । ଅପରିଚ୍ଛନ୍ନ ଅସନି କହୁଥିଲ ପରା । ମୋ ଅନୁରୋଧରେ ମୋ ଘର ଯାଏ ଆସିଗଲନା । ପୁରୁଷ ଲୋକଙ୍କ ଔକାତ ମୁଁ ଜାଣିନି ? ସେମାନଙ୍କ ପାଖରେ ସୁନ୍ଦର ଅସୁନ୍ଦରର ମୂଲ୍ୟ କିଛିନାହିଁ । ସେମାନଙ୍କ ପାଖରେ ସବୁ କୁତ୍ସିତ ମୁହୂର୍ତ୍ତକରେ ଦିବ୍ୟସୁନ୍ଦରୀ ହେଇଯିବେ । ଉତ୍ତେଜନା କମିଗଲେ ସବୁ ଅପ୍ସରୀ କଦାକାର ହେଇଯିବେ । ଠିକ୍ କହୁଛିନା ?

ବାସନ୍ତୀ ପୁଣି ହସୁଛି ।

ଏବେ ବାସନ୍ତୀର ହସ ଚମତ୍କାର ଦିଶୁଛି ।

ବାସନ୍ତୀ ତା ଅସନୀ ଦେହରୁ ବାହାରି ପ୍ରଜାପତି ହେଇଯାଉଛି । ଚିତ୍ରିତ ଡେଣାରେ ସାରାଘର ଉଡୁଛି । ବିନୟ ଦୌଡୁଛି ପ୍ରଜାପତି ପଛରେ । ଦୌଡ଼ି ଦୌଡ଼ି ନାକେଦମ୍ ହେଇଯାଉଛି । ଧରାପଡୁନି ପ୍ରଜାପତି । ଅସହାୟ ଲାଗୁଛି ବିନୟକୁ । ଅଣନିଃଶ୍ୱାସୀ ଲାଗୁଛି । ଶୋଷ ଲାଗୁଛି । ତଣ୍ଟି ଶୁଖିଯାଉଛି । ଅଠା ଅଠା ହେଇଯାଉଛି ।

-କଣ ଭାବୁଛ ? -ବାସନ୍ତୀ ପଚାରିଲା ।

ବିନୟ ଫେରିଲା । କହିଲା - ନା । ଘରେ ଡ୍ରେସ୍‌ଗୁଡା ଭିଜେଇ ଆସିଥିଲି । ୩ ଟା ବେଳକୁ ଗାଁ ବସ୍‌ରେ ଭଣଜା ପାଇଁ ଅଷ୍ଟମୀ ଡ୍ରେସ୍ ପଠେଇବି । ମାସେ ହେଲାଣି ଟି.ଭି.ଟା ଖରାପ ହେଇଛି ମେକାନିକ୍ ପାଖକୁ ନେବି ।

ବାରଟା ବାଜିଲାଣି ।

ବାସନ୍ତୀ ସେଇଠି ଥାଇ ଡ଼ାକିଲା - ବୋଉ ରୋଷେଇ ସରିଲାଣି ? ବାସନ୍ତୀ ବୋଉ ସେଇ ରୋଷେଇ ଘରୁ ବାସନ୍ତୀକୁ ଡ଼ାକ ପକେଇଲେ । ବାସନ୍ତୀ ଛିଡ଼ାହେଲା ।

Source: Author, Digitized by PPRACHIN, SOA

ମାଡ଼ି ମାଡ଼ି ପଡୁଛି ବିନୟକୁ ।

କେମିତି ଗୋଟେ ଅସୁସ୍ଥ ଲାଗୁଛି । ନିଦ ନିଦ ବି ଲାଗିଲାଣି । ଘରଟାରେ ଏତେ ଗରମ ନାହିଁ । ଗମ୍ଭିରିଆ ଘର । ଝରକାଟେ ବି ନାହିଁ ! ତଥାପି ବାହାରେ ଏତେ ଗରମ, ଏଠି ଥଣ୍ଡା । ଚାରିଆଡକୁ ଦେଖିଲା ବିନୟ । ଆରେ ତା ପଛପଟ କାନ୍ଥରେ କାନ୍ଥଘଣ୍ଟାଟେବି ଟଙ୍ଗା ହେଇଛି । ଖରାପ ହେଇଛି କି ବ୍ୟାଟେରୀ ସରିଯାଇଛି । ଚାଲୁନି । ଟିକ୍ ଟିକ୍ ନହେଲେ ହେଇଥାନ୍ତା ।

ବାସନ୍ତୀ ବୋଉ ଗୋଟେ ଟ୍ରେରେ ଭାତ ବାଢ଼ିଆଣି ଆସିଲେ । ପଛେ ପଛେ ପାଣି ଧରି ବାସନ୍ତୀ । ଟୁଲ୍ ଉପରେ ଟ୍ରେ ରଖିଲେ । ବାସନ୍ତୀ ଶିପ୍ରାକୁ ଡ଼ାକପକେଇଲା । ଦାଣ୍ଡଘରୁ ଟିପୟ ଆଣିବାକୁ । ବିନୟ ମନାକଲା । କହିଲା ନାଁ ତଳେ ବସିଲେ ଭଲ ହେବ ।

ବିନୟ ଶିପ୍ରାକୁ ତା ସାଙ୍ଗରେ ଖାଇବା ପାଇଁ ଡ଼ାକିବାକୁ ବାସନ୍ତୀକୁ କହିଲା । ବାସନ୍ତୀ ବୋଉ ମନାକଲେ କହିଲେ ସେ ନାଲୁଆଟେ, ଆସିବନି । ତାପରେ ବାସନ୍ତୀକୁ ଚାହିଁ କହିଲେ - ଆଲୋ ତୁ ବସୁନୁ । ପୁଅଟା କଣ ଏକୁଟିଆ ଖାଇବ ?

ବାସନ୍ତୀ ବୋଉ ବିନୟ ଦେହରେ ହାତ ମାରି କହିଲେ ପୁଅଟା ମୋର ହାତରେ ରୋଷେଇ କରି କରି ଝଡ଼ି ଗଲାଣି । ତମେ ପୁଅ ଛୁଟିଦିନରେ ଇଆଡ଼େ ପଳେଇ ଆସିବ ।

ବିନୟ ହସିଲା ।

ବାସନ୍ତୀ ଡ଼ାଲି ଗୋଳେଇ ଦେଲା ବିନୟ ପଟ ଭାତରେ । ଆଳୁରୁ ଚୋପା ଛଡ଼େଇ ଦେଲା ।

ମିନାବି ଏମିତି କରୁଥିଲା । ଏବେ ଆଉ କରୁନି ।

ମିନାଟା ଝଡ଼ିଗଲାଣି । ଡ଼ାକ୍ତରଙ୍କୁ ପଚାରି କଣ ଗୋଟେ ଟନିକ୍ ପଠେଇଲେ ହୁଅନ୍ତା । ଚିନ୍ତାରେ ଚିନ୍ତାରେ ଏତେ ସରି ।

ତର୍କାରୀ ପାଖରେ ହଠାତ୍ ଅଟକିଗଲା ବିନୟର ହାତ । ସେ ଇଚ୍ଛା କରିବି ଖସେଇ ଆଣିପାରିଲାନି ହାତ । ଶିର୍ ଶିର୍ ହେଇ କ'ଣ ଗୁଡ଼େ ପଶିଗଲେ ଦେହ ଭିତରକୁ ସେଇ ହାତଦେଇ । ଛାତି ଭିତରେ ଦୁମ୍ କଲା । ତଳି ପେଟରୁ ମୋଡ଼ି ମୋଡ଼ି ହେଇ କ'ଣଟେ ଉଠିଆସିଲା ଛାତିଯାଏଁ ।

ବିନୟ ଚାହିଁଲା ବାସନ୍ତୀକୁ ।

ବାସନ୍ତୀ ମୁହଁ ପୋତିଲା ।

Source: Author, Digitized by PPRACHIN, SOA

ରାତିରେ ଖାଇବାକୁ ଇଚ୍ଛା ହେଉନି ।

ନଖାଇଲେ ଚଳିବ ।

ସଞ୍ଜବେଳରୁ ବିନୟ ଏମିତି ଏଇ ଖଟରେ ଗଡ଼ପଡ଼ ହେଉଛି । ରାତି ନଅଟା ହେଲାଣି । ଭୋକ ବି ହଉନି । ସଞ୍ଜରେ ମାହାଳି ବାବୁଙ୍କ ଶଳା ଅଧଘଣ୍ଟା ଖଣ୍ଡେ ବସିଗଲା । ଏ ଘରେ ବିନୟ ବର୍ଷେ ଉପରେ ରହିଲାଣି । ତଥାପି ପାଖ ପଡ଼ିଶାଙ୍କ ସାଙ୍ଗରେ ତାର ସଂପର୍କ ଭଲକି ଗଢ଼ିହେଉନି । ସଂପର୍କରୁ କଣ ମିଳିବ ? ତାପରେ ତାକୁ ସମୟ କାହିଁ ?

ବାସନ୍ତୀ ଘରୁ ଆସିଲାବେଳେ ବାସନ୍ତୀ ଫିଲ୍ମ ଯିବାକୁ କହୁଥିଲା । ମାନିବାକୁ ପଡ଼ିବ ଟୋକୀକୁ । ଏକାଥରକେ ଫିଲ୍ମ । ବାସନ୍ତୀ ଭଳିଆ ଟୋକୀକୁ ଫିଲ୍ମ ନେଇ ମଣିଷ ଯାଆନ୍ତି ? ଯିଏ ଦେଖିବ ସିଏ ଭାବିବ ଶଳା ମାଳିସାହିରୁ ସିଧା ଧରିକି ଆସିଛି ।

ତଥାପି ଯେତେ ନିଜକୁ ମନାକଲେବି ବିନୟ ନିଜକୁ ପଚାରିଲା, ସତରେ ତାର କଣ ଇଚ୍ଛା ନଥିଲା ବାସନ୍ତୀ ସାଙ୍ଗରେ ଫଲ୍ମ ହଲ୍‌ରେ ଅନ୍ଧାରରେ ତିନିଘଣ୍ଟା ବସିବାକୁ ?

ଇଚ୍ଛା ଥିଲା ।

ସେ ଗଲାନି । ଜାଣି ଜାଣି ।'

ଭଣଜା ପାଇଁ ପ୍ୟାଣ୍ଟସାର୍ଟ ବସ୍‌ରେ ଗାଁକୁ ପଠେଇବ ବୋଲି କି ଟି.ଭି. ମେକାନିକ୍‌କୁ ଡ଼ାକିବ ବୋଲି ନୁହେଁ । ଏମିତି ମନା କରିଦେଲା । ବାସନ୍ତୀ ଭାବୁ ଯେ ବିନୟର କୌଣସି ଦୁର୍ବଳତା ତା ପାଇଁ ତିଆରି ହେଇନି । ଏମିତି ହାତକୁ ହାତ ଟିକେ ବାଜିଯାଇଛି ମାତ୍ର । ଅଜଣାତରେ । ଅନ୍ୟମନସ୍କରେ ।

ଆଉ ତ କିଛି ହେଇନି ।

ଏତିକିରେ କଣ ପ୍ରେମ ହେଇଯାଏ ?

ଏତିକିରେ ବିନୟ ପଟିଗଲା ସେ କାଳୀ ଅସନୀ ଛୋପରୀ ବାସନ୍ତୀକୁ ?

ମିନାକୁ ପଟେଇବାକୁ ବିନୟକୁ ସେତବେଳେ କେତେ କଷ୍ଟ କରିବାକୁ ହେଇଥିଲା । କେତେ ଫନ୍ଦି ଫିକର କରିବାକୁ ହେଇଥିଲା । କେତେ ବୁଲେଇ ବଙ୍କେଇ କଥା କହିବାକୁ ହେଇଥିଲା । କେତେଥର ସାଇକେଲ୍ ପେଲିବାକୁ ହେଇଥିଲା ବଡ଼ବଳଙ୍ଗ ଗାଁକୁ । କେତେ

Source: Author, Digitized by PPRACHIN, SOA

ମିଛ ଖବର ନେଇ ଯିବାକୁ ହେଇଥିଲା ମଉସାଙ୍କ ଘରକୁ ।

କଣନା ମାଗଣା ମାଗଣା ପ୍ରେମ ହେଇଗଲା । ଧୁତ୍....

ତଥାପି ସେଉଠୁ ଫେରିଲା ପରଠୁ ଅନ୍ୟମନସ୍କ ଅନ୍ୟମନସ୍କ ଲାଗୁଛି । ଧପ୍ ଧପ୍ କରୁଛି ଛାତି । ଲାଗୁଛି ଖୁବ୍ ପାଖରେ କୋଉଠି ଅଜଣା ଫୁଲଗଛଟେ ଲାଗିଛି । ପ୍ରତି ମୁହୂର୍ତ୍ତରେ ନାକରେ ବାଜୁଛି ଅଜଣା ମନମତାଣିଆ ବାସ୍ନା । କଅଁଳିଆ ମୁଲାୟକ ବାସ୍ନା ।

ବାସନ୍ତୀ କଥା ଅଜଣାତରେ ଏତେ ଭାବୁଥିବାରୁ ପୁଣି ବିନୟ ଚିଡ଼ିଗଲା । ଜବରଦସ୍ତ ମନେ ପକେଇଲା ମିନାକୁ । ତା'ଛୋଟ ଇ.ବି. ଭଡ଼ାଘରେ ମିନାକୁ ଆଣି ଦାଣ୍ଡବାରି ଚଳେଇଲା । ଯାଉଣୁ ଆସୁଣୁ ମନେମନେ ଭିଡ଼ିଧରିଲା ମିନାକୁ ।

ହେଲେ ମିନା ଖସିଯାଉଛି କୋଉ ଛଟକରେ । ଭଲରେ ମନେପଡୁନି ମିନାର ମୁହଁ । ସବୁ ଝାପ୍‌ସା ଝାପ୍‌ସା ହେଇଯାଉଛି । ହାତ, ଗୋଡ଼, ଦିହ, ଶାଢ଼ୀ, ପାଉଞ୍ଜି, କାଚ, ଶଂଖା ସବୁଠିକ୍ ରହୁଛି ହେଲେ ମିନା ମୁହଁ ପାଖରେ ଆଉ ଜଣଙ୍କ ମୁହଁ ଦିଶୁଛି । ସେଇ ମୁହଁଟା କେବଳ ମନେପଡୁଛି ଏବେ ।

ବିନୟକୁ ସେଇ ମୁହଁଟା ଏବେ ଭଲ ଲାଗୁଛି । ଘଡ଼ିଏ ସେ ଆଖି ପୁରେଇ ଦେଖୁଛି । ଆଖି ନାକ ପାଟି ଭୂଲତାକୁ । ହାତମାରି ଟିକେ ଟିକେ ଛୁଉଁଛି ସେ ସବୁକୁ ।

ପୁଣି ଚିଡ଼ିଯାଉଛି ।

ପୁଣି ମନେପକଉଛି ମିନା....ମିନା କାହିଁ ?

ସତରେ ଛୋଟରାୟ ସତ କହୁଥିଲା । ବାସନ୍ତୀ ଗୋଟେ ଦାରୀ କିସମର ଝିଅ ? ବାରବୁଲୀ ଛତରୀ ? ସତକୁହେ ଛୋଟରାୟ ? ସତରେ ପଚାଶ ଲୋକଙ୍କ ଝାଳୁଆ ଦିହ ନେସି ହେଇଛି ବାସନ୍ତୀ ଦେହରେ ?

ଆଉ ଶେଷରେ ସେବି ସେଇ ନର୍କରେ ନଟର ପଟର ହବ ?

ହେଲେ କ୍ଷତି କଣ ? କିଏ ଜାଣୁଛି ? କାହାଠି ଖବର ଅଛି ଏଠି ସେ କା ସାଙ୍ଗରେ ଶୋଉଛି,କି ବସୁଛି ? କିଏ ଦେଖୁଛି କାହାକୁ ?

ମିନାକୁ ବାହାହବା ଆଗରୁ ବାହାପରେ ସେ କଣ ଦଶଥର ମାଳିସାହି ଯାଇନି ? ଦଶ ପ୍ରକାର କଷି ପାକଳ କରି ଦିହ ଦେଖିନି ? ହେଲେ ବାସନ୍ତୀଟା ମାଳିସାହି ମାଲ୍‌ଠାରୁ ବି ପଚରୀ । ଦିଇ ଟଙ୍କାକୁବି କେହି ପଚାରିବେନି ଛୋପରୀକୁ ।

ଛୋଟରାୟଟା ନାଲାୟକ୍ । ହାରାମୀ । ସଇତାନ୍ । ବାସନ୍ତୀ ନାଁରେ ବଦନାମ୍ କରୁଛି । ବାସନ୍ତୀ ସେମିତିକା ନୁହେଁ । ଦେଖିବାକୁ ଅସୁନ୍ଦରୀ ହେଲାବୋଲି ବେଧେଇ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ହେଇଗଲା ? ୟାପ ନିଜ ଝିଅପାଇଁ ବାର ଆଖଡ଼ା ନଗେଇଥିବେ । କ'ଣନା ବାସନ୍ତୀଟା ବେଧେଇ ।

ଛୋଟରାୟ ଦେଖିଛି ଆଖିରେ ?

ବିନୟକୁ ଦେଖେଇ ଦେଇ ପାରିବ ?

ବାସନ୍ତୀ ବୋଉ ମାଉସୀ କେତେ ଭଲ ଲୋକ । ଖାଲି ଗେହ୍ଲାକରି ବିଗାଡ଼ି ଦେଇଛନ୍ତି ଝିଅକୁ । ତାଙ୍କର କଣ ପଇସା ଅଭାବ ଝିଅ ଦିହ ବିକି ଚଳିବେ ।

ନା । ମନମାନୁନି ବିନୟର । ମନ ବୁଝୁନି । ବାସନ୍ତୀ ଭଲ ନୁହେଁ ବୋଧେ । ବାସନ୍ତୀ କଣ ଭଲଝିଅ ପରି ଦିଶେ ? ତା କଥାବାର୍ତ୍ତା ଚାଲିଚଳନ ଭଲଝିଅ ପରି ଲାଗେ ?

ମୋଟେ ନୁହଁ ।

ଭଲଝିଅ ଏମିତି ହୁଅନ୍ତିନି ।

ଆଦୌ ହୁଅନ୍ତିନି......

ତେବେ ଭଲଝିଅ କେମିତି ହୁଅନ୍ତି ?

ମିନା ପରି ହୁଅନ୍ତି । ମିନା ଭଲ । ଖୁବ୍ ଭଲ । ସେ ମିନାକୁ ଛାଡ଼ିପାରିବନି । କ'ଣ ହେଇଗଲା ସୋଉଠୁ ମିନା ପିଲାଜନ୍ମ କରିନି । ଦୁନିଆରେ ପୁଣି କେତେ ଲୋକଙ୍କର ପିଲା ଜନ୍ମିଲା ନାହିଁ । ସେମାନେ କଣ ଭାସିଯାଉଛନ୍ତି ସଂସାରରୁ । ସେ ମିନାକୁ ଭଲପାଏ । ଏଯାଏଁ ଡ଼ାକ୍ତରଙ୍କ ଫାଇନାଲ୍ ରିପୋର୍ଟ ମିନାକୁ ଦେଖେଇନି । କାଳେ ମିନାକୁ କଷ୍ଟ ହେବ ବୋଲି । ମିନାକୁ କହିପାରିନି ଯେ ସେ କେବେବି ମା' ହେଇପାରିବନି । ଯେତେ ଗୁଣି ଗାରେଡ଼ି, ହୁକୁମ୍, ପରେହି ପଡ଼ିଲେବି ସେ ନିଜକୁବି କହିପାରିନି ଏତିକି । ଚିରି ଫୋପାଡ଼ି ଦେଇଛି ସେ ରିପୋର୍ଟ ।

ପୁଣି ଡ଼ାକ୍ତରଖାନା ଯାଉଛି । ହୁକୁମ୍ ଯାଇଛି । ଠାକୁରଙ୍କୁ ଭୋଗ ଯାଚିଛି । ସେ ମିନାକୁ ଖୁବ୍ ଖୁବ୍ ଖୁବ୍ ଭଲପାଏ । ସେ ମିନାକୁ ଭୁଲିପାରିବନି ।

ବିନୟ ଗୁଣୁ ଗୁଣେଇ ଏତକ କହିଲା ନିଜକୁ ଶୁଣିଲା ପରି ।

କାଲି ପୁଣି ଅଫିସ୍ ଯିବାକୁ ହେବ ।

କାଲି ପୁଣି ଦେଖାହେବ ବାସନ୍ତୀ ସାଙ୍ଗରେ ।

ବିନୟର ପୁଣି ବାସନ୍ତୀ ଆଖି ଆଗକୁ ପଳେଇ ଆସିଲା । ପୁଣି ଦିଶିଲା ବାସନ୍ତୀ ମୁହଁ ଆଖି ନାକ ପାଟି । ପୁଣି ଦିଶିଲା ହାଲ୍କା ବାଇଗଣୀ ରଂଗର ଶାଢ଼ୀ । ବିନୟ ପୁଣି ହାତରେ ବାସନ୍ତୀ ପାଇଁ କିଛି ମୁହୂର୍ତ୍ତ ତିଆରି କଲା ।

Source: Author, Digitized by PPRACHIN, SOA

ବାସନ୍ତୀ ଅସୁନ୍ଦର । ସମସ୍ତେ କହିବେ । ବିନୟ ବି କହୁଛି । ତଥାପି କିଛି ଗୋଟେ ଅଲଗା । କଣଟେ ଅଲଗା ବିନୟ ଧରିପାରୁନି । ଲାଗୁଛି ସେ ଜାଣିଛି । ତଥାପି ବୁଝେଇ ହଉନି । ବାହାର କାହାକୁ ନୁହେଁ ନିଜକୁ ବୁଝେଇ ହଉନି ପ୍ରକୃତରେ ବାସନ୍ତୀ ତାକୁ ଖରାପ ଲାଗୁଛି, ଘୃଣା ଲାଗୁଛି, ବିରକ୍ତିଆ ଲାଗୁଛି ନା ଭଲ ଲାଗୁଛି, ନିଜର ନିଜର ଲାଗୁଛି, ଆପଣାର ଲାଗୁଛି ?

ନା ସେ ଜାଣିପାରୁନି କିଛି ।

ବିନୟ ଛାତ ପଂଖାକୁ ଚାହିଁଲା । ଫ୍ୟାନ୍ ଖୁବ୍ ଧିରେ ଘୁରୁଛି । ବିନୟ ଗଣିଲା କଳା ଦାଗଥିବା ବ୍ଲେଡ୍ ତା ଆଡ଼କୁ କେତେଥର ଆସୁଛି ।

ଆଚ୍ଛା ଆର ରବିବାରକୁ ବାସନ୍ତୀକୁ ତା ବସାକୁ ଡ଼ାକିଲେ କେମିତି ହୁଅନ୍ତା ?

ରବିବାରଟା ଆସିବାକୁ କେତେଦିନ ଲାଗେ ?

ବାସନ୍ତୀ ତା ବସାକୁ ଆସିବ ବୋଲି ହଁ କଲାପରେ ବିନୟର ଦିନ ସରୁନି । ଗୋଟେ ଦିନ ସରିବାକୁ ଚବିଶି ଘଣ୍ଟା ଲାଗେ ପରା । ବିନୟକୁ କିନ୍ତୁ ଲାଗୁଛି ମିନିଟ୍ କଣ୍ଟା ଘଣ୍ଟାକଣ୍ଟା ଏତେ ଧିରେ ଚାଲୁଛନ୍ତି ଯେ ଯେମିତି ଦିନଗୁଡା ଚବିଶି ନୁହେଁ ଆଜିକାଲି ଚବିଶି ଘଣ୍ଟା ହେଇଗଲାଣି ।

ତା ବସାକୁ ରବିବାରରେ ଆସିବାକୁ ବିନୟ ପ୍ରସ୍ତାବ ଦେଲାପରେ ବାସନ୍ତୀ ଫାଜିଲିଆ ହସ ଖଣ୍ଡେ ହସିଥିଲା । ଯାହାର ଅର୍ଥ ବିନୟ କରିଥିଲା -

ଏତେ ବ୍ୟସ୍ତ କାହିଁକି ? ମୁଁ ଜାଣିଥିଲି ତମେ ମୋତେ ଛୁଟିଦିନ ଦେଖି ତମ ଘରକୁ ନିଶ୍ଚୟ ଡ଼ାକିବ । ତମ ସତିଆପଣ ମୁଁ ଜାଣିଛି ।

ସତରେ ଏମିତି ଭାବୁଥିବ ବାସନ୍ତୀ ?

ଭାବୁଥାଉ.....

ସକାଳୁ ଆଜି କାମ ସରୁନି । ହଁ କରିବ ହଁ କରିବ ହେଇ ସବୁ ବାକି ପଡ଼ିଥିଲା । ସକାଳୁ ଆଜି ରୋଷେଇ ଘର ଶୋଇବା ଘର ଝାଡୁମାରି ଅଳନ୍ଧୁ ସଫା କରିଛି । ଲାବ୍ରିନ୍‌ରେ

Source: Author, Digitized by PPRACHIN, SOA

ଫିନାଇଲ୍ ପକେଇଛି । ବ୍ରସ୍ ମାରି ସଫା କରିଛି । ସଫା ବେଡ୍‌ସିଟ୍ ଗୋଟେ ପାରିଛି ବେଡ୍‌ରେ । ବାସନ୍ତୀକୁ ରୋଷେଇ ଆସେନି ତ ରୋଷେଇ ବି କରି ଦେଇଛି ।

ସକାଳୁ ବି ଦେଖୁନ ଘଣ୍ଟାଟା ମଠେଇ ମଠେଇ ଚାଲିଛି । ବିନୟକୁ କେବଳ ଡ଼ରମାଡୁଛି କଲୋନୀ ମାଇକିନାଙ୍କୁ । ଝରକା ପରଦା ଆଡ଼େଇ ଖାଲୀଏ ଅନେଇବେ । ଆଏଁ ଏ ଝିଅ କିଏ ? ବିନୟ ବାବୁଙ୍କ ଭଉଣୀକି ସ୍ତ୍ରୀ ତ ନୁହଁ ।

ଓଃ...ବାସନ୍ତୀକୁ କହିଥିଲେ ୧୧ ବେଳକୁ ଆସିଥାନ୍ତା । ବିନୟକୁ ବ୍ୟସ୍ତ ଲାଗିଲା । ୧୧ ବେଳକୁ ଆସିଥିଲେ ସେତବେଳକୁ କଲୋନି ଦାଣ୍ଡରେ କେହି ନଥାନ୍ତେ । ଘରେ ପଶି ଟି.ଭି. ଦେଖୁଥାନ୍ତେ ନହେଲେ ଛୁଟିଦିନଟାରେ ଆଉ ଯାହା ହଉଥାନ୍ତେ ।

କଲିଂବେଲ୍ ବାଜିଲା ।

ଧକ୍ କଲା ବିନୟର ଛାତି । ସକାଳୁତ ଏମ୍ତି ଲାଗୁଛି । ଯଦି ଗାଁରୁ କିଏ ଆସିଗଲେ ତ କଥା ସରିଲା । ବିନୟ କବାଟ ଖୋଲିଲା ।

ମାହାଲିବାବୁଙ୍କ ଶଳା ।

ବିନୟ ଡ଼ରିଗଲା ଯାପ ଏଇନେ ଘଣ୍ଟାଏ ବସି ବସି ଭଡ଼ର ଭଡ଼ର ହେବ । ଶଳାର ଏତିକି ବେଳକୁ ଆସିବାର ଥିଲା । ନାଇଁ ପ୍ଲାସ୍ ଫେରେଇବାକୁ ଆସିଛି । ଗଲା ରାତିରେ ନେଇଥିଲା ।

ଓହୋ.....ମଣିଷ ରକ୍ଷା ପାଇଗଲା ।

ଧଡ଼୍ କରି କବାଟ ବନ୍ଦ କଲା ବିନୟ ।

ବାସନ୍ତୀ କାହିଁ ?

ଆସିବନିକି ?

ବାସନ୍ତୀ କଣ ଭାବୁଛି ସେ ତାକୁ ପ୍ରେମ କରୁଛି ? ପୁରା ଫସିଗଲାଣି ତା ପ୍ରେମରେ ? ଖାଲୀ କୋଉ ସାହସରେ ଏକୁଟିଆ ଗୋଟେ ପୁରୁଷ ରହୁଥିବା ଘରକୁ ଆସିବ ବୋଲି ହଁ କଲା ? ଟୋକୀର ଦୋଷ ଅଛି ନା ନାହିଁ ?

ସେ ଏବେ ଏକୁଟିଆ । ଘରେ କେହି ନାହାନ୍ତି । ବାସନ୍ତୀ ଆସିବ । ଘରେ କେହିନାହାନ୍ତି ।

ଆଃ....ବିନୟକୁ ଉତ୍ତେଜିତ ଲାଗୁଛି ।

ପେଟ ଭିତରେ ମୋଡ଼ି ମୋଡ଼ି ଲାଗୁଛି ।

ପୁଣି କଲିଂବେଲ୍ ବାଜିଲା । ପୁଣି ଧକ୍ କଲା ବିନୟର ଛାତି । ବିନୟ କବାଟ

Source: Author, Digitized by PPRACHIN, SOA

ଖୋଲିଲା ।

ବାସନ୍ତୀ-

ସେଇ ବାଇଗଣୀ ଶାଢ଼ୀ ପିନ୍ଧିଛି । ମ୍ୟାଚ୍ କରି ବ୍ଲାଉଜ୍ ପିନ୍ଧିଛି । ବ୍ଲିଚିଂ କରିଛିକି କଣ ସଫା ଦେଖାଯାଉଛି ମୁହଁ । ବିନୟ ବାସନ୍ତୀକୁ ଘର ଭିତରକୁ ଡ଼ାକି ମିଛି ମିଛି ବାହାରକୁ ଗଲା । ନା ବାହାରେ କେହି ନାହାନ୍ତି । ଦି ତିନିଟା ପିଲା ବାଲିରେ ଖେଳୁଛନ୍ତି ।

ବାସନ୍ତୀ ବସିଛି ବିନୟ ଖଟ ଉପରେ । ଟେକୋ ପାରି । ମୁର୍କି ମୁର୍କି ହସୁଛି । ବିନୟକୁ କିନ୍ତୁ ନର୍ଭସ ଲାଗୁଛି । ଝାଳ ବହୁଛି ଦିହରୁ । କାହିଁକି କେଜାଣି ଡ଼ର ଡ଼ର ଲାଗୁଛି । ବାସନ୍ତୀକୁ ନ ଡ଼ାକିଥିଲେ ଭଲ ହେଇଥାନ୍ତା ବୋଲି ବି ବିନୟ ଭାବୁଛି । କାହିଁକି ଡ଼ାକିଲା ବୋଲି ନିଜ ଉପରେ ରାଗବି ଲାଗୁଛି ।

-ମୋ ପାଇଁ କଣ ରାନ୍ଧିଛନ୍ତି ନା କେବଳ ଖାଇବାକୁ ଡ଼ାକିଦେଇ ଖାଲି ପେଟରେ ଫେରେଇଦେବେ ? ବାସନ୍ତୀ କଥା ଆରମ୍ଭ କଲା ।

-ରାନ୍ଧିନି । ପରିବାପତ୍ର ଅଛି । ତମେ ରାନ୍ଧିବ ବୋଲି ଅପେକ୍ଷା କରିଛି । ବିନୟ ହସିକି କହିଲା ।

ମୋତେ ରୋଷେଇ ଭଲ ଆସେନି । ଆଚ୍ଛା ହଉ ଆଜି ଏକ୍ସପେରିମେଣ୍ଟ କରିବା । ଖରାପ ହେଲେ କହିବେନି । ହଉ ଚାଲନ୍ତୁ, ପରିବା କାଟିଛନ୍ତି ନା ନାହିଁ ?....ବାସନ୍ତୀ ଖଟରୁ ଉଠୁ ଉଠୁ କହିଲା ।

ମୁଁ ରୋଷେଇ କରିସାରିଛି । ତମକୁ କଷ୍ଟ କରିବାକୁ ହେବନି କହି ବିନୟ ଅଟକେଇଲା ବାସନ୍ତୀକୁ । ଅଟକେଇବାରେ ବିନୟ ଧରିପକେଇଲା ବାସନ୍ତୀର ହାତକୁ ।

ଅଟକି ଗଲା ବାସନ୍ତୀ ।

ଘଡ଼ିକ ଆଗରୁ ଅଣ୍ଡିରି ପରି ହଉଥିବା ବାସନ୍ତୀ ହଠାତ୍ ନରମ ହେଇଗଲା । ତଳକୁ ମୁହଁ ପୋତିଦେଲା । ଆଉକି ଛିଡ଼ାହେଲା ଖଟବାଡ଼କୁ । ଆଉ ବସିଲାନି ବାସନ୍ତୀ । ବସିପାରିଲାନି ଖଟରେ ।

ବିନୟ ଛାଡ଼ିପାରିଲାନି ବାସନ୍ତୀ ହାତକୁ ।

ଖଟରେ ବସିବାକୁ ଟାଣିଲା ବିନୟ ।

ବାସନ୍ତୀ ଆସ୍ତେ ଆସ୍ତେ ବସିଲା ଖଟରେ । ନୀରିହ ଭାବରେ ଚାହିଁଲା ବିନୟକୁ । ବିନୟ ଚିହ୍ନିପାରିଲାନି ଇଏ କଣ ବାସନ୍ତୀ ? ଏତେ ସରଳ ଏତେ ନୀରିହ ?

ବାସନ୍ତୀକୁ ଆହୁରି ଆହୁରି ପାଖକୁ ଟାଣିଲା ବିନୟ ।

Source: Author, Digitized by PPRACHIN, SOA

ବାସନ୍ତୀ ଆଉଜିଗଲା ବିନୟ ଉପରକୁ ।

ସେମିତି ବିନୟକୁ ଆଉଜି ବିନୟ କାନ୍ଧରେ ମୁଣ୍ଡରଖି ବାସନ୍ତୀ ଧୀରେ କହିଲା ।

-ଉହୁଁ.....ଝରକା ସବୁ ଖୋଲା ଅଛି.......

:

ବାସନ୍ତୀ ବାଥ୍‌ରୁମ୍ ଯାଇଛି । ଧୋଇହବାକୁ ।

ବିନୟ ସିଗାରେଟ୍‌ଟେ ଲଗେଇଲା । ଖଟରୁ ଉଠି ବାଡ଼ାକୁ ଆଉଜି ଆରାମ୍‌ରେ ବସିଲା ।

ଖଟର ବେଡ୍‌ସିଟ୍ ମକ୍‌ଚି ଯାଇଛି ।

ଗୋଟା କଣକୁ ବାସନ୍ତୀର କଳା ବ୍ରା ଆଉ ଗାଢ଼ ବାଇଗଣି ରଂଗର ବ୍ଲାଉଜ୍, ମାଟିଆ ରଂଗର ପ୍ୟାଣ୍ଟି ପଡ଼ିଛି । ବିନୟ ଗୋଡ଼ ଲମ୍ବେଇ ଗୋଡ଼ ଆଙ୍ଗୁଠିରେ ବ୍ରା ଆଉ ପ୍ୟାଣ୍ଟିକୁ ପାଖକୁ ଆଣିଲା । ହାତରେ ଧରିଲା । ପ୍ୟାଣ୍ଟିର ଇଲାଷ୍ଟିକ୍‌କୁ ଟାଣିଲା ।

ବ୍ରା'ଟା ଝାଳୁଆ ଗମରିଆ ଗନ୍ଧଉଛି ।

ବିନୟ ସେଗୁଡ଼ାକୁ ପୁଣି ଫୋପାଡ଼ିଦେଲା ଗୋଡ଼ ଆଡ଼କୁ । ବିନୟକୁ ଖୁବ୍ ଆରାମ ଲାଗୁଥିଲା । ଗୁଣୁଗୁଣେଇ ଗୀତ ଗାଇବାକୁ ଇଚ୍ଛା ହେଉଥିଲା । ମୀନା ଦେଇ କାର୍ଯ୍ୟ ନୁହେଁ । ଶଳା କାଠଗଣ୍ଡି ଭଳିଆ ପଡ଼ିଥିବ । ମିନା ସାଂଗରେ ମଜା ଆସେନି । ଯାହା ହେଲେବି ବାସନ୍ତୀକୁ କାଇଦା ମାଲୁମ୍ ଅଛି ।

ଛୋଟରାୟଟା ବୋଧେ ସତ କହୁଥିଲା । କାମ ବେଳେ କିଛି ଅସୁବିଧା ହେଲାନି । ଶାଳୀ କଁ କାଁ ବି ହେଲାନି । ଆଗରୁ ଅଭ୍ୟାସ ଅଛି ନହେଲେ ଏତେ ସହଜରେ....

ବାସନ୍ତୀ ଆସିଲା । ବିନୟ ଆଗରେ ସେଇଠି ସବୁ ପିନ୍ଧିଲା । ହସିଲା ବିନୟକୁ ଚାହିଁ ।

ଟୋକୀଟାର ଲାଜ ସରମ ବୋଲି କିଛି ନାହିଁ । ମାଳିସାହି ଦାରୀ ଠିକ୍ ଏମିତି ହୁଅନ୍ତି । ଧାଇଟି ସରିଲା ପରେ ଏମିତି ତମ ଆଗରେ ସହଜରେ ପୋଷାକ ପିନ୍ଧିବେ । କଥା ହଉଥିବେ ଥଟ୍ଟା ହଉଥିବେ । ତମେବି ଜାଣି ନଥିବା କହୁନଥିବା ଅର୍ବଜ୍ୟା କଥା କହିବେ ।

Source: Author, Digitized by PPRACHIN, SOA

ମିଣିପି ଗାଳି ଦେବେ ।

ବାସନ୍ତୀ ଶାଢ଼ୀ ସାଇଜ୍ କରି ପୁଣି ଗୁଞ୍ଜିହେଲା ବିନୟ ପାଖରେ । ବିନୟର ଇଚ୍ଛା ହେଉଥାଏ ଏକା ଗୋଇଠାକରେ ଗଡେଇ ପକାନ୍ତି ଶାଳୀକୁ ଖଟ ତଳକୁ ।

ହେଲେ ବିନୟ ସେମ୍ତି କିଛି କରୁନଥାଏ ।

ତା ଉପରେ ଦରଶୁଆ ବାସନ୍ତୀର ମୁଣ୍ଡକୁ ସାଉଁଳୁଥାଏ ।

ତା ପିଠରେ ହାତ ବୁଲଉଥାଏ । ତା ପାପୁଲି ଆଣି ନିଜ ଗାଲରେ ଘଷୁଥାଏ । କିସ୍ ଦଉଥାଏ । ବାସନ୍ତୀ ତା ସାର୍ଟ ଛାତି ବଟମ୍ ସାଙ୍ଗରେ ଖେଳୁଥାଏ । ବାସନ୍ତୀ ମୁଣ୍ଡ ଆଜି ସାଂପୁ କରିଛି ବୋଧେ । ସାଂପୁ ବାସ୍ନା ନାକରେ ବାଜୁଛି । ବାସନ୍ତୀ ମୁଣ୍ଡରେ ଉକୁଣୀ ଅଛି । ମଲା ଉକୁଣୀ ଅଣ୍ଡାଗୁଡ଼ା ବାଳରେ ଲାଗିଛି । ମିନା ମୁଣ୍ଡରେବି ଉକୁଣୀ । ତା ପାଖରେ ଦିନେ ଶୋଇଲେ ତା ପରଦିନ ବିନୟ ମୁଣ୍ଡ କୁଣ୍ଡେଇଲା ବେଳକୁ ପାନିଆରେ ଉକୁଣୀ ଆସନ୍ତି ।

ଏଇ ଠିକ୍‌ରେ ଖିଆ ପିଆ କରୁଚ ନା ?

ବାସନ୍ତୀ ସେମ୍ତି ବିନୟ ଉପରେ ଶୋଇ କହିଲା ।

ବିନୟ କିଛି କହିଲାନି । କେବଳ ବାସନ୍ତୀର ଗାଲକୁ ଚିପିଦେଲା ଥରେ ।

ବାସନ୍ତୀ ପୁଣି ଦୋହରେଇଲା ତା କଥା ।

ବିନୟ ବାସନ୍ତୀର ମୁଣ୍ଡଟେକି ତା ମୁହଁ ଆଡ଼କୁ କଲା । ବାସନ୍ତୀ ମୁହଁକୁ ଚାହିଁ ମୁରୁକି ହସି କହିଲା

-ତମେ ଆସୁନ । ଠିକ୍‌ରେ ରୋଷେଇ କରି ଦବ । ବାସନ୍ତୀ ପୁଣି ଶୋଇପଡ଼ିଲା ବିନୟ ଛାତିରେ । ବିନୟ ହାତ ଆଙ୍ଗୁଠିରେ ତା ଆଙ୍ଗୁଠି ଛନ୍ଦୁ ଛନ୍ଦୁ ଗୁଣୁଗୁଣେଇ କହିଲା -

-ମୁଁ ଜାଣିଛି ଆପଣ ମୋତେ ପସନ୍ଦ କରନ୍ତି ନାହିଁ । ମୁଁ କାଳୀ ଅସୁନ୍ଦରୀ ମୋଟୀ । ଆପଣଙ୍କୁ ମୋଠୁଁ ଆହୁରି ବହୁତ ସୁନ୍ଦରୀ ଝିଅ ମିଳିବେ । ମୁଁ ଜାଣିଛି ଆପଣ ମୋ ନାଁରେ ବାରକଥା ଶୁଣିଛନ୍ତି । ଛୋଟରାୟ ନିଶ୍ଚୟ ଗପିଥିବ । ସେଇଟା ହାରାମିଟେ । ମୋ ହାତକୁ ଥରେ ଅଫିସ୍‌ରେ କେହି ନଥିଲା ବେଳ ଧରିପକେଇଥିଲା । ଥାପ୍‌ପଡଟେ ପକେଇଥିଲି । ସେଇଦିନୁ ମୋ ବିରୁଦ୍ଧରେ ବୁଲି ବୁଲି ଗପୁଛି । ସେଠି କେହି କାହାକୁ କମ୍ ନୁହଁନ୍ତି । ସେ ପୋଡ଼ାମୁହାଁ ମାଲିକ ବୁଢ଼ା ହେଲାଣି ମୋତେ ସବୁବେଳେ ଖାଇଗଲା ଭଳିଆ ଚାହେଁ । ବାସନ୍ତୀ ଟିକେ ଚୁପ୍ ରହିଲା । ମୁଣ୍ଡଟେକି ବିନୟକୁ ଟିକେ ଚାହିଁଲା, ପୁଣି ଶୋଇ ଗପିଲା ।

ଚାକିରୀ ନକଲେ ମୋର ଅସୁବିଧା ନାହିଁ । କେବଳ ଟାଇମ୍‌ପାସ୍ ପାଇଁ । ଯେତେବେଳେ ଇଚ୍ଛାହେବ ଛାଡ଼ିଦେବି । ଏବେତ ଭାବିଥିଲି ଛାଡ଼ିଦେବି । ଆଉ ଭଲଲାଗୁନି

Source: Author, Digitized by PPRACHIN, SOA

ସେ ପରିବେଶ । ଯୋଗକୁ ଆପଣ ଆସିଗଲେ । କାହିଁକି କେଜାଣି ଆପଣ ଭଲଲାଗିଲେ । ସତ କହୁଛି ପ୍ରଥମରୁ ଏମିତି କିଛି ଭାବି ନଥିଲି ଆପଣଙ୍କୁ ନେଇ । ଭାବିଥିଲି ଆପଣ ମୋର ଭଲ ସାଂଗଟେ ହେବେ । ଯାହାକୁ ମୁଁ ମୋ ସବୁ ମନ କଥା କହିପାରିବି । ଦୁଃଖ ସୁଖ ବାଣ୍ଟିପାରିବି ।

ହେଲେ ଦେଖ ଆମେ କୋଉଠି ଆସି ପହଁଚିଲେ । ବାସନ୍ତୀ ଦୀର୍ଘଶ୍ୱାସ ମିଶେଇ କହିଲା ।

ପୁଣି ଚୁପ୍ ।

କେହି କାହାରିକୁ କିଛି କହିଲେନି । ବାସନ୍ତୀ ସେମିତି ଲେପ୍‌ଟେଇ ରହିଲା ବିନୟ ଉପରେ । ବିନୟ ସେମିତି ହାତ ବୁଲେଇଲା ବାସନ୍ତୀ ପିଠିରେ ।

ହଠାତ୍ ବାସନ୍ତୀ ବସିପଡ଼ିଲା । ବିନୟର ଦିଇ ଖୁଆକୁ ଧରି ଥରେ ଝୁଲେଇଦେଇ କହିଲା -

-ବିନୟବାବୁ ମୋତେ ବାହାହେଇ ପାରିବେ । ମୁଁ କିଛି ଅସୁବିଧା କରିବିନି ଆପଣଙ୍କର । ମୋ ବୋଉ ପାଖରେ ମୁଁ ରହିବି । ଆପଣ ମୋତେ ପାଖରେ ରଖିନପାରିନ୍ତି । ଏ କାଳୀ ଅସୁନ୍ଦରୀ ଆପଣଙ୍କର ସ୍ତ୍ରୀ ବୋଲି କାହାକୁ କହିନପାରନ୍ତି । ଭବିଷ୍ୟତରେ କିଛି ବୋଲି କିଛିପାଇଁ ମୁଁ ଆପଣଙ୍କୁ ବାଧ କରିବିନି । ଆପଣ ଆପଣଙ୍କ ଇଚ୍ଛାରେ ଯେମିତି ଜୀବନ ଚାହିଁବେ ବଂଚିବେ । ଆପଣଙ୍କ କୌଣସି କାମ ଉପରେ ପଦୁଟିଏ କଥାବି କହିବିନି । ଟିକେ ରହି ବାସନ୍ତୀ ପୁଣି କହିଲା - ମୋର ବାହାହବାକୁ ଇଚ୍ଛାନାହିଁ । କେବଳ ମୋ ବୋଉ ପାଇଁ । ମଲାବେଳକୁ ସେ ଅନ୍ତତଃ ଶାନ୍ତିରେ ମରୁଯେ ତା ଝିଅ ତା ଅନ୍ତେ ଅନାଥ ହେଇଯାଇନି କି ତା ପାଇଁ ଆଉ ଜଣେ କିଏ ଅଛି । ଏତେବର୍ଷ ହେଲାଣି ଏଣୁତେଣୁ କହି ତାକୁ ଭୁଲେଇ ଆସୁଥିଲି । ଏବେ ସେ ଭାବୁଛି ମୁଁ ଆପଣଙ୍କୁ ପସନ୍ଦ କରିଛି । ଆପଣବି ମୋତେ ପସନ୍ଦ କରିଛନ୍ତି । ଏବେ ସେ ତା ଝିଅ ବାହାଘରର ଚିଠା ତିଆରି କଲାଣି । ଆଉ ସାହସ ହେଉନି ତା ବିଶ୍ୱାସକୁ ଭାଙ୍ଗିଦେବାକୁ ।

ଆପଣ ଭଲକି ଚିନ୍ତା କରନ୍ତୁ - ମୁଁ ବାଧ କରୁନି । ତାପରେ ଆପଣଙ୍କ ଇଚ୍ଛା ।

ବାସନ୍ତୀ ବିନୟକୁ ଛାଡ଼ିଦେଲା । ବିନୟ ଛାତିରେ ତା ମୁଣ୍ଡରୁ ଖସିଥିବା କେଇଟା ବାଳକୁ ଉଠେଇ ତଳେ ପକେଇଦେଲା । ଖୋଲିଯାଇଥିବା ବିନୟ ସାର୍ଟର ଛାତି ବଟମ୍ ଦେଲା ।

ପୁଣି ହଠାତ୍ ବଦଳିଗଲା ବାସନ୍ତୀ । ପୁଣି ଅଣ୍ଡିରାଚଣ୍ଡି । ଫେଁ ଫେଁଇଆ । ବିନୟକୁ

Source: Author, Digitized by PPRACHIN, SOA

କହିଲା ମୁଁ ଆସୁଛି । କାଲି ଅଫିସ୍‌ରେ ଦେଖାହେବ । ବାସନ୍ତୀ ଟେବୁଲ୍ ଉପରୁ ତା ଭ୍ୟାନିଟ୍ ଉଠେଇଲା । ଦରଜା ଖୋଲିଲା । ପଛକୁ ଥରୁଟିଏ ଚାହିଁ ବିନୟକୁ ହାତ ହଲେଇ ଟିକେ ହସିଲା ଓ ଚାଲିଗଲା ।

ବିନୟ କାନ ଡେରିଲା, ଦାଣ କବାଟ ଧଡ୍ ହେଲା । ଗେଟ୍ ବି ଟଙ୍ଗ୍ କଲା । ବାସନ୍ତୀ ଚାଲିଗଲା ତେବେ ।

ବିନୟ ତାକୁ ବଳେଇଦବାକୁ ଯାଇପାରିଲାନି । ରୋଷେଇ ହେଇଥିଲା, ଖାଇକିରି ଯା' ବୋଲି ବି କହିପାରିଲାନି । ରିକ୍ସା ଡ଼ାକିପାରିଲାନି କି ଗାନ୍ଧୀଛକଯାଏ ବସ୍‌ରେ ଚଢ଼େଇ ଦେଇ ଆସିପାରିଲାନି ।

ବିନୟ ତା ଛାତିରେ ହାତ ମାରିଲା । ସାର୍ଟକୁ ଭିଡ଼ିଆଣି ଶୁଂଘିଲା । ସାରା ବେଡ୍‌କୁ ଅଣ୍ଡାଳିଲା । ତକିଆଟାକୁ ଛାତିରେ ଜାବୁଡ଼ି ଧରିଲା ।

ଏଁ ମିନା.....

କେତେବେଳୁ ଆସିଲାଣି ?

ସେଇ ନାଲି ଶାଢ଼ୀ ପିନ୍ଧିଛି । ଉଦାସିଆ ମୁହଁ କରିଛି । କାନ୍ଦିବ କାନ୍ଦିବ ହଉଛି । ନାଇଁ ନାଇଁ ମିନା ହସିବ ହସିବ ହଉଛି ।

ବିନୟ ହଠାତ୍ ଜାଣିପାରୁନି ମିନା ହସିବ ନା କାନ୍ଦିବ....

ବିନୟ ପଚାରୁଛି -

-ହଠାତ୍ ମୋତେ ନଜଣେଇ କେମିତି ଆସିଲ ? ଏକା ? ଅସୁବିଧା ହେଲାନିତ ?

ମିନା ବସୁଛି ସେଇଠି ଯୋଉଠି ଟିକକ ଆଗରୁ ବାସନ୍ତୀ ବସିଥିଲା । ସେମିତି ଚେକା ପକେଇ ଅଧା ଆଉଜି ଖଟ ବାଡ଼ାକୁ ।

ବିନୟ ଅପ୍ରସ୍ତୁତ ହୋଇପଡୁଛି ।

ମିନା ଗଂଭୀର ହୋଇ ପଚାରୁଛି ବିନୟକୁ- କଣ ଠକ୍ କଲ ? ଲକ୍ଷ୍ମୀପୁର ହରିସାହାଣୀ ସବୁବେଳେ ଆସୁଛନ୍ତି । ତମେ ମୋ ହାତରେ ଖବର ଦିଅ । ମୁଁ ବୋଉକୁ କହିବି । ସେ ଆଗେଇବେ । ମୁଁ ଗାଁରୁ ଖାଆସେ ସେଇଥିପାଇଁ ଆସିଛି ।

ମିନା ହାତମାରୁଛି ବିନୟ ଦେହରେ । ଦେହ ଖରାପ ଥିଲାକି ବୋଲି ପଚାରୁଛି । ଖାଇବା ପିଇବା ଠିକ୍ ରଖୁନ କି ?

ବିନୟ ଭିଡୁଛି ମିନାକୁ ପାଖକୁ । ମିନା ପାଖେଇ ଆସୁଛି । ମିନାକୁ ଭିଡ଼ି ଧରୁଛି ବିନୟ । କହୁଛି

Source: Author, Digitized by PPRACHIN, SOA

-ନାଁ ମୋର କିଛି ଦରକାର ନାହିଁ । ତମେ ଅଛ । ସେତିକି ଯଥେଷ୍ଟ । ବୋଉ ବୁଢ଼ୀଲୋକ ସେ ଏମ୍‌ତି କହିବ । ରଘୁ ସାହାଣୀ ଆସି ଆସି ବଳେ ରହିଯିବ । ମୋତେ ଏକୁଟିଆ ଏକୁଟିଆ ଲାଗୁଛି । ତମେ ଏଣିକି ଏଇଠି ମୋ ପାଖରେ ରୁହ । ବୋଉକୁ ବି ଆଣିଦବା ।

ମିନା କାନ୍ଦୁଛି ? ସୁଁ ସୁଁ ହେଇ କାନ୍ଦୁଛି । ବିନୟ ବୁଝିପାରୁନି ମିନା ଖୁସିରେ ନାଁ ଦୁଃଖରେ କାନ୍ଦୁଛି ।

ମିନା କାନ୍ଦୁଛି, ବିନୟକୁ ବି କାନ୍ଦ ଲାଗୁଛି ।

ବିନୟର ନିଦ୍ ଭାଙ୍ଗିଗଲା । ସତରେ ସେ କାନ୍ଦୁଛି । ୪ଟା ବାଜିବ କାନ୍ଥ ଘଣ୍ଟାରେ । ଏତେ ଗୁଡ଼ା ସମୟ ସେ ଶୋଇପଡ଼ିଛି । ଭୋକ ବି ଲାଗିଲାଣି ଯୋର୍‌ରେ । ସକାଳୁ ଚା'କପ୍‌ଟେ ଛଡ଼ା କିଛି ଖିଆ ହେଇନି । ତଥାପି ବିଛଣାରୁ ଉଠିବାକୁ ଇଚ୍ଛା ହେଉନି । କ୍ଳାନ୍ତ ଲାଗୁଛି । ଗୋଡ଼ ହାତ ସବୁ ଦରଜ ଲାଗୁଛି ।

ବାସନ୍ତୀ ଗଲାବେଳୁ ସେ ଶୋଇଛି ଏଇଠି ।

ମିନା ଆସିଥିଲା ସ୍ୱପ୍ନରେ । କାଲି ଶନିବାର ଥିଲା । ରାଉଁଯାଏ ଗାଁରେ ମିନା ଅନେଇଥିବ । ବିନୟର ଯିବାର ଥିଲା ହେଲେ ଗଲାନି ଖାଆସେ ବାସନ୍ତୀ ପାଇଁ ।

ଆଜି କଣ ସତରେ ବାସନ୍ତୀ ଆସିଥିଲା ?

ବାସନ୍ତୀକୁ ସେ ମିନା ଭଳିଆ ସ୍ୱପ୍ନରେ ଦେଖିନିତ ?

ବିନୟ ସକାଳୁ ନିଦ ଭାଙ୍ଗିବାଠୁଁ ଆଜି ଦିନମାନଙ୍କର କଥା ମନେପକେଇଲା ଗୋଟି ଗୋଟି । ପ୍ରଥମେ ବିଛଣାରୁ ଉଠି ସେ ପାଣି ପିଇଲା.....ତାପରେ.....

ବିନୟ ଯାହା ଭାବୁଥିଲା ଠିକ୍ ।

ବାସନ୍ତୀ ଆଜି ଅଫିସ୍ ଆସିନି । ଆଉ ହୁଏତ ଆସିବନି ।

ବିନୟ ତା ଚେୟାରରେ ବସିଲା । ଛୋଟରାୟ ପାନ ଚୋବଉଛି । ବଳଦ ଭଳିଆ ପାକୁଳି କରୁଛି । ବିକାଶ ମିଶ୍ର ଆସିନି । ବୁଢ଼ା ବି ନାହିଁ । ଝାରସୁଗୁଡ଼ା ଯାଇଛି । ସେଇଠି

Source: Author, Digitized by PPRACHIN, SOA

କୁଆଡ଼େ ତା ଆଉ ମାଇକିନା ରହୁଛି ।

କାମ କରିବାକୁ ଇଚ୍ଛା ହେଉନି ବିନୟର । ଆଖି ଦାବୁଛି । କାଲି ରାତିରେ ନିଦ ବି ହେଲାନି । ସାରାରାତି ଅଧା ସମୟ ମିନାକୁ ନହେଲେ ବାସନ୍ତୀକୁ ସ୍ୱପ୍ନରେ ଦେଖୁଛି ।

କାଲି ବାସନ୍ତୀ ଏମିତି କାହିଁକି କହିଲା ?

ସତରେ ତାର ବାହାହବାକୁ ଇଚ୍ଛା ନାହିଁ ? ଖାଲି ବୋଉ ପାଇଁ ତାର ବାହାହବା କଥା ? ଯଦି ବାହାହବ ଯାହାକୁ ପାଇ ତାକୁ ବାହା ହଉନି । ବିନୟ ମହାପାତ୍ରକୁ କାହିଁକି ? ବିନୟ ମହାପାତ୍ରଠେଇଁ କଣ ପୁର ପଇଛି ନା ଗେବ ମରାହେଇଛି ।

ବାହାହବ ଯଦି ସେ ନାଲାୟକ ଛୋଟରାୟକୁ ଘଇତା କଲାନି ? ମାଲିକ ବୁଢ଼ାର ନହେଲେ ରକ୍ଷିତା ହେଲାନି, କିଛି ନହେଲେ ସେ ମାଇଚିଆ ମାଗୁଣି ସାହୁ ବିକାଶ ମିଶ୍ର ସାଙ୍ଗରେ ଘର କଲାନି ।

ପ୍ରକୃତରେ ବିନୟ ବାସନ୍ତୀ ଉପରେ ରାଗିବାକୁ ଚିଡ଼ିବାକୁ ନିଜକୁ ଉତ୍ସାହିତ କରୁଥିଲା ଓ ବାରଂବାର ଅସଫଳ ହେଉଥିଲା ।

ନା ହଉନି....

ବାସନ୍ତୀ ତା ଭିତରକୁ ପଶିଗଲାଣି । ତା ଶିରା ପ୍ରଶିରା ରୂମ ମୂଳରେ ବସା ବାନ୍ଧିସାରିଲାଣି । ଯେତେ ଛିଡ଼େଇଲେବି ବାସନ୍ତୀ କଖାରୁ ନଟା ଭଳିଆ ରପ ରପ ନାସି କଢ଼େଇ ତା ଉପରକୁ ମାଡ଼ି ଆସୁଛି ।

କାଲିଠଉଁ ତା ନାକରେ ବାଜୁଛି ଗୋଟେ ବାସ୍ନା । ବାସନ୍ତୀ ଦିହର ବାସ୍ନା । ତା ଶାଢ଼ୀ, ବ୍ଲାଉଜ୍, ମୁଣ୍ଡ ବାଳର ବାସ୍ନା । ସେ ବାସ୍ନା ବାଜିଲେ ମନେପଡ଼ିଯାଉଛି ବାସନ୍ତୀ । ବାସନ୍ତୀ ମନେପଡ଼ିଲେ ନାକରେ ବାଜୁଛି ତା ବାସ୍ନା ।

ସତରେ ବାସନ୍ତୀର ବାହାହବାକୁ ଇଚ୍ଛା ନାହିଁ ?

ବାସନ୍ତୀ କଣ ଭାବୁଛି ସେ କାଳୀ ଅସୁନ୍ଦରୀ, ସେଇଥିପାଇଁ ତାକୁ କେହି ପ୍ରେମ କରିବେନି ? ବାହାହେବେନି ?

କେହି ହେବେନିତ ଛୋଟରାୟ କାହିଁକି କେହି ନଥିବାବେଳେ ହାତ ଧରି ଭିଡୁଥିଲା ତୋର ?

କେହି ଚାହିଁବେନିତ, ମାଲିକ କାହିଁକି ବିଲୁଆ ଭଳିଆ ଅନାଏ ତୋତେ ?

କେହି ତୋ ପଛରେ ପଡ଼ିବେନିତ ବିକାଶ ମିଶ୍ର କାହିଁକି ବୁଡ଼ି ବୁଡ଼ି ପାଣି ପିଉଛି ?

ନିଜେ ସେ କାହିଁକି ତୋ ଘରକୁ ଯାଇଥିଲା ? ତୋତେ ତା ଘରକୁ ଗିବବାଗିଆ

Source: Author, Digitized by PPRACHIN, SOA

ଦେଖି ଡ଼ାକିଥିଲା । ତୋତେ ନଙ୍ଗଳା କରି ତୋ ଦିହ ଗୋଟାକରୁ ଗୋଟି ଗୋଟି କଳାଯାଇ ଖୋଳୁଥିଲା ଖରାବେଳୁଟାରେ ?

ବାସନ୍ତୀର ବୋଉ ପୁଣି କୁଆଡ଼େ ଭାବୁଛି ବିନୟ ଫସିଗଲାଣି । କୋଉ ସାହାସରେ ସେ ବୁଢ଼ୀ ଏ କଥା ଭାବୁଛି ? ତା ଅପରିଚ୍ଛନିଆ ଝିଅକୁ କିଏ ଭଲପାଇପାରେ ? ଯଦି ସୁବିଧା ହେଲା ତ କେବେ ବସାକୁ ଡ଼ାକିନେଇ ପାଖରେ ଶୋଇପାରେ ସିନା ।

ବାସନ୍ତୀର ଦୁଃଖ କଣ ? ଦୁଃଖ କିଛି ଅଛି ତାର ? ବିନୟ କାଲି ଅନୁଭବିଛି ସବୁ ଖୁସିବାସି ଭିତରେ ବାସନ୍ତୀ ଉଦାସ । ଆଉ ସେ ସବୁତକ ଉଦାସପଣିଆକୁ ସାତତାଳ ପଙ୍କ ପାଣି ଭିତରେ ଲୁଚେଇ ରଖିଛି ଟୋକୀ । ସହଜରେ ଦିଶୁନି ।

ଆଜି ଅଫିସ୍‌ରୁ ଅଧାରୁ ପଳେଇଲେ ହୁଅନ୍ତା । ମିଛରେ ଦେହ ଖରାପ, ମୁଣ୍ଡ ବିନ୍ଧୁଛି କହି ପଳେଇଗଲେ ହେବ । ଛୋଟରାୟ ବସି ପାନ ପାକୁଳି କରୁଥାଉ ।

ଅଫିସ୍‌ରୁ ପଳେଇଲେ ବିନୟ ଯିବ କୁଆଡ଼େ ? ବିନୟ ଭାବିଲା ସେ ଏବେ ବସାକୁ ଫେରିଯିବ ନା ହନୁମାନ ମନ୍ଦିର ଛକରେ ଓହ୍ଲେଇବ । ବାସନ୍ତୀ ଅପେକ୍ଷା କରିଥିବ । ବାସନ୍ତୀ କଣ ଭାବୁଥିବ ଆଜି ବିନୟର ଅଫିସ୍‌ରେ ମନ ଲାଗିବନି । ବିନୟ ଅଧାରୁ ପଳେଇ ଆସିବ ତା ପାଖକୁ ।

ଏବେ ବାସନ୍ତୀ ଘରକୁ ଗଲେ କ'ଣ କରିବ ବିନୟ ? କହିଦବ ଦେଖ ବାସନ୍ତୀ ମୁଁ ମିଛ କହିଥିଲି । ଏମିତି କହୁ କହୁ କହିଦେଇଥିଲି । ପ୍ରକୃତରେ ମୁଁ ବାହାହେଇ ସାରିଛି । ମୋ ସ୍ତ୍ରୀ ଅଛି ଗଲା ଚାରିବର୍ଷ ଧରି ମୋ ପାଖରେ । ମୁଁ ବଡ଼ ଦୁଃଖି ଲୋକୁଟେ । ମୋ ସ୍ତ୍ରୀ ବି ଦୁଃଖିଟିଏ । ମୋ ବିଧବା ମା'ବି ଦୁଃଖିଟିଏ । ଆମ ସମସ୍ତଙ୍କର ଦୁଃଖ ଗୋଟାଏ । ମୋର ପିଲାପିଲି କିଛିନାହିଁ । ମୁଁ ମୋ ସ୍ତ୍ରୀକୁ ଖୁବ୍ ଭଲପାଏ । ଭଲପାଇ ବି ବାହାହେଇଥିଲି । ମୋ ସ୍ତ୍ରୀ, ମୋ ବୋଉ ମୋତେ ଆଉ ଠା' ପୁଣି ବାହାହବାକୁ କହୁଛନ୍ତି । ମୁଁ ଟାଳି ଆସୁଛି ।

ମୁଁ ଜାଣିଛି ମୋ ସ୍ତ୍ରୀ କେବେବି ଆଉ ମା'ହେଇପାରିବନି । ଡ଼ାକ୍ତର ଶେଷକଥା ଶୁଣେଇ ସାରିଛନ୍ତି ।

ତଥାପି ମୁଁ ମୋତେ, ମୋ ସ୍ତ୍ରୀକୁ, ମୋ ବୋଉଙ୍କୁ ବୁଝାଉଛି, ପିଲା କବିଲା ନଥାଇବି ଲୋକ ଅଛନ୍ତି । ତଥାପି ଡ଼ରବି ଲାଗୁଛି । ମୋ ବଂଶ ବୁଡ଼ିଯିବ । ସପ୍ତ ପୁରୁଷ ପାଣି ପାଇବେନି । ଆମେ ଦିପ୍ରାଣୀ ପୁତ୍ ନର୍କରେ ପଡ଼ିବୁ ।

ମୋର ପିଲାପିଲି ହଉନାହାଁନ୍ତି ବୋଲି ମୁଁ ସମସ୍ତଙ୍କୁ ଡ଼ରୁଛି । ଭାଇ ବନ୍ଧୁ ସାଇପଡ଼ିଶା ସାଙ୍ଗସାଥି ସମସ୍ତଙ୍କୁ । କାଳେ କିଏ ପଚାରିଦବ

Source: Author, Digitized by PPRACHIN, SOA

-ବିନୟ ପିଲାପିଲି କେତୋଟି ?

କଣ କହିବି ? କହିବି ମୁଁ ନଂପୁସକ ଆଉ ମୋ ସ୍ତ୍ରୀ ବାନ୍ଝ । କହିବି ଏମିତି ?

ମୁଁ କିନ୍ତୁ ନଂପୁସକ ନୁହଁ । ସତ କହୁଛି । ରାଣ ଖାଉଛି । ସବୁ ଦୋଷ ମୋ ସ୍ତ୍ରୀ ପଟରୁ । ତଥାପି ତାକୁ ମୁଁ ଶେଷ ସତକୁ କହିନି । ମୁଁ ତାକୁ ବାଧିବ ବୋଲି କହିନି । ତଥାପି ସେ ନିଜକୁ ସେଇଆ ଭାବୁଛି । ମୋ ବୋଉ ବି ସେଇଆ ଭାବି ତାକୁ ଦଇନି ଉଲୁଗୁଣା ଦଉଛି । ଏବେ ଆଉ କୋଉଠି ବାହାହେଲେ ସେ ସତରେ ସେମିତି ଭାବିବ ।

ବାସନ୍ତୀ ତମେ ଜାଣିନ ଗୋଟେ ସ୍ତ୍ରୀ ଲୋକକୁ ବାନ୍ଝ କହିବାଠୁ ଅଧିକା ବାଧିଲାଭଳି ଗାଳି କିଛି ନାହିଁ ।

ବିନୟ ଭାବିଲା ଏତେ କଥାସବୁ ବାସନ୍ତୀକୁ କହିବ ନା ବାସନ୍ତୀ ବୋଉ ମାଉସୀଙ୍କ ପାଦଧରି ବିନୟ ଭୁଲ୍‌ମାଗିବ ? ସେମିତି ପାଦ ପାଖରେ ବସି କହିବ

-ମାଉସୀ ଆପଣ ମୋ ବୋଉ ସମାନ । ମୁଁ ଆପଣଙ୍କୁ ବି ମିଛ କହିଛି । ମୋ ସ୍ତ୍ରୀ ମୋ ଗାଁରେ ଅଛି । ମୁଁ ଚାରିବର୍ଷ ହେଲାଣି ବାହାହେଇ ସାରିଲିଣି । ମୋତେ କାହିଁକି ଝିଅ ବାହାଦେବେ ? ଆପଣଙ୍କ ଝିଅକୁ ଆହୁରି ଭଲ ଜ୍ୱାଇଁ ମିଳିବେ । ମୁଁ ଛାର ମାତ୍ର । ମୁଁ ଆପଣଙ୍କ ସ୍ନେହ ଶ୍ରଦ୍ଧାକୁ ଅଯୋଗ୍ୟ ।

ବିନୟର ମୁଣ୍ଡ ଗୋଳମାଳିଆ ଲାଗୁଛି । ଛୋଟରାୟ ପାନ ଚୋବଉଛି । ମନୁଆ ଟୁଲ୍‌ରେ ବସି ଢ଼ୋଳଉଛି । ଗେଟ୍ ପାଖରେ ହେଲ୍‌ପର ଡ୍ରାଇଭର ଗପ ଜମେଇଛନ୍ତି । ହୋ ହୋ ହୋଇ ହସୁଛନ୍ତି । ବିନୟ ଭାବିଲା ନା ଆଉ ଆଜି କାମ କରିହବନି । ସୋଉଠୁ ବିନୟ ଠିଆହେଲା । ଛୋଟରାୟକୁ କହିଲା ତା ଦିହ ଖରାପ ଲାଗୁଛି । ଘରକୁ ଯାଉଛି ।

ବିନୟ ଅଫିସ୍‌ରୁ ବାହାରି ଆସିଲା । ଖରାଟା ଯୋର୍‌ରେ ହେଉଛି ।

ହନୁମାନ ମନ୍ଦିର ।

ବିନୟ ମୁଣ୍ଡିଆ ମାରିଲା । ମନେ ମନେ କହିଲା ଜୟ ବଜରଙ୍ଗବାଲୀ ମୋତେ ସତ କହିବାକୁ ଶକ୍ତିଦିଅ ।

ତାର ମନେପଡ଼ିଲା ପିଲାଦିନେ ପାଣ୍ଡୁ ଅବଧାନେ ଶିଖେଇଥିବା ପାର୍ଥନା - ସତ

Source: Author, Digitized by PPRACHIN, SOA

କହିବାକୁ କିଆଁ ଡ଼ରିବି ।

ବିନୟ ଠାକୁରଙ୍କୁ ଡ଼ାକିଲା ହେ ପ୍ରଭୁ ଏବେ ବାସନ୍ତୀ ଘରେ କେହି ନଥାନ୍ତୁ । ବାସନ୍ତୀର ଭାଇ ସ୍କୁଲ୍ ଯାଇଥାଉ । ବାସନ୍ତୀ ବୋଉ ମାଉସୀ କୋଉ ପଡ଼ିଶା ଘରକୁ ବୁଲିଯାଇଥାନ୍ତୁ ।

ବିନୟ ବାସନ୍ତୀ ଘର ଆଗରେ ପହଁଚିଲା । ସେ ସେଇଠି ଠିଆ ହେଇ ଭାବିଲା ପ୍ରଭୁ ଏବେ ବାସନ୍ତୀବି ଘରେ ନଥାଉ । ସେ କେବଳ କବାଟ ବାଡ଼େଇ ଫେରିଯିବ । ଚିଠିଟିଏ ଲେଖି ଗଳେଇ ଦେବ ଆଉ ଆଜି ସଂଜ ବସ୍‌ରେ ଘରକୁ ପଳେଇବ ।

ନା....

ସେ ଯାହା ଖୋଜୁଥିଲା ସେମିତି ହେଲାନି । ବାସନ୍ତୀ ଅଛି, ତା ବୋଉ ବି ଅଛନ୍ତି ।

ବାସନ୍ତୀ କବାଟ ଖୋଲିଲା । ସେମିତିକା ହସ ହସିଲା । ଯେମିତି କିଛି ହେଇନି । ଅଫିସ୍‌ରୁ ଅଧାରୁ କାହିଁକି ପଳେଇ ଆସିଲେ ବୋଲି ବିନୟକୁ ପଚାରିଲା । ସେ ଆଉ ଅଫିସ୍ ଯିବନି ବୋଲିବି କହିଲା ।

ବିନୟ ସେଇ ସୋଫାରେ ବସିଲା ।

ବାସନ୍ତୀ ଆଗ ସୋଫାରେ ବସିଲା ।

ବୋଉ ଶୋଇଛି ବୋଲି କହିଲା.....

ବିନୟ ଭାବିଲା କୋଉଠୁ ପୁଣି କଥା ଆରମ୍ଭ କରାଯାଇପାରେ ! ଯଥା ଛୋଟରାୟଟା ପାନ ଚୋବେଇ ମାଉଥ୍ କ୍ୟାନସର୍‌ରେ ମରିବ କିମ୍ବା ଏଇ ଯୋଉ ହନୁମାନ ମନ୍ଦିର କେତେ ବର୍ଷର ପୁରୁଣା ହେବ ? ତମ ଏପଟରେ ଗୁଣ୍ଡାଗର୍ଦ୍ଦି ଚଳେ ନା ନାହିଁ ?

ଏମିତି କିଛି କହି କଥା ଆରମ୍ଭ କରିବ ବିନୟ ? ନା ହେଉନି । ଏଇ କଥା କ'ଣ କହିବାକୁ ସେ ଅଧା ଅଫିସ୍‌ରୁ ପଳେଇ ଆସିଛି ?

ବାସନ୍ତୀ କିଛି କହୁନି । କଥା ଆରମ୍ଭ ବି କରୁନି ।

କାଲି ଖରାବେଳ କଥା ପକେଇବକି ବିନୟ । ନହେଲେ ହଠାତ୍ ବାସନ୍ତୀକୁ ଗୋଟେ କିସ୍ ଦେବକି ? ବାସନ୍ତୀ ଲାଜେଇ ଯାଆନ୍ତା । ତେରଛେଇ ଚାହାନ୍ତା ତାକୁ ।

ନା ଏମିତିବି ନୁହେଁ । ନହେଲେ ମୁହଁ ଟିକେ ସିରିୟସ୍ କରି ଦିଥର କାଶି କହିବକି-

-ଦେଖ ବାସନ୍ତୀ..... ସତ କହିଲେ ମୁଁ.......

ନା....ଏମିତିକା କଥା ଏମିତି କୁହାଯାଏନା ତ ବିନୟ ଚୁପ୍‌ରେ ବସିଲା । ଦୁହେଁ ବସିଏ ଚୁପ୍‌ଚାପ୍ ।

ବାସନ୍ତୀ ଆରମ୍ଭ କଲା । ପଚାରିଲା ବିନୟକୁ -

Source: Author, Digitized by PPRACHIN, SOA

-ଚା ପିଇବ ? କିଛି ଖାଇଚନା ସକାଳୁ ?

ବିନୟ ଦୁଇଟିଯାକ ପ୍ରଶ୍ନର ଉତ୍ତର ଦେବାକୁ ମୁଣ୍ଡ ଟୁଙ୍ଗାରିଲା ।

ବାସନ୍ତୀ ଚା କରିବାକୁ ଉଠିଲା ।

ବିନୟ ଦେଖିଲା ବାସନ୍ତୀ ପଛରେ ଛୁଆ ସାତଟା ଛୋଟରୁ ବଡ଼ କ୍ରମରେ ଦୌଡୁଛନ୍ତି । କାନ୍ଦୁଛନ୍ତି । କିଛି କରେଇ ଦଉନାହାନ୍ତି ତାକୁ । ବିକଳ ହେଇଯାଉଛି ବାସନ୍ତୀ । ସେଥିରୁ ଦିଇଟା ଛୁଆ ଆଣି ବିନୟ ଉପରେ କଚି ଦଉଛି ।

ବିନୟ ହସୁଛି ହିଁ.....ହିଁ.....ହେଇ ।

ବିନୟ ସମସ୍ତଙ୍କୁ କାନ୍ଧରେ କୋଳରେ ପୁରେଇ ଗୀତ ଗାଉଛି । ଗପ କହୁଛି । ଗୋଟେ ଫାଙ୍କା ସମୁଦ୍ର କୂଳରେ ଦୌଡୁଛି । ବେଲୁନ୍ କିଣୁଛି । କଣ୍ଢେଇ କିଣୁଛି । ଗଣେଷ ଡ୍ରେସ୍ ଷ୍ଟୋର୍‌ରେ ପଶି ଗାଦିଏ ଡ୍ରେସ୍ କିଣୁଛି ।

ଛୋଟ ଝିଅ ଖନ ଖନେଇ ଗାଉଛି -

-ଟୁଇଁକ୍ଲ-ଟୁଇଁକ୍ଲ.....ଲିଟିଲି.....ଷ୍ଟାଲ୍.....

କୁନି ପୁଅ ବହିରେ ଆଙ୍ଗୁଠି ମଡ଼େଇ କହୁଛି 'ଏ' ଫର୍ ଆପଲ୍ ।

ବିନୟ ହସୁଛି, ଖୁବ୍ ଯୋର୍‌ରେ ହସୁଛି । ମନ ଖୋଲା ହସୁଛି । ବିନୟ ପୁଣି ଦେଖୁଛି ତା ପିଲାଏ ତା ବୋଉ ଉପରେ ଚଢ଼ିଯାଉଛନ୍ତି । ବୋଉ ଖୁସି ହଉଛି । କିଏ ଗୋଟେ ବୋଉର ଶହେ ଆଠ ତୁଳସୀ ମାଳ ଧରି ଫୋପାଡ଼ି ଦେଇ କହୁଛି

ଫୁ....ଉ.....ଉ.....ରୁ.....ଉ.....ଉ.....ରୁ

ଆଉ କିଏ ବୋଉର ପାନବଟୁଆ ନେଇଯାଉଛି । ଗୁଆକାତି ହଜେଇ ଦେଉଛି କିଏ । ବୋଉ ଲୁଗା କାନିରେ କିଏ ଗୁଡ଼େଇ ହେଇ ପଡୁଛି । ଆଉ ଗୋଟେ ସିସି କରିଦଉଛି ବୋଉ କୋଳରେ ।

ମିନା ?.....ମିନା କଣ କରୁଛି ?

ସିଏବି ହସୁଛି । କାନ୍ଧରେ ଗୋଟା ଛୁଆକୁ ପକେଇ ଜହ୍ନମାମୁଁ ଦେଖଉଛି । ଗାଉଛି ଆ....ଜହ୍ନମାମୁଁ ଶରଦ ଶଶି । ବିନୟକୁ କହୁଛି ଦେଖିଲ, ମୋ କଥା ମାନୁନଥିଲ ପରା, ଏବେ ଦେଖ ମୋ ଘର, ମୋ ଅଗଣା ପୁରିଗଲା । ମୋ କାନି ଉଚ୍ଛୁଳି ପଡ଼ିଲା । ମୁଁ ଖୁସି, ଖୁବ୍ ଖୁସି.........

ବାସନ୍ତୀ ଆସି ବିନୟର କାନ୍ଧରେ ଆସ୍ତେ ହାତ ରଖିଲା ପଚାରିଲା - କଣ ଭାବି ହେଉଥିଲ ?

Source: Author, Digitized by PPRACHIN, SOA

ବିନୟ ତା ହାତକୁ ବାସନ୍ତୀ ହାତ ଉପରେ ରଖିଲା ସେଇଠି ତା କାନ୍ଧ ଉପରେ । ବେକ ଭାଙ୍ଗି ଉପରକୁ ଚାହିଁଲା । ବାସନ୍ତୀ ନଇଁପଡ଼ି ଚାହିଁଛି ତାକୁ ।

ବିନୟ ବାସନ୍ତୀର ହାତକୁ ମୁଠେଇ ଧରିଲା । ଥରେ ଓଠରେ ଲଗେଇଲା ଆଣି । ନରମ ଲାଗୁଛି ବାସନ୍ତୀର ପାପୁଲି । ବାସନ୍ତୀ ଆଖିବନ୍ଦ କରି ଦଉଛି । ଥର ଥର ହେଉଛି ବାସନ୍ତୀର ଓଠ । ଉଷୁମ୍ ଲାଗିଲାଣି ବାସନ୍ତୀ ହାତ ।

ବିନୟ ଛାଡ଼ିଦେଲା ବାସନ୍ତୀକୁ । ଠିଆହେଲା ଚା କପ୍ ଧରି ।

ମୁଁ ଭାବୁଛି କୋଉ ମନ୍ଦିରରେ ବିବାହ କରିନବା ଭଲ । ନୁହେଁ ? ନା ତୁମେ କଣ କହୁଛ ? ଢାଫ୍ରିର କଣା ଦେଇ ଦୂରକୁ ଦେଖୁ ଦେଖୁ ବିନୟ କହିଲା ।

-ଆପଣଙ୍କ ଇଚ୍ଛା । କହି ତଳକୁ ମୁହଁ ପୋତିଲା ବାସନ୍ତୀ ।

ବାସନ୍ତୀ ସବୁବେଳେ ସେଇ ଆପଣରେ ରହୁଛି । କେହି ନିଜର ହେଲାପରେ ଆପଣ ଆପଣ ହେଲେ ବିନୟକୁ ଭଲ ଲାଗେନି । ଆପଣ ଗୋଟେ ଫର୍ମାଲିଟିକୁ ନେଇ ତିଆରି ।

ସେ ମନାକଲା - ଏ ଆପଣ ଆଉ କାହିଁକି ?

ବାସନ୍ତୀ ହସିଲା ।

ବିନୟ ଚାରିଆଡ଼କୁ ଚାହିଁଲା । ଦାଣ୍ଡ ଗେଟ୍ ବନ୍ଦ । ଘର ପଟ କବାଟବି ଆଉଜା ହେଇଛି । ବାସନ୍ତୀ ବୋଉ ମାଉସୀ ଶୋଇଛନ୍ତି । ଶିପୁ ସ୍କୁଲ୍ ଯାଇଛି ।

ବିନୟ ହାତବଢ଼େଇ ଧରିଲା ବାସନ୍ତୀକୁ ।

ବିନୟ ଅନୁଭବ କଲା ବାସନ୍ତୀର ଛାତି ଚାପିହେଇ ଯାଉଛି ତା ଛାତିରେ । ସେ ଆହୁରି ଯୋର ଭିଡ଼ିଧରିଲା ଆହୁରି ଯୋର୍‌ରେ । ବିନୟକୁ ଲାଗିଲା ଉତ୍ତେଜନାରେ ତା ନିଶ୍ୱାସ ବନ୍ଦ ହେଇଯିବ । ବାସନ୍ତୀର ଗରମ ନିଶ୍ୱାସ ବାଜୁଛି ତା ବେକ ପାଖରେ । ବାସନ୍ତୀର ପାଟି ଭିତରେ ବିନୟ ତା ଜିଭ ପୂରେଇଲା । ଅଲଣିଆ ଲାଗୁଛି ବାସନ୍ତୀ ଛେପ । ବାସନ୍ତୀ ତା ନଖରେ ଚାପୁଛି ତା ପିଠିକୁ ।

ବିନୟକୁ ଲାଗିଲା ସେ ଆଉ ଟିକେ ଯୋର୍‌ରେ ଚାପିନେଲେ ବାସନ୍ତୀ ତା ହାତ ଭିତରେ ଭାଙ୍ଗି ଖଣ୍ଡ ଖଣ୍ଡ ହେଇଯିବ ।

ବିନୟ ଚାହିଁଲା ଆଗରେ ରୋଷେଇ ଘର ।

ପର୍ଦ୍ଦା ଝୁଲୁଛି ଘରକୁ ଅନ୍ଧାରିଆ କରି ।

Source: Author, Digitized by PPRACHIN, SOA

ବିନୟ ଭାବନା ଅନୁସାରେ କାମ ସହଜ ନଥିଲା । ଏତେ ଝିନ୍‌ଝଟରେ ବିନୟ ଭାବୁଥିଲା , କୋର୍ଟରେ ବାହାହେଇ ଯାଇଥିଲେ ଭଲ ହେଇଥାନ୍ତା ।

ପ୍ରଥମ କଥା ବିନୟକୁ ସବୁକାମ ଏକା କରିବାକୁ ହେଉଥିଲା । ସମସ୍ତ ଚନ୍ଥାଇଣା ଲୋକଙ୍କଠାରୁ ଏ ସଂକ୍ରାନ୍ତରେ ଯଥେଷ୍ଟ ଗୋପନୀୟତା ତାକୁ ରକ୍ଷା କରିବାକୁ ହେଉଥିଲା । ବାସନ୍ତୀ ଓ ବାସନ୍ତୀ ବୋଉ ସାଙ୍ଗରେ କଥାବି ସେଇ ରକମ ହେଇଥିଲାକି ଯେମିତି କେହି ନଜାଣନ୍ତି । ଏପରିକି ଜଣେ ଦୁଇଜଣ ଅତି ଆତ୍ମୀୟଙ୍କୁ ଛାଡ଼ିଦେଲେ କାହାକୁ ଖବର ଦିଆନଯାଏ । ବାସନ୍ତୀ ବୋଉ ଯାଭିତରେ ଥରେ ଦୁଇଥର ବିନୟକୁ କହିସାରିଲେଣି ଯେ ସେ ଗାଁକୁ ଯାଇ ତା ବୋଉକୁ ଆଣିଦଉ । ଆଉ କିଛି ସଂପର୍କୀୟଙ୍କୁ ବି ଖବର ଦଉ ।

ବିନୟ ମିଛିରେ କହିଦେଇଛି ସେ ଖବର ଦେଇଦେଇଛି । ବୋଉ ବାହାଘର ଦିନହିଁ ପହଁଚିବ । ପ୍ରକୃତରେ ବିନୟ ଚାହୁଁନି ବୋଉ ଏକଥା ଜାଣୁ । ମିନା ବି ଜାଣୁ । କାହିଁକି କେଜାଣି ସେ ନିଜକୁ ପ୍ରସ୍ତୁତ କରିପାରୁନି ଯାଇ ସେମାନଙ୍କୁ ଏକଥା କହିବ । କହିବ ସେ ବାସନ୍ତୀ ବୋଲି ଗୋଟେ ଝିଅକୁ ବାହାହଉଛି । ପୁଣି ଭଲପାଇ ବାହାହଉଛି । ପୁଉଣି ଅପେକ୍ଷାକୃତ କାଳୀ ଅସୁନ୍ଦରୀ ମୋଟି ଝିଅଟିକୁ ବାହାହଉଛି । ଯାହାର ଚରିତ୍ର ଠିକ୍ ନୁହେଁ ବୋଲି ବଦ୍‌ନାମ୍ ଅଛି । ଯାହାର ବିବାହ ବୟସବି ଗଡ଼ିଯାଇଛି ସାମାନ୍ୟ ।

ବିନୟ ଜାଣେ ଯେମିତି ହେଲେ ବି ବୋଉକୁ ମିନାକୁ କିନ୍ତୁ କହିବାକୁ ହେବ । ତାପରେ ଲୁଚେଇବା ଦରକାର ବି କଣ ? ତେବେ ସେଇକଥା ବାହାଘର ପରେ କହିଲେ ଅସୁବିଧା କଣ ?

ବୋଉର ମନକୁ ଯିବନି ବାସନ୍ତୀ । ମିନା ନିଜ ମୁହଁ ଅଇନାରେ ଦେଖି ତଉଲିବ ନିଜକୁ । ବିନୟ ବାସନ୍ତୀକୁ କେବେବି ଗାଁକୁ ନେଇପାରିବନି ।

ଗାଁଲୋକ କେବଳ ଜାଣିବେ । ଗାଁ ମାଇପେ ଗାଧୁଆ ତୁଠରେ କହିବେ ବିନୟର ଆଗ ସ୍ତ୍ରୀର କିଛି ପିଲାପିଲି ହେଲାନି ତ ସେ ସହରରେ ଦ୍ୱିତୀୟ ସଂସ୍ଥା କଲା ।

ଏପଟରେ ବାସନ୍ତୀକୁ ବି କହିବାକୁ ହେବ ସେ ବାହା ହେଇଛି । ଚାରିବର୍ଷ ହେଲାଣି ତା ବାହାଘର । ତା'ସ୍ତ୍ରୀ ପିଲା ଜନ୍ମକରିପାରିନି, ସେଇଥିପାଇଁ ତୋତେ ବାହାହଉଛି ।

Source: Author, Digitized by PPRACHIN, SOA

କେବଳ ପିଲା ଜନ୍ମ କରିବାକୁ ବାସନ୍ତୀ ?

ନା-ନା-ଏମ୍ତି କହିଲେ ବାସନ୍ତୀକୁ ବାଧିବ । ବାଧିବନି ? କୋଉ ସ୍ତ୍ରୀଲୋକକୁ ବାଧିବନି ଏମ୍ତି କଥା ।

ବେଳକୁ ବେଳ ଅସହାୟ ଲାଗୁଛି ବିନୟକୁ । ସେ ଜାଣୁଛି ଦିନେ ତାକୁ ବୁଲି ବୁଲି ସତ କହିବାକୁ ହେବ ସମସ୍ତିଙ୍କି । ବୋଉ କି ମିନା କେହି କିଛି କହିବେନି । କାହିଁକି କହିବେ ? ସେମାନେତ୍ ଲଗେଇଥିଲେ ବିନୟ ଆଉଥରେ ବାହାହଉ । କେହିନହେଲେ ବାସନ୍ତୀ ଆଉ ତା ବୋଉ କହିବେ ? କାହିଁକି ସେ ବାହା ହେଇଛିଁ ବୋଲି ଆଗରୁ କହିଲାନି ସେମାନଙ୍କୁ ? ସୋଉଠୁ ବାସନ୍ତୀ ତାକୁ ଠକ ପ୍ରତାରକ ବୋଲି ଭାବିବ । ବାସନ୍ତୀ ବୋଉ ମୁଣ୍ଡରେ ହାତ କୋଡ଼ି ବାହୁନିବେ

-ହା.....ମୋ ଝିଅ ଭାସିଗଲା ଲୋ.....

କାହିଁକି ?

ଶଳା ସେ ବୁଢ଼ୀର ଝିଅ ବାହାହେଇ ପାରୁନଥିଲା । କେହି ଛେପ ପକଉନଥିଲେ ସେ ଅସନି କାଳୀ କୋଦି ଉପରେ । ଯଦି ହଉଥିଲା ଆଗରୁ ବାହା ଦେଲାନି । ରଖି ପଚଉଥିଲା ଝିଅକୁ ଘରେ କାହିଁକି ?

ବାସନ୍ତୀ ନହେଲେ କହିବ ?

କାହିଁକି କହିବ ? ସେ ତ କହିଛି ତାର କେବଳ ଶଙ୍ଖା ସିନ୍ଦୁର ଦରକାର । ବାହା ହେଇଛି ବୋଲି ସ୍ୱୀକୃତି ଦରକାର । କେବଳ ସେତିକି ମିଳିବନି, ତା'ଠୁ ଢ଼େର ଢ଼େର ଅଧିକା ମିଳିବ । ବିନୟ ମହାପାତ୍ରର ଭବିଷ୍ୟତ ବଂଶଲତା ମାଡ଼ିବ ବାସନ୍ତୀକୁ ଆଶ୍ରାକରି ।

ଏଇ କେଇଦିନ ହେବ ଏମ୍ତି ନିଜକୁ ବୁଝେଇ ଚାଲିଛି ବିନୟ । ନିଜ ସାଙ୍ଗରେ ହଜାର ବାଗରେ ଯୁକ୍ତି କରୁଛି । ଏପଟ ସେପଟ କରି ଲକ୍ଷେ ପ୍ରଶ୍ନ ପଚାରୁଛି ନିଜକୁ ।

ଏପଟରେ କାମ ବି ସରୁନି । ପ୍ରକୃତରେ ବିନୟ ଭାବିଥିଲା ମନ୍ଦିର ବାହାଘର ମାନେ ପୁଅ ଝିଅ ଠାକୁରଙ୍କ ଆଗରେ କେବଳ ଜଣେ ଜଣଙ୍କ ବେକରେ ଫୁଲମାଳ ଦେବାକଥା । ହେଲେ ବାସନ୍ତୀର ବୋଉ ବ୍ରାହ୍ମଣ ନାହାକ କଥାରେ ହଜାର ଫାରମାସି ବଢେଇବାରେ ଲାଗିଛନ୍ତି । ଅମୁକ ଦରକାର ସମୁକ ଦରକାର ।

ଅଫିସ୍ ବି ଏଇ ଝିନ୍‌ଝଟ୍‌ରେ ଠିକ୍‌ରେ ଯାଇହଉନି । ବିନୟ ବି ଚାହୁଁନି ଅଫିସ୍‌ରେ କେହି ଜାଣନ୍ତୁ ଯେ ସେ ବାହାହଉଛି ବାସନ୍ତୀକୁ । ଚୋଟରାୟ ଶୁଣିଲେ ମୁରୁକି ହସିବ । ବିନୟ ମିଶ୍ରଟା କଣ ଭାବିବ କେଜାଣି ? ମାଲିକର ମନ ଖରାପ ହେଇଯିବ । ଯେତେ

Source: Author, Digitized by PPRACHIN, SOA

ହେଲେବି ଟୋକୀ ଗୋଟା ପାଖରେ ବସୁଥିଲା କିନା ।

ଗାନ୍ଧୀ ଛକ ପାଖରେ ବି ରହିହବନି । ୟାପ କଲୋନି ମାଇକିନାଯାକ ବାସନ୍ତୀ ରୂପଗୁଣ ଦେଖି କଣ ବୋଲି କଣ ନଭାବିବେ । ଶେଷରେ ବିନୟ ବାବୁ ଏଇଟାକୁ ରାଜି ହେଇ...... । ବିନୟ କିଛି ଭାବିପାରୁନି । ବାସନ୍ତୀକୁ ବାହା ହେଲାପରେବି ସେ ବୋଧେ କାହାକୁ ଠିକ୍‌ରେ ସାମ୍ନା କରିପାରିବନି । ତେବେ ବାସନ୍ତୀକୁ ବାହାନହେଲେ କଣ ସୋଉଠୁ ଭାସିଯାଆନ୍ତା । ବାସନ୍ତୀ ସବୁଆଡ଼େ କହିବୁଲନ୍ତା ବିନୟ ମହାପାତ୍ର ମୋ ଇଜ୍ଜତ ସାଙ୍ଗରେ ଖେଳ ଖେଳି ମୋତେ ଛାଡ଼ି ପଳେଇଲା । ନହେଲେ ବାସନ୍ତୀ ତା ଘର ଆଗରେ ଅନଶନ କରନ୍ତା । ଖବର କାଗଜବାଲା ତା ଫଟୋ ଉଠେଇ ନେଇ ଛାପନ୍ତେ । ମହିଳା ସଂଗଠନବାଲା ସ୍ୱର ଉଠାନ୍ତେ ।

ନାଇଁ ବାସନ୍ତୀ ଏମ୍ତି କିଛି କରିବନି । ବାସନ୍ତୀର ଗୋହି ବିନୟ ଜାଣିଛି । ସିଧା ସିଧା କହିଦବ ଯା...ଯା... ଆଉ କାହାକୁ ସତୀଗିରି ଦେଖେଇବୁ ।

ତଥାପି ବିନୟ ବାସନ୍ତୀକୁ ଛାଡ଼ିବାକୁ ଇଚ୍ଛାକରୁନି । କାହିଁକି ଇଚ୍ଛାକରୁନି କହିପାରିବନି ବିନୟ । ବାସନ୍ତୀ ବୋଉ ଲଗେଇଛନ୍ତି ବିନୟ ତା ଗାନ୍ଧୀ ଛକରେ ଭଡ଼ାଘର ଛାଡ଼ିଦଉ । ଛାଡ଼ିଦେଇ ତାଙ୍କ ଘରେ ରହୁ ।

ବିନୟ ଠିକ୍ କରିପାରୁନି କଣ କରିବ । ପ୍ରକୃତରେ ବାସନ୍ତୀକୁ ନେଇ ବିନୟ ଗାନ୍ଧୀଛକରେ ରହିପାରିବନି । ସେ ଘର ଛାଡ଼ିଲେ ଏତେ ଶସ୍ତାରେ ଆଉ ଘରବି ମିଳିବନି ।

ଅବଶ୍ୟ ବାସନ୍ତୀର ଘରେ ରହିଲେ ଅସୁବିଧା ନାହିଁ । ବାସନ୍ତୀଙ୍କର ଯୋଉ ଘରଭଡ଼ା ଲାଗିଛି, ସେ ଘର ଖାଲିହେବ । ବାସନ୍ତୀ ବୋଉଙ୍କର କହିବା କଥା ସେ ଘର ଆଉ ଭଡ଼ା ନଲଗେଇ ଝିଅ ଜ୍ୱାଇଁଙ୍କ ପାଇଁ ଛାଡ଼ିଦେବେ । ତଥାପି ସେଠି ରହିବାଟା ବିନୟକୁ ଭଲ ଦିଶୁନି । କଣନା ଘରଜ୍ୱାଇଁଆ ।

ବୋଉର ଅଣ୍ଟା ଧରିଛି । ମିନା ଚିଠି ଦେଇଛି ବସ୍‌ରେ ଔଷଧ ପଠେଇବାକୁ । ବିନୟକୁ ସେପଟରୁବି ଡ଼ର ଲାଗୁଛି । ଲାଗୁଛି ହଠାତ୍ କୋଉ ମୁହୂର୍ତ୍ତରେ ଗାଁରେ ଖବର ପହଁଚିଯିବ । ନହେଲେ ଗାଁ ଖବର ବାସନ୍ତୀ ଘରେ ପହଁଚିଯିବ । ସମସ୍ତଙ୍କ ସବୁକଥା କହି ଆଗେଇଥିଲେ ଭଲ ହୋଇଥାନ୍ତା । ନିଜକୁ ଦୋଷି ଦୋଷି ବି ଲାଗୁଛି ।

ବିନୟର ଭୋକ କମିଗଲାଣି ୟା ଭିତରେ । ଅସୁସ୍ଥ ଅସୁସ୍ଥ ବି ଲାଗୁଛି ।

ବାସନ୍ତୀ କିନ୍ତୁ ଖୁସି ଅଛି । ଚିଠା କରି ଏଣୁ ତେଣୁ କରି ବଜାରରୁ କିଣୁଛି । ସଜ ହଉଛି ଘଡ଼ିକି ଘଡ଼ି । ବିନୟକୁ ଚିଡ଼ା ଲାଗୁଛି । ୟାପ ଆଉଟିକେ ସୁନ୍ଦରୀ ହେଇଥିଲେ.....

Source: Author, Digitized by PPRACHIN, SOA

ବିନୟ ଭାବିଛି ବାହାଘର ଦିନ ବାସନ୍ତୀକୁ ଛୋଟ ସୁନା ହାରଟେ ଦେବ । ଭରିକରେ ହେଲେ ଅବଶ୍ୟ ଚଳିଯାଆନ୍ତା । ଏଯାଏଁ ଗହଣା ଦୋକାନ ବି ଯାଇହଉନି । ପାଖରେ ବି ଏତେ ପଇସା ନାହିଁ । ସୁନା ଦରବି କମିଛି କୁଆଡ଼େ । ଯେତେ କମିଲେବି କୋଉ ହାତପାହାନ୍ତିରେ ଥିବ ? କଂପାନୀରୁ ଆଡ୍‌ଭାନ୍‌ସ୍ ଆଣିଲେ ହୁଅନ୍ତା । କାମକୁ ଠିକ୍‌ରେ ଯାଇହଉନି ଛୋଟରାୟ ରାଗିକି ଥିବ । ମାଗିଲେ ଯାପ...ସିଧା ସିଧା ମନା କରିଦେବ ।

ବିନୟ ଛାତି ପକେଟରୁ ଛୋଟ ସ୍ପାଇରାଲ୍ ଖାତା ବାହାରକରି ତା ପଛରେ ଥିବା କ୍ୟାଲେଣ୍ଡର ଦେଖିଲା । ଦେଖି ହିସାବ କଲା ଆଜିଠଉଁ ଆଉ ଠିକ୍ ସପ୍ତାହେ ରହିଲା ବାହାଘର । ଆଜି ସୋମବାର । ଆର ସୋମବାର ବାହାଘର । କିଛି କୁଆଡୁ ହେଉନି ।

ପ୍ରକୃତରେ କାମ କିଛି ନାହିଁ । ତଥାପି ବ୍ୟସ୍ତ ଲାଗୁଛି ବିନୟକୁ ।

ଏତେ ସୁରୁଖୁରୁରେ କାମ ହେଇଯିବ ବିନୟ ଭାବିନଥିଲା । ସବୁଦିନତ ଛାନିଆ ଛାନିଆ ଲାଗୁଥିଲା । କୋଉ ମୁହୂର୍ତ୍ତରେ କିଛି ଓଲଟ ପାଲଟ ହେଇଯିବକି ? ଏମିତି ଲାଗୁଥିଲା ।

ନା' ସେମିତି କିଛି ହେଲାନି । ସବୁ ଠିକ୍‌ରେ ହେଇଗଲା । ପ୍ରକୃତରେ କହିବାକୁ ଗଲେ ବିନୟ ପଟରୁ କେହି ନଥିଲେ । ବାସନ୍ତୀ ପଟରୁ ତା ବୋଉ ସାନଭାଇ ଆଉ ବାସନ୍ତୀର ସାଙ୍ଗ ଥିଲେ । ଏଥିପାଇଁ ବାସନ୍ତୀ ବୋଉଙ୍କର ଟିକେ ମନଦୁଃଖ ଥିଲା । ସେ ଇଚ୍ଛା କରିଥିଲେ ଗାଁରୁ ତାଙ୍କ ସାଇପଡ଼ିଶା ବନ୍ଧୁବାନ୍ଧବଙ୍କୁ ଡ଼ାକିଥାନ୍ତେ ।

ବାହାଘର ବେଳେ ବାସନ୍ତୀ ବୋଉ ବିନୟର ଘରୁ କେହି ଆସିଲେନି ବୋଲିବି ପଚାରୁଥିଲେ । ବିନୟ ମିଛରେ ବ୍ୟସ୍ତ ହେଲା । ମିଛରେ ରାଗିଲା ବୋଉ ଉପରେ । ମିଛରେ ରାଗିଲା ଦାଦାପୁଅ ଭାଇ ଉପରେ, ବୋଉକୁ ଠିକ୍ ସମୟରେ ଆଣି ପହଁଚାଇପାରିନି ବୋଲି ।

ଏଇ ସାମାନ୍ୟ କଥାରେ ମିଛ କହିବାକୁ ଇଚ୍ଛା ନଥିଲେବି ବିନୟକୁ ମିଛ କହିବାକୁ ପଡୁଥିଲା ।

ସେଇ ମିଛ କହି ବିନୟ ଆଜି ପୁଣିଥରେ ବାହାହେଲା । ଚାରିବର୍ଷ ତଳେ ମିନାକୁ ଯେମିତି ବାହାହେଇଥିଲା ସେମିତି ନୁହେଁ । ମିନାକୁ ବାହାହେବା ବେଳେ ସେ ଧୋତି ପଞ୍ଜାବୀ

Source: Author, Digitized by PPRACHIN, SOA

ପିନ୍ଧି ପାଲିଙ୍କିରେ ବସି ବଡ଼ବଳଙ୍ଗ ଗାଁକୁ ଯାଇଥିଲା । ଦିଇଟା ଡ୍ରମପାର୍ଟି ନେଇଥିଲା । ବାଣ ରୋଷଣୀ ଧରି ଯାଇଥିଲା । ପ୍ରଭା ଭାଉଜ ତା କପାଳରେ ଟୋପି ଟୋପି ଚନ୍ଦନରେ କୁଟକମ କରିଥିଲେ । ସେଦିନ ବିନୟ ପେଟଯାଏଁ କର୍ପୂରମାଳ ପକେଇଥିଲା । ପିତେଇ ପୁଅ ମାଉକୁଣ୍ଡି ହେଇ ବସିଥିଲା ପାଲିଙ୍କିରେ । ତିରିଶ ପଇଁତିରିଶ ସାଆନ୍ତ କୁଣିଆବି ସାଙ୍ଗରେ ଚାଲିଥିଲେ ।

ରାତି ପାହାନ୍ତିରେ ବଡ଼ବଳଙ୍ଗ ଗାଁରେ ବାଜା ବଜାଇ ପଶିଲା ବେଳେ ଝିଅ ମାଇପେ ଉଚା ପିଣ୍ଡା ଉପରେ ଛିଡ଼ାହେଇ ତାକୁ ଦେଖୁଥିଲେ । ହରି ମଳିକ ଗୋଟା ପେଟ୍ରୋମାକ୍ସ ଟେକି ଧରିଥିଲା ତା ମୁହଁ ପାଖକୁ । ଢ଼ୋ...ଢ଼ୋ...ଫୁଟୁଥିଲା ବାଣ । ସର୍...ସର୍...କରି ଆକାଶକୁ ଉଠୁଥିଲା ହାଉଇ ।

ଆଉ ଆଜିବି ବିନୟ ବାହାହେଲା ।

ବିନୟ ମନେ ମନେ ହିସାବ କରୁଥିଲା ସେ ବାହାଘର ଆଉ ଆଜିର ବାହାଘରକୁ ।

ପଣ୍ଡିତେ ଆସି ଠିଆହେଲେ ବିନୟ ପାଖରେ । ବିନୟ ଚିଡ଼ିଗଲାଣି ଯାପ ଏ ବ୍ରାହ୍ମଣ ଉପରେ । ଟିଙ୍କ ଭଳିଆ ଶଳା ଟଙ୍କା ଝଡ଼ଉଛି । ବିକାର ହେଇସାରିଲାଣି ବିନୟ ।

ମନ୍ଦିର ପାହୁଛରେ ବାସନ୍ତୀ ଆଉ ତା ସାଙ୍ଗ ଯାଇ ବସିଲେଣି । କଣ କଥା ହେଇ ହସୁଛନ୍ତି । ବାସନ୍ତୀକୁ ତା ସାଙ୍ଗ ବୋଧେ ଫାଷ୍ଟ ନାଇଟ୍ ଏକ୍ସପେରିଏନ୍ସ ଜଣେଇବାକୁ କହୁଛି ।

ବିନୟ ଆଖି ବୁଲେଇଲା ଟୋକୀଟା ମନ୍ଦ ହେଇନି । ବାସନ୍ତୀଠୁ ସାମାନ୍ୟ ସଫା ପଡ଼ିବ । ସ୍ୱାସ୍ଥ୍ୟ ଠିକ୍ ଅଛି । ବାସନ୍ତୀ ଭଳିଆ ମୋଟୀ ନୁହଁ । ମୁହଁ ଗଠନ ଭଲ । ଓଠ ଦୋଓଟି ବେଶୀ ଭଲ ଲାଗୁଛି ।

ବାସନ୍ତୀ ଆଗରୁ ଯା ନାଁ କେତେଥର କହିଛି । ହେଲେ ବିନୟ ଦେଖିନଥିଲା କେବେ । ଟୋକୀଟା ବିନୟକୁ ଭିଣେଇ ହିସାବ କରି ଦିଚାରି ପଦ ଥଟ୍ଟା ବି କହିସାରିଲାଣି ଯାଭିତରେ । ବିନୟ ସବୁବେଳେ ଏ ଥଟ୍ଟା ତାମ୍‌ସାରେ ପାଖକୁ ପାଖ କଥା କହିପାରେନା । ମୁଣ୍ଡକୁ ହଠାତ୍ କଥା ପଶେନା ।

କାର୍‌ବାଲା ବ୍ୟସ୍ତ ହେଲାଣି । ବିନୟ ବାସନ୍ତୀ ସାନଭାଇକୁ କହିଲା

ଯା-ଅପାକୁ ଡ଼ାକିଦେ ।

ବାହାଘର ଅବଶ୍ୟ ବେଶୀ ସମୟ ଲାଗିଲାନି । ତଥାପି ନିଆଁ ପାଖରେ ବସି ବସି ବିରକ୍ତିଆ ଲାଗୁଛି । ପେଟ ବୋଧ ଗରମ ହେଇଗଲାଣି । ମୋଡ଼ି ମୋଡ଼ି ଲାଗୁଛି ପେଟ ଭିତରେ ।

ବାସନ୍ତୀ ଆଜି ଗୋଟେ କମଳା ରଂଗର ଶାଢ଼ୀ ପିନ୍ଧିଛି । କମଳା ରଂଗ ବି କାଳୀ

Source: Author, Digitized by PPRACHIN, SOA

ଝିଅଙ୍କୁ ଭଲଦିଶେ । ସକାଳୁ ବିୟୁଟି ପାର୍ଲର ଯାଇଥିଲା ବୋଧେ । ଗୋରା ଦିଶୁଛି ବାସନ୍ତୀ ମୁହଁ । ଆଗପଟ ବାଳ ଟିକେ କାଟିଛି । କପାଳ ଉପରକୁ ପଡ଼ିଛି । ବଡ଼ ଲାଲ୍ ଟିପାଟେ ପିନ୍ଧିଛି । ବାଳ ମଝିରେ ମେନ୍ଦେ ସିନ୍ଦୁର । ବିନୟ ପିନ୍ଧେଇ ଦେଇଛି ।

ବିନୟ ସେଇଠି ଥାଇ ବାସନ୍ତୀକୁ ଦେଖିଲା ।

ବାସନ୍ତୀ ଅସୁନ୍ଦରୀରେ ଯିବ ?

ବିନୟ ପୁଣି ନିଜକୁ ବୁଝେଇଲା । ନା....ପୃଥିବୀରେ କେତେ ଅସୁନ୍ଦରୀ ଅଛନ୍ତି । ବାସନ୍ତୀ ସୁନ୍ଦରୀ ନହେଇପାରେ ହେଲେ ଅସୁନ୍ଦରୀ ନୁହଁ । ଏତିକି ଭାବିଲା ପରେ ଟିକକ ଆଗରୁ ବାସନ୍ତୀଠାରୁ ସୁନ୍ଦର ଦିଶୁଥିବା ବାସନ୍ତୀର ବାନ୍ଧବୀ ବି ଆଉ ଏତେ ଭଲ ଦିଶିଲାନି ବିନୟକୁ । କାହିଁକି କେଜାଣି ଝିଅମାନେ ଶାଢ଼ୀ ଶଂଖା ସିନ୍ଦୁର ପିନ୍ଧିଲାପରେ ଅଧିକ ସୁନ୍ଦର ଦିଶନ୍ତି । ମିନାବି ଏମିତି ହଠାତ୍ ଅଧିକ ସୁନ୍ଦରୀ ହେଇଯାଇଥିଲା । ବୋହୂ ବେଶରେ ।

ବ୍ରାହ୍ମଣ ନାହାକ ଆଶିର୍ବାଦ କଲାପରେ ସମସ୍ତେ କାର୍‌ରେ ବସିଲେ । କାର୍‌ର ଆଗରେ ଡ୍ରାଇଭର୍ ପାଖରେ ଶିପୁ ବସିଲା । ତା ପାଖକୁ ବାସନ୍ତୀର ବୋଉ । କାର୍‌ର ପଛସିଟ୍‌ରେ ମଝିରେ ବସିଲା ବାସନ୍ତୀ । ଦିପଟରେ ତା ସାଙ୍ଗ ଆଉ ବିନୟ ବସିଲା ।

ବାସନ୍ତୀ ବିନୟର ଡ଼ାହାଣ ହାତନେଇ ତା ଜଂଘରେ ରଖିଲା ଆଉ ଆଙ୍ଗୁଠି ମାନଙ୍କ ସାଙ୍ଗରେ ଖେଳିଲା । ମଝି ଆଙ୍ଗୁଠିରୁ ମୁଦିଟାକୁ କାଢ଼ିଲା ପୁଣି ଭରିଲା ।

ବାସନ୍ତୀର ସାଙ୍ଗ ବାସନ୍ତୀ କାନରେ କ'ଣ କିଛି କହିଲା ବୋଧେ । ବାସନ୍ତୀ ସେପଟକୁ ବୁଲିପଡ଼ି ଚାପା ସ୍ୱରରେ କହିଲା

-ଅଭଦ୍ର....

ଶିପୁ ବୁଲି ଚାହିଁଲା ପଛକୁ....ବିନୟ କାର୍ ବାହାରକୁ ଚାହିଁଲା । ଗାନ୍ଧିଛକ ପାର୍ ହେଲେ ସେମାନେ ।

ଆଜି ବାହାଘର ବେଳେ କିଛି ଲୋକ ଘେରି ବାହାଘର ଦେଖୁଥିଲେ । ଠାକୁର ଦେଖିବାକୁ ଆସିଥିଲେ ବୋଧେ । ଲୋକ ଗଦା ହେଇଥିବା ବେଳେ ବିନୟ କଣେଇ ଦେଖୁଥିଲା । ବାସନ୍ତୀ ମୁଣ୍ଡରେ ଓଢ଼ଣୀ ଠିକ୍ ଅଛିନା ମୁହଁ ଦିଶୁଛି ପଦାକୁ ।

ଗାନ୍ଧୀଛକ ଘରୁ ବିଦା ହେବାକୁ ହେବ । ବାସନ୍ତୀଙ୍କ ଘରେ ଭଡ଼ା ରହୁଥିବା ଲୋକ ଘର ଛାଡ଼ିସାରିଲେଣି । ସେଇ ଘରେ ବିନୟ ରହିବ, ବାସନ୍ତୀ ରହିବ ।

ଆଜି ସେଇଘରେ ସେ ଆଉ ବାସନ୍ତୀ ଶୋଇବେ । ବିନୟକୁ କଥାଟା ଅଖାଡ଼ୁଆ ଲାଗୁଛି । ସେ ମିନାକୁ ବାହା ହେବାବେଳେ ନଗା ୪ ଦିନ ଅପେକ୍ଷା କରିଥିଲା । ଚତୁର୍ଥ ଦିନ

Source: Author, Digitized by PPRACHIN, SOA

ତାଙ୍କ ମଝି ଦୁଆରରେ ବେଦୀ ବନ୍ଧାହେଇ ଚତୁର୍ଥୀ ପିଣ୍ଡ ପଡ଼ିଥିଲା, ପୁରୋହିତ ଆସିଥିଲେ, ହୋମ ହେଇଥିଲା ।

ହେଲେ ବାସନ୍ତୀଙ୍କର କୁଆଡ଼େ ଏମିତି ଅଛି । ଯୋଉଦିନ ବାହାହବ ସେଇଦିନ ବି ସ୍ୱାମୀ ସ୍ତ୍ରୀ ପାଖରେ ଶୋଇବେ ।

ବିନୟ ମନେମନେ ଟିକେ ହସିଲା । ଆଉ କ'ଣଟା ବାକି ଅଛିଯେ ପୁଣି ଏତେ କଥା । ସେମିତି ମିନାଠିବି କ'ଣ ବାକି ଥିଲା । ବିନୟ ବାହା ଆଗରୁ ମିନାକୁ କୋଉ ଛାଡ଼ିଥିଲା । ତଥାପି ସେଦିନ ମିନା ନୂଆ ନୂଆ ଲାଗିଥିଲା । ଏକ୍‌ଦମ୍ ଅଚିହ୍ନା ଲାଗିଥିଲା । ଲାଜୁଆ ଲାଜୁଆ ଲାଗିଥିଲା ।

ଯାହା ହେଲେବି ଫାଷ୍ଟ ନାଇଟ୍‌ରେ ଅଲଗା ମଜା ଅଛି । ସଞ୍ଜ ହେଇ ଆସିଲାଣି । ଏବେ ମିନା ଘର ଅଗଣାରେ ବସି ସଞ୍ଜ ବଳୁଥିବ । ବୋଉ ଯଦି ପୋଖରିପାଣି ଯାଇଥିବ ତେବେ ଖୁବ୍ ଏକ୍‌ଲା ଏକ୍‌ଲା ଲାଗୁଥିବ ମିନାକୁ ।

କଣ ଭାବୁଥିବ ମିନା ଏକା ଏକା ?

ମିନା କଣ କେବେ ଭାବିପାରୁଥିବ ବିନୟ ଆଉ ଗୋଟେ ବାହା ହେଇଯାଇଛି ତାକୁ ନଜଣେଇ ।

ବିନୟ ବାସନ୍ତୀକୁ ଚାହିଁଲା । ବାସନ୍ତୀ ଆଉ ତା ସାଙ୍ଗ କ'ଣ କଥା ହେଉଛନ୍ତି । ବିନୟକୁ ଶୁଭୁନି । ମୁହଁକୁ ମୁହଁ ପୋତି କଥା ହେଉଛନ୍ତି । ଟୋକୀଗୁଡ଼ାଙ୍କର ଯାପ ଏଇ ଅଭ୍ୟାସ । ସବୁବେଳେ ଗୋଟେ ଫୁସୁ ଫୁସୁ...ମୁସୁ...ମୁସୁ.....

ବାସନ୍ତୀବି କୋଉ ସ୍ୱପ୍ନରେ ଭାବିଥିବ ବିନୟ ତାକୁ ମିଛ କହିଛି ?

ବିନୟ ଠିକ୍‌କଲା ଆଜି ରାତିରେ ବାସନ୍ତୀକୁ ଦୁଇଟି ସର୍ପରାଇଜ୍ ଦେବ । ପ୍ରଥମେ ଦବ ସାଢ଼େ ଚାରିହଜାର ଟଙ୍କା ଦେଇ କିଣିଥିବା ସୁନା ଚେନ୍ । ଏ ସୁନାଚେନ୍ କିଣିବାକୁ ତାକୁ ଦେବ ପାଖରୁ ତିନିହଜାର ଟଙ୍କା ଧାର କରିବାକୁ ପଡ଼ିଛି ।

ତାପରେ......

ତାପରେ କହିବ..... ବାସନ୍ତୀ ତମକୁ ଗୋଟେ କଥା ମୁଁ ଲୁଚେଇଛି କହିନି । କହିନି ମାନେ ସେମିତି କିଛି କାରଣ ନାହିଁ । କହିନି ତ କହିନି ।

ପ୍ରକୃତ କଥା ହେଉଛି ମୁଁ ବାହା ହେଇଛି । ମୋ ଆଗ ସ୍ତ୍ରୀ ମିନା....ଗାଁରେ ଅଛି । ଦେଖ କିଛି ଅସୁବିଧା ହେବନି । ସେ ସେଇ ଗାଁରେ ରହିବ । ତାକୁ ଗାଁରେ ରହିବାକୁ ଭଲଲାଗେ । ସହର ତାକୁ ମାଡ଼ି ମାଡ଼ି ପଡ଼େ ।

Source: Author, Digitized by PPRACHIN, SOA

ସେ ଭାରୀ ସରଳ ସ୍ତ୍ରୀ ଲୋକଟେ ।

ସେ ଖୁବ୍ ଦୁଃଖି ସ୍ତ୍ରୀ ଲୋକଟେ । ବାହାଘରର ଚାରିବର୍ଷ ପରେବି ତାର ପିଲାପିଲି ନାହିଁ । ସେଇଥିପାଇଁ ତାର ଦୁଃଖ ।

ସେ ତମକୁ କିଛି କହିବନି । ଦେଖିବ ସେ ତମକୁ କେତେ ଭଲପାଇବ । ହେଲେ ଗୋଟେ କଥା ମାନିବ ବାସନ୍ତୀ ତମ ଠଉ ମୋର ଯେଉଁ ପିଲା ହେବ ସେମାନଙ୍କୁ କହିବ ସେମାନେ ମିନାକୁବି ବୋଉ ଡ଼ାକିବେ । କେବଳ ଏଇ ଗୋଟିଏ ବିଷୟ ନେଇ ତାକୁ କିଛି କହିବନି । ତାର ମନଦୁଃଖ ହେବ । ଖୁବ୍ ବାଧିବ ତାକୁ ।

ଆଉ ମୋ ବୋଉ ?

ସେ ବି କିଛି କହିବନି ଦେଖିବ । ସେ ବି ତମକୁ କୋଟି ଆଦର କରିବ । ତମେ ଥରୁଟିଏ ମା' ହେଲାପରେ ଦେଖିବ ମୋ ବୋଉ କେତେ ଆଦର କରିପାରେ । ଲକ୍ଷ୍ମୀପ୍ରତିମା କରି ବସେଇବ ତୁମକୁ । ବିଚାରୀ ଭାରି ଦୁଃଖ ତାର । ତା ପୁଅର ବଂଶ ବୁଡ଼ିଯିବ ବୋଲି ଦୁଃଖ ତାର । ସେ ମିନାକୁବି ପହିଲେ ଯତନ କରୁଥିଲା । ଏବେ ରାଗୁଛି ।

କେମିତି ରାଗିବନି ?

ତାର କଣ ଇଚ୍ଛା ନାହିଁ ବୁଢ଼ୀ ବଅସରେ ନାତି ନାତୁଣୀ ଖେଳେଇବାକୁ । ମୋ ସାଙ୍ଗରେ ମୋ ପଛରେ ବାହାହେଇଥିବା ପିଲାଙ୍କର ଗୋଟେ ଦିଇଟା ଲେଖା ହୁଅା ହେଇସାରିଲେଣି । ଏସବୁ ଦେଖି ତାକୁ ବାଧିବନି ?

କାର୍ ବ୍ରେକ୍ ଦେଲା ।

ଆଗକୁ ଝୁଙ୍କିଗଲେ ସମସ୍ତେ ।

ବାସନ୍ତୀ ସାଙ୍ଗର ଘର ଏଇ ଗଳିରେ ପଡ଼ିବ । ସେ ଓହ୍ଲେଇ ବିନୟ ବସିଥିବା ପଟକୁ ବୁଲିଆସିଲା । କାର୍ ଝରକାରେ ମୁଣ୍ଡ ଗଳେଇ ବିନୟକୁ କହିଲା

ବିନୟବାବୁ ବେଷ୍ଟ ଅଫ୍ ଲକ୍......

ବିନୟ ହସିଲା କେବଳ । କଣ କହିଥାନ୍ତା ଭାବି ପାରିଲାନି । ବାସନ୍ତୀ ବୋଉ ତା ପରଦିନ ଘରଆଡ଼େ ବୁଲିଆସିବାକୁ କହିଲେ । କାର୍ ଚାଲିବା ପରେବି ବାସନ୍ତୀ ମୁଣ୍ଡଗଳେଇ ହାତ ହଲେଇଲା ତା ସାଙ୍ଗକୁ ।

ବାସନ୍ତୀ ଆର ହାତକୁ ବିନୟ ଚିପିଦେଲା ଯୋର୍‌ରେ । ଆଗରେ ଡ୍ରାଇଭର, ବୋଉ ଆଉ ଶିପୁ । ବାସନ୍ତୀ ଚମକି ପଡ଼ି ସମସ୍ତଙ୍କୁ ଚାହିଁଲା ।

ସମସ୍ତେ ଆଗକୁ ଚାହିଁଛନ୍ତି ।

Source: Author, Digitized by PPRACHIN, SOA

ହେ....ଏକି ବାହାଘର ?

ସବୁକିଛି ସହଜ । ଯେମିତି କିଛି ହେଇନି ଆଜି । ଅନ୍ୟ ଦିନ ପରି ଆଜିଦିନ ।

ବିନୟ ସେମିତି ଅନ୍ୟଦିନ ପରି ବାସନ୍ତୀ ଘରକୁ ବୁଲି ଆସିଛି । ଏଇ ସଂଜ ଘଡ଼ିକ ରହି ପୁଣି ପଳେଇଯିବ ତା ବସାକୁ । ସେମିତିହିଁ ଲାଗୁଛି ।

ଆଗରୁ ଯୋଉଟା ବାସନ୍ତୀ ବଖରା ଥିଲା ବିନୟ ସେଇଠି ବସିଛି । ବସି ଟିଭି ଦେଖୁଛି । ପାଖରେ ବସିଛି ଶିପୁ । ଶିପୁର ମନକୁ ବୋଧେ ଏସବୁ ଯାଇନି ।

ବାହାଘର କଣ ଏମିତିକା ?

ଶିପୁ ଚୁପ୍‌ଚାପ୍ । ତାପରେ ସେ ଆଗରୁବି ବିନୟର ଆଗକୁ ଆସେନି । ବିନୟ ବାଧ କରି ପାଖରେ ବସେଇଛି । ବିନୟ ଶିପୁକୁ ପାଖରେ ବସେଇଛି, କାହିଁକିନା ତାକୁବି ଭଲଲାଗୁନି । ଏକା ଏକା କଣ ବସିବ ? ଆଜିତ ଆଉ ବାସନ୍ତୀକୁ ପାଖରେ ବସେଇ ଗପି ହେବନି । ବାସନ୍ତୀ ବୋଉ ରୋଷେଇ କରୁଛନ୍ତି । କ'ଣ ରାନ୍ଧୁଛନ୍ତି ଭାରି ବାସ୍ନା ହଉଛି । ବାସନ୍ତୀ ସେଇ ରୋଷେଇଘରେ ଘଡ଼ିଏ ତ ଆଉ ଘଡ଼ିଏ ବିନୟ ପାଖରେ ମୁହଁ ମାରିଯାଉଛି ।

ବିନୟକୁ ବିରକ୍ତିଆ ଲାଗିଲାଣି ।

ଘଣ୍ଟା କଣ୍ଟା ଖୁବ୍ ମଠେଇ ମଠେଇ ଚାଲିଛି ଟିକ୍-ଟିକ୍-ଟିକ୍ ।

ଆଜି ବାସନ୍ତୀର ବୋଉ ଏତେଟା ସହଜ ହୋଇପାରୁନାହାନ୍ତି ବିନୟ ସାଙ୍ଗରେ । ବିନୟ କ୍ୱାଇଁ ହେଇଯାଇଛି ।

ହାଃ.....ହାଃ.....କ୍ୱାଇଁ.......

ବାସନ୍ତୀ ସାଙ୍ଗରେ ସେ ଆଉ ଘରକୁ କେମିତି ଯିବ ? କିଏ ଆଗତୁରା ଯିବ ? ମିନା ବେଳେତ ସେମିତି ହେଇଥିଲା । ଚତୁର୍ଥି ଦିନ ସେ ଦାଣ୍ଡ ଚଉଁରା ଉପରେ ଶୋଇପଡ଼ିଥିଲା । ନିଦ ହେଇଯାଇଥିଲା । ପ୍ରଭା ଭାଉଜ ଆଉ କମଳା ଭାଉଜ ତାକୁ ଉଠେଇଲେ ।

ସେତେବେଳକୁ ଘର ଶୁନ୍‌ଶାନ୍ । କିଏ କୁଆଡ଼େ ଖାଇ ପି' ଘରେ ପଶି କବାଟ

Source: Author, Digitized by PPRACHIN, SOA

କିଳିସାରିଲେଣି । ବିନୟକୁ ଟାଣି ଟାଣି ମିନା ବସିଥିବା ଘରେ ପୂରେଇ ଦେଇଥିଲେ ।

ଆଜି କିଏ ଏମିତି କରିବ ?

କେହିତ ନାହାଁନ୍ତି ।

ବିନୟକୁ ସବୁ ଅକଳିଆ ଅକଳିଆ ଲାଗୁଛି । ଦିନତମାମ୍ ଧାଁ ଧଉଡ଼ରେ ଆଖିବି ମାଡ଼ିଲାଣି । ଟି.ଭି.କୁ ଅନେଇବାକୁ ଇଛା ହେଉନି ।

ବାସନ୍ତୀ ଖାଇବା ଆଣି ଆସିଲା ।

ବିନୟ ଆଉ ଶିପୁ ବସିଲେ ଥାଳି ପାଖରେ । ବିନୟକୁ ଭୋକ କିନ୍ତୁ ଲାଗୁନି । ଦୁର୍ବଳିଆ ଲାଗୁଛି । ଶାଶୁବୁଢ଼ୀ ବହୁ ଠା' କରିଛି । ବିନୟର ବାହାଘର କିନା । ଗାଁରେ ହେଇଥିଲେ କେତେ ଲୋକଙ୍କୁ ଡ଼କାହେଇଥାନ୍ତା । ଏଠି ପାଖ ପଡ଼ୋଶୀଙ୍କୁ ବି କୁହାଗଲାନି । ବିନୟ ମନା କରିଥିଲା । ବାସନ୍ତୀ ଆଉ ତା ବୋଉର କିନ୍ତୁ ଇଛା ଥିଲା ପାଖ ପଡ଼ୋଶୀ ପାଞ୍ଚ ଜଣଙ୍କୁ ଡ଼ାକି ଖାଇବାକୁ ଦେଇଥାନ୍ତେ ।

ଶିପୁଟା ଖାଉନି । ଭୋକ ହଉନି କି ଲାଜ କରୁଛି କେଜାଣି ?

ଶିପୁ ବିନୟକୁ କଣ ଭାବୁଥିବ ?

ବିନୟବି ଶିପୁକୁ କିଛି କହେନି । କ'ଣ କହିବ ଜାଣିପାରେନି ।

ବିନୟ ହାତ ଧୋଇଲା । ବାସନ୍ତୀ ଗାମୁଛା ଗୋଟେ ଆଣିଦେଲା । ପାଣି ଦେବାକୁ ଶିପୁକୁ କହିଲା । ବିନୟ ପାଣି ପିଇସାରି ଖଟରେ ବସିଲା । ଭାବିଲା ଏବେ କଣ କରାଯାଇପାରେ । ସେ କେମିତି ଯିବ ସେ ଘରକୁ ନା ବାସନ୍ତୀ ଡ଼ାକିଲା ପରେ ଯିବ ?

ଧେତ୍....ଏ କାର୍ଯ୍ୟ ନୁହେଁ । ଶିପୁ ତା ପଢ଼ାଘରକୁ ବୋଧେ ପଳେଇଲାଣି । ବାସନ୍ତୀ ବୋଉ ରୋଷେଇଘରେ ଅଛନ୍ତିକି କଣ । ବାସନ୍ତୀ ଟ୍ୟାପ୍ ପାଖରେ ଖୁଡୁରୁ ଖୁଡୁରୁ କରୁଛି ବାସନ ।

ଶୁନ୍ ଶାନ୍ ହେଇଗଲା ଘର ଘଡ଼ିକରେ । ବିନୟ ଛିଡ଼ାହେଲା । ଫ୍ୟାନ୍ ଟିକେ କମେଇଲା । ଘଡ଼ ଘଡ଼ ଖୁବ୍ ଯୋର୍‌ରେ କରୁଛି ଯାପ ।

ହାତ ମୁହଁ ପୋଛି ପୋଛି ବାସନ୍ତୀ ଆସିଲା ।

-ତମେ ଚାବି ନେଇ ଆର ଘରକୁ ଯାଅ । ମୁଁ ଆସୁଛି । ସହଜ ଭାବରେ କହିଲା ବାସନ୍ତୀ ।

ବିନୟକୁ ଲାଗିଲା - ଯେମିତି ସେମାନେ ଆଗରୁ ବାହା ହେଇଛନ୍ତି । ବହୁ ଆଗରୁ । ଏବେ ସେମାନେ ଖାଇ ପିଇ ଶୋଇବାକୁ ବାହାରିଲେ । ଆଉ କିଛି ଗୁରୁତ୍ୱ ନାହିଁ ଆଜି

Source: Author, Digitized by PPRACHIN, SOA

ଶୋଇବାରେ । କିଛି ଗୁରୁତ୍ୱ ନାହିଁ ଆଜି ରାତିର । କିଛି ଗୁରୁତ୍ୱ ନାହିଁ ଆଜି ଦିନର । ବିନୟକୁ ଏମିତି ହିଁ ଲାଗୁଥିଲା ।

ବିନୟ କବାଟ ଖୋଲିଲା ।

ବାଃ ବଢ଼ିଆ ସଜା ହେଇଛି ଘର । ଫୁଲବି ଝୁଲୁଛି ଖଟ ବାଡ଼ାରୁ । ଧଳା ସଫା ବେଡ୍‌ସିଟ୍‌ଟେ ବିଛା ହେଇଛି । ଟେବୁଲ୍ ଉପରେ କାଚ ଜାର୍‌ରେ ପାଣି ରଖାହେଇଛି ।

କାନ୍ଥରେ କୋଉ ଔଷଧ କଂପାନୀର କ୍ୟାଲେଣ୍ଡରଟେ । ଦିଇଟା ଗୁଲୁଗୁଲିଆ ଛୁଆ ଖେଳୁଛନ୍ତି ବସି ।

ଘରେ ଦିଇଟା ବଲ୍ ଲାଗିଛି ।

ଗୋଟେ ହଳଦିଆ ରଂଗର କିରୋ ପାଓ୍ୱାରର ବଲ୍ । ଆଉ ବଲ୍ ପାଖରେ ଗୋଟେ ଝିଟିପିଟି ଛକିଛି । ଘର କାନ୍ଥରେ କଲର ଚକ୍‌ରେ ଏଣୁ ତେଣୁ ଗାରାମାରା ହେଇଛି । ଛୋଟ ପିଲାର ହାତ ପାହାନ୍ତି ଉଚ୍ଚତା ଭଳି ଉଚ୍ଚତାରେ । ବୋଧହୁଏ ଆଗରୁ ଯିଏ ରହୁଥିଲେ ତାଙ୍କ ଛୋଟ ପୁଅକି ଝିଅ ଗାରେଇଛି ।

ବିନୟ ନିରିଖେଇ ଦେଖିଲା ।

ସେ ଔଷଧ କଂପାନୀର କ୍ୟାଲେଣ୍ଡରରୁ ସେ ଗୁଲୁଗୁଲିଆ ଛୁଆ ଦିଇଟା ଓହ୍ଲେଇ ଆସୁଛନ୍ତି ତଳକୁ । ଘୁଷୁରି ଘୁଷୁରି ବୁଲୁଛନ୍ତି ସାରା ଘର । ତାପରେ ଆଣ୍ଠେଇ ଆଣ୍ଠେଇ ଦରାଣ୍ଡୁଛନ୍ତି । ସୋଉଠୁ କାନ୍ଥକୁ ଭରାଦେଇ ଠୁକୁ ଠୁକୁ ଚାଲୁଛନ୍ତି ।

ଜାଆଁଳା.....

ଏକାପରି । ଆଦୌ ଚିହ୍ନି ହଉନାହାଁନ୍ତି ।

ଏକାପରି ଡ୍ରେସ୍ ପିନ୍ଧିଛନ୍ତି । ଏକାପରି ହସୁଛନ୍ତି । ଏକାପରି ଚାହୁଁଛନ୍ତି ।

ରଂଗୀନ ଚକ୍‌ଖଡ଼ି ଧରି ସାରା କାନ୍ଥ ଗାରଉଛନ୍ତି ।

ତଳ ପଟାରେ ଗାରଉଛନ୍ତି । ଆହୁରି ଉଚ୍ଚା କାନ୍ଥକୁ ହାତ ପାଉନି । ବିନୟ ଦୁଇଜଣଙ୍କୁ ଦି କାନ୍ଧରେ ବସେଇ ଉଚ୍ଚା କରୁଛି । ସେଇଠି ବସି ସେମାନେ କାନ୍ଥ ଗାରଉଛନ୍ତି । ଘର ଭିତରେ କାନ୍ଥରେ ଆଉ ଯାଗା ନାହିଁ । ସେମାନେ ବାହାର କାନ୍ଥରେ ଗାରଉଛନ୍ତି ।

ନା ତଥାପି ଗାରେଇବା ସରୁନି ।

ସହରର ସବୁ ଧଳା କାନ୍ଥରେ ଆଲୁରୁ ମାଲୁରୁ ଗାର ।

ଛଟ୍......ଛଟ୍......ଛଟ୍.......

Source: Author, Digitized by PPRACHIN, SOA

ଝିଟିପିଟି ଲାଞ୍ଜ ପିଟିଲା କାନ୍ଥରେ ।

ବିନୟ ଝିଟିପିଟିକି ଚାହିଁଲା । ଖାଇ ପିଇ କେତେ ମୋଟୁଟେ ହେଇଛି ।

ବାସନ୍ତୀ କାହିଁ ? ବିନୟର ମନେପଡ଼ିଲା ବାସନ୍ତୀ ଏତେବେଳଯାଏ ଆସିନି ଆଉ ସେ ଏ ଘରେ ବାସନ୍ତୀକୁ ହିଁ ଅପେକ୍ଷା କରି ବସିଛି ।

ବାସନ୍ତୀ ତେବେ ଏତେବେଳଯାଏଁ କରୁଛି କଣ ? ସଜ ହଉଛି ?

ବାସନ୍ତୀ ଆସୁଛି....

ନାଲି ପାଟ ଗୋଟେ ପିନ୍ଧିଛି ।

କପାଳରେ ଟୋପି ଟୋପି ଚନ୍ଦନ ମାରିଛି । ଗାଢ଼ ନାଲି ଲିପ୍‌ଷ୍ଟିକ୍ ମାରିଛି ଓଠରେ । ମୁଣ୍ଡରେ ଓଢ଼ଣା ଦେଇଛି । ସୁନ୍ଥାରେ ମେଞ୍ଚେ ସିନ୍ଦୁର । ଝୁଣୁ ଝୁଣୁ ହଉଛି କାଚ । ଝମ୍ ଝମ୍ ହଉଛି ପାଉଞ୍ଜି ।

ବାସନ୍ତୀ ଆସୁଛି ।

ହାତରେ ଧରିଛି ଦୀପ । ଧିକ୍ ଧିକ୍ ଜଳୁଛି ସେ ଦୀପ । ସାମାନ୍ୟ ନଇଁ ନଇଁ ଆସୁଛି ବାସନ୍ତୀ । ମହକୁଛି ଘର । ଫୁଲର ବାସ୍ନାରେ ମହକୁଛି । ଚକ୍‌ମକ୍ କରୁଛି ଓଢ଼ଣୀର ଚୁମ୍‌କି ।

ବିନୟ ଧିରେ ଛୁଉଁଛି ବାସନ୍ତୀକୁ ।

ଶୀହରଣରେ ଝାଉଁଳି ଯାଉଛି ବାସନ୍ତୀ ।

ଖଡ୍ କରି ଶବ୍ଦ ଶୁଭିଲା । ଦାଣ୍ଡ କବାଟ ବୋଧେ ଖୋଲିଲା । ବାସନ୍ତୀ ହୁଏତ ଆସୁଛି ।

ବାସନ୍ତୀ ଆସିଲା । ନାଇଟ୍ ଗାଉନ୍ ପିନ୍ଧିଛି ବାସନ୍ତୀ । ନାଲି ପାଟ ପିନ୍ଧିନି । କପାଳରେ ଚନ୍ଦନ ମାରିନି । ଓଠରେ ଲିପ୍‌ଷ୍ଟିକ୍ ମାରିଛି । ସୁନ୍ଥାରେ ସିନ୍ଦୁର ଲାଗିଛି । ବିନୟ ମନ୍ଦିରରେ ପିନ୍ଧେଇ ଦେଇଥିଲା ।

ହାତରେ ଦୀପ ଧରିନି ବାସନ୍ତୀ । ଧରିଛି ଗୋଟେ କ୍ୟାଣ୍ଡେଲ୍, ଗୋଟେ ଦିଆସିଲି । କାନ୍ଧରେ ପକେଇଛି ଟର୍‌କିସ୍‌ଟେ ।

ବିନୟକୁ ରାଗ ଲାଗିଲା । ଦେଖିଲା ବେଳକୁ ଫୁଲ ଝୁଲୁଛି ଖଟ ବାଡ଼ରେ । କ'ଣ ନା ବାସର ରାତି । ଦେଖିଲା ବେଳକୁ କନିଆ ଆସୁଛି ଢ଼େପୋଇ ଢ଼େପୋଇ ।

ଧୁତ୍......

Source: Author, Digitized by PPRACHIN, SOA

ଦିନ ଦ୍ୱିପ୍ରହରେ ବିନୟ ଆଗରେ ଅଦଭୁତ ହେଇଥିବା ବାସନ୍ତୀକୁ ଆଜି ଲାଜ ଲାଗିଲା । ଲାଇଟ୍ ଜଳେଇବାକୁ । ଏମିତିକା ଜିରୋ ପାୱାରଟାକୁବି ଜଳେଇ ଦେଲାନି ।

ଘରଟା ପୂରା ଅନ୍ଧାର ।

ବିନୟ ଭିଡ଼ି ଶୋଇଛି ବାସନ୍ତୀକୁ ।

ବାସନ୍ତୀ ଉଠି ଡ୍ରେସ୍ ପିନ୍ଧୁଥିଲା । ବିନୟ ପିନ୍ଧେଇ ଦେଲାନି । କଟ୍ କଟ୍ କରୁଛି ଫ୍ୟାନ୍ । ସଁ...ସଁ ନିଶ୍ୱାସ ମାରୁଛି ବାସନ୍ତୀ । ତଥାପି ବାସନ୍ତୀର ସାରା ଦିହରେ ହାତ ବୁଲୁଛି ବିନୟର ।

ପ୍ରଥମରୁ ଆଜି ବାସନ୍ତୀ କଣ ଗୋଟେ କହିବ କହିବ ବୋଲି କହୁଥିଲା । ବିନୟ ଶୁଣିବା ଅବସ୍ଥାରେ ନଥିଲା । ୟାପ ମଣିଷ କଣ ଆଜି ପରିକା ରାତି ପାଇଛି କଥାବାର୍ତ୍ତା କରି ରାତି ପାହିବାକୁ ।

ପୁଣି ଗୁରୁଦ୍ୱର କଥା କୁଆଡ଼େ ।

ସେ କଥା ଶୁଣିଲେ ବିନୟ କାଳେ ତାକୁ ଛାଡ଼ି ପଳେଇବ ।

ହେଲେ କୁଆଡ଼େ ଆଉ ଯିବ ବିନୟ ? ମିନା ପାଖକୁ ? ନା ଆଉଗୋଟେ ବାସନ୍ତୀ ଖୋଜିବାକୁ ? ସେଇ ଡ଼ରରେ କୁଆଡ଼େ ବାସନ୍ତୀ ହଜାର ଥର ଚେଷ୍ଟାକରିବି କହିପାରିନଥିଲା ସେକଥା । କୁଆଡ଼େ ବିନୟ ବସାକୁବି ବାସନ୍ତୀ ସେଦିନ ସେଇକଥା ଖାଆସେ କହିବାକୁ ଯାଇଥିଲା । କହିପାରିଲାନି ।

କୋଉ କଥା ?

ଆଗରୁ ବାସନ୍ତୀର କାହାସାଙ୍ଗରେ ସଂପର୍କ ଥିଲାତ ? ଶୁଆ ବସା ବି ଥିଲା, ଏଇଆତ ?

ଥିଲା ତ ଥିଲା । କଣ ହେଇଗଲା ସେଇଠୁ ? ବିନୟ ମହାପାତ୍ର କଣ ଜାଣିନି ତୁ ଗୋଟା ବାର ଘଇତେଇ ବେଧ ବୋଲି । ସେଦିନ ପହିଲି ଥରରୁ ଜାଣିଛି ପରା । ତଥାପି ବିନୟ ମହାପାତ୍ର ତୋତେ ବାହାହେଇଛି । ପୁଣି ଭଲପାଇକି ବାହା ହେଇଛି ।

Source: Author, Digitized by PPRACHIN, SOA

ବଡ଼କଥା ହେଲା ବିନୟ ମହାପାତ୍ରର ବଂଶରକ୍ଷା ଦରକାର । ତା ବିଧବା ବୋଉ ଶାନ୍ତିରେ ଆଖିବୁଜିବା ଦରକାର । ତୁ ନହେଇଥିଲେ ଆଉ କାହାକୁ ବାହା ହେଇଥାନ୍ତା । ତୁ ଭଲ ଲାଗିଲୁ । ସେଇଥିପାଇଁ ତୋତେ ବେକରେ ଗଳେଇଲା ବିନୟ ମହାପାତ୍ର ।

ବାହାରେ କୁକୁର ଭୁକୁଛି ।

ଝରକା କଣା ଦେଇ ସରୁ ଆଲୁଅ ଧାରେ ପଡ଼ିଛି ଘର ଭିତରକୁ । ବିନୟ ସେଇଠିକି ଚାହିଁଲା ।

ଏବେ କହିଦେବ ବିନୟ ?

କହିବ, ବାସନ୍ତୀ ମୋର ବି ଗୋଟେ କଥା ଅଛି, ମୁଁ ବି କହିପାରିନି ।

ବିନୟ ବାସନ୍ତୀ ପିଠିରେ ହାତ ବୁଲଉ ବୁଲଉ ଡ଼ାକିଲା

-ଏଇ.....

-ହଁ......

ବିନୟ ଭାବିଲା କହିବ ଏବେ ? ଦୁଇ ଚାରିଦିନ ପରେ କହିଲେ ହେବନି ? ନହେଲେ ଏକାଥରେ ମିନାକୁ ଆଣି ଭେଟି କରେଇଦେଲେ କେମିତି ହୁଅନ୍ତା ।

ଦୁହେଁ ଆଶ୍ଚର୍ଯ୍ୟ ହୁଅନ୍ତେ । ଅଭିମାନ କରନ୍ତେ । ରାଗନ୍ତେ ।

ଆହୁରି ପାଖକୁ ଲାଗି ଆସିଲା ବାସନ୍ତୀ । ବିନୟ ତା ପାଦ ପାଖରୁ ମୁଣ୍ଡ ଯାଏଁ ଅନୁଭବ କରୁଥିଲା । ବାସନ୍ତୀର ଖୋଲା ଦିହକୁ । ଥଣ୍ଡା ଥଣ୍ଡା ଲାଗୁଛି ବାସନ୍ତୀ ଦିହ ।

ବିନୟକୁ ପୁଣି ଉତ୍ତେଜିତ ଲାଗିଲାଣି । ଧପ୍ ଧପ୍ କଲାଣି ଛାତି । ଭିଡ଼ି ହେଇଯାଉଛି ପୁଣି ତା ହାତ ବାସନ୍ତୀ ଦିହରେ । ବାସନ୍ତୀ ସେଇଠି ବିନୟ ଛାତି ପାଖରେ ମୁଣ୍ଡରଖି କହିଲା।

-ମୁଁ କହୁଥିଲି ପରା.....

-କଣ.......

-ସତ କୁହ.....ମୋତେ ଛାଡ଼ି ପଳେଇବନିତ ଶୁଣିଲାପରେ

-ନାଁ....କହିଲି ପରା.....

-ମୋ ମୁଣ୍ଡ ଛୁଅଁ.....ବାସନ୍ତୀ ବିନୟର ହାତନେଇ

ରଖିଲା ତା ମୁଣ୍ଡରେ ।

ପୁଣି ଚୁପ୍‌ଚାପ୍.....

ଫ୍ୟାନ୍ ଘୁରୁଛି କଟ୍....କଟ୍....କଟ୍....

Source: Author, Digitized by PPRACHIN, SOA

ବିନୟ ହାତ ଖସେଇଲା ତଳକୁ । ଆହୁରି ତଳକୁ । ଅଟକେଇଲା ନେଇ ବାସନ୍ତୀର ପେଟ ଉପରେ । ହାତ ବୁଲେଇଲା ତମାମ୍ ପେଟ ଉପରେ ।

-ଏଇ.....ବିନୟ ଧିରେ ଡ଼ାକିଲା ।

-ହୁଁ

-କଣ ହବ ଆମର ପ୍ରଥମେ ? ପୁଅ ନା ଝିଅ ? ବିନୟ ପଚାରିଲା ବାସନ୍ତୀ କାନ ପାଖରେ ମୁହଁ ଲଗେଇ ।

ହଠାତ୍ ବିନୟ ଅନୁଭବ କଲା । ବାସନ୍ତୀ ଛିଟିକି ପଡୁଛି ତାଆଠୁ । ଚମକି ପଡୁଛି ଭୟରେ । ଖସିଯାଉଛି ତାଆଠୁ ।

କଣ ହେଲା ?

ବାସନ୍ତୀ କାନ୍ଦୁଛି । କଇଁ କଇଁ ହେଇ କାନ୍ଦୁଛି ।

କଣ ହେଲା ? ବିନୟ ବୁଝିପାରୁନି କଣ ହେଲା ହଠାତ୍ ବାସନ୍ତୀର । କଣ ସେ କିଛି କହିଲାକି ? କହିଲାକି କିଛି ?

ବିନୟ ବୁଝେଇବାକୁ ଚେଷ୍ଟାକଲୋ । ପାଖକୁ ଭିଡ଼ିଲା । ଆଖିରୁ ଲୁହ ପୋଛିଲା । ଗେଲ କଲା । ମୁଣ୍ଡ ବାଳ ଆଉଁଷିଲା ।

-ମୁଁ ଖୁବ୍ ସ୍ୱାର୍ଥପର ନୁହେଁ ? ଅଧା କାନ୍ଦ ମିଶା ସ୍ୱରରେ କହିଲା ବାସନ୍ତୀ ।

ବିନୟ ବୁଝିପାରିଲାନି । କିଛି କଥା ନଥାଇ କୁଁ କୁଁ ହେଲେ ବିନୟକୁ ଚିଡ଼ା ଲାଗେ । ବୁଝେଇ ବୁଝେଇ ଶଳା ବୁଝୁନି ।

ବାସନ୍ତୀ ନାକକାନ୍ଦୁରୀ ସ୍ୱରରେ କହିଲା ।

-ମୁଁ ସେଦିନ କହୁଥିଲିନା ମୋର ବାହାହବାକୁ ଇଚ୍ଛାନାହିଁ । କହୁଥିଲିନା ?

ଇଚ୍ଛା ନଥିଲା ମାନେ ମୁଁ କାହାକୁ ଠକିବାକୁ ଚାହୁଁନଥିଲି । ହେଲେ ଆପଣଙ୍କୁ ଠକିଦେଲି । ନୁହେଁ ? ମୋର କିନ୍ତୁ ଆପଣଙ୍କୁ ଠକିବାକୁ ଆଦୌ ଇଚ୍ଛା ନଥିଲା । ମୁଁ କେବଳ ମୋର ଜଣେ ଭଲ ବନ୍ଧୁ ଭାବରେ ଆପଣଙ୍କୁ ଦେଖୁଥିଲି । କ'ଣ ହେଲା କେଜାଣି ଆଉ ଆପଣଙ୍କୁ ହରେଇବାକୁ ଇଚ୍ଛା ହେଲାନି । ବହୁଥର ଭାବିଛି ସବୁ ଖୋଲି କହିଦେବି । ହେଲେ ଡ଼ରଲାଗେ । କାଳେ ମୋତେ ଛାଡ଼ିଦେବେ ସେଇ ଭୟ ମୋ ପାଟି ବନ୍ଦ କରିଥିଲା । ମୁଁ ଭାବିଥିଲି ଥରେ ବାହାହେଇ ଗଲେ ମୋତେ ଛାଡି ପଳେଇଲେବି ମୁଁ ଆପଣଙ୍କର ହେଇ ରହିବି ।

ଆପଣ ମୋତେ ଭଲ ଝିଅଟେ ବୋଲି ଭାବିଛନ୍ତି । ନୁହେଁ ? ମୁଁ ଆଦୌ ଭଲ ଝିଅ

Source: Author, Digitized by PPRACHIN, SOA

ନୁହେଁ । ଛୋଟରାୟ ଠିକ୍ କଥା କହିଛି । ମୋ ଚରିତ୍ର ଆଦୌ ଭଲ ନୁହେଁ ।

ବାସନ୍ତୀ ଟିକେ ଅଟକିଲା । ନିଶ୍ୱାସ ପ୍ରଶ୍ୱାସ ନେଲା । ପୁଣି କହିଲା ସେମିତି କାନ୍ଦି କାନ୍ଦି ।

-ଜାଣିଛନ୍ତି ଖୁବ୍ କଷ୍ଟ ଲାଗୁଛି ଏତେ ଦିନ ଧରି ସତକଥାଟେ ଲୁଚେଇଥିଲି ବୋଲି । ଏବେ ସବୁ କହିବି । ସବୁ ଖୋଲି କହିଦେବି । ହେଲେ ମୋ କଥା ମାନି ଆପଣ ଆଉ ଗୋଟେ ବାହାହେବେ । ମୋଠୁ ସୁନ୍ଦର ହେଇଥିବ ମୋଠୁ ଭଲ ହେଇଥିବ । ମୋଠୁ ବି ଅଧିକା ଭଲ ପାଇବ ଆପଣଙ୍କୁ । ମୁଁ ଏମିତି ଏଇଠି ରହିବି । ଆଗରୁତ କହିଛି ମୋର କିଛି ଦରକାର ନାହିଁ | ଆପଣ ମୋତେ ଗୋଟେ ଦିନ ପାଇଁ ହେଉପଛେ ସ୍ତ୍ରୀ ଭାବିଛନ୍ତି, ମୋତେ ମନ୍ଦିରରେ ହେଉପଛେ ବାହା ହେଇଛନ୍ତି, ସେତିକି ଯଥେଷ୍ଟ ମୋ ପାଇଁ । ମୁଁ ତ ସେତିକି ମାଗିଥିଲି.......

ବିନୟ ବୁଝିପାରୁନି ତଥାପି.....

ମୁଣ୍ଡ ଖରାପ ହେଇଗଲାକି ବାସନ୍ତୀର ? କଣ କହୁଛି ସେ ?

ବାସନ୍ତୀ କଣ ଖବର ପାଇଯାଇଛି ମିନା କଥା ?

କିଏ କହିଲା ?

ତଥାପି ସୁଁ ସୁଁ ହଉଛି ବାସନ୍ତୀ । ବିନୟ ଜାଣିନଥିଲା ବାସନ୍ତୀକୁ କାନ୍ଦିଆସେ ।

ବାସନ୍ତୀ ବିନୟର ହାତ ଅଂଧାରରେ ଅଣ୍ଡାଳି ଧରିଲା । ହାତ ଧରି ନେଇ ଲଗେଇଲା ତା ପେଟ ଉପରେ । ତା ପେଟ ଉପରେ ବିନୟର ହାତକୁ ବୁଲେଇଲା ।

କହିଲା - ସେତିକି କଥା ହିଁ ଲୁଚେଇଥିଲି । କହିନଥିଲି ଡ଼ରି । ସେଇଥିପାଇଁ କହୁଥିଲି ମୁଁ ବାହାହେବିନି । ସେଇଥିପାଇଁ କହୁଛି ଆପଣ ଆଉ ଯାହାକୁ ବାହାହେଲେବି

ମୋର କିଛି କହିବାର ନାହିଁ । ସେଇଥିପାଇଁ କହିଥିଲି ମୋର କିଛି ମାଗିବାର ନାହିଁ । ଏଇଥିପାଇଁ ମାଗିବାର ନାହିଁ କି ମୋର କିଛି ଦେଇପାରିବାର କ୍ଷମତା ନାହିଁ । ଆପଣଙ୍କ ଛୁଆମାନଙ୍କର ମା ହେବାର ଶକ୍ତି ନାହିଁ ମୋର । ମୁଁ କେବେବି ମା' ହେଇପାରିବିନି । ଆପଣଙ୍କ ସ୍ୱପ୍ନକୁ ପୂରାକରିପାରିବାର ବାଟ ଆଉ ନାହିଁ ମୋ ପାଖରେ । ଆବରେସନ୍ ପରେ ଆବରେସନ୍ କରି ମୁଁ ସବୁ ହରେଇ ସାରିଛି । ମୁଁ ଭଲ ଝିଅ ନୁହେଁ.....ଆଦୌ ଭଲ ଝିଅ ନୁହେଁ.....

ବାସନ୍ତୀ ଆହୁରି କ'ଣ କହୁଥିଲା ।

ଆହୁରି କ'ଣ ସଫେଇ ଦେଉଥିଲା ।

Source: Author, Digitized by PPRACHIN, SOA

ହେଲେ ବିନୟଙ୍କୁ ଆଉ ବାସନ୍ତୀର ସ୍ୱର ଶୁଭିଲାନି । ସେ ହଠାତ୍ ବାସନ୍ତୀର ଅସ୍ତିତ୍ୱ ତା ପାଖରୁ ଭୁଲିଗଲା ।

ତାକୁ ଶୁଭିଲା ଝିଟିପିଟି ପୁଣି ଲାଞ୍ଜ ପିଟୁଛି....କାନ୍ଥରେ ଛ....ଛ.....ଛ....

ଅନ୍ଧାର ଘରର କାନ୍ଥରେ ବିନୟକୁ ଦିଶିଲା ସେ ଔଷଧ କଂପାନୀର କ୍ୟାଲେଣ୍ଡରରୁ ସେ ଗୁଲୁଗୁଲିଆ ଛୁଆ ଦିଇଟାଙ୍କ ହାତର ଠିକ୍ ପଛକୁ ଦୋଅଟି ଲେଖା ଡେଣା କଅଁଳୁଛି । ଡେଣା କଅଁଳୁଛି ଧିରେ ଧିରେ । ଖୁବ୍ ଧିରେରେ । ବିନୟ ଏକ ଲୟରେ ଚାହିଁଲା ସ୍ୟାଡ଼ିକି । ଅନ୍ଧାରରେ ବି ଦେଖିପାରୁଛି ସେ ଛୁଆ ଦିଇଟା କ୍ୟାଲେଣ୍ଡରରୁ ମୁକୁଳି ଉଡ଼ିଲେ । ଫଡ଼ ଫଡ଼ କରି ଉଡ଼ିଲେ ସାରା ଘର ....

ବିନୟ ଠିଆ ହେଲା ସେଇ ଖଟ ଉପରେ............

ଫ୍ୟାନ୍ କଟ୍ କଟ୍ କରି ଘୁରୁଛି ପାଖରେ । ବିନୟ ହାତ ବଢ଼େଇଲା ସେ ଛୁଆ ଦିଇଟାକୁ ଧରିବାକୁ ....

Source: Author, Digitized by PPRACHIN, SOA